୬ ଟି-୨୦ ବିଶ୍ୱକପ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେବା ମୁଡ୍‌ରେ ନଥିଲେ ରୋହିତ ଓ ମୁଖ୍ୟ ଚୟନକର୍ତ୍ତା !




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୦୭ ● ୧୫ ମଇ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-107 ● 15th May 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24


## ୧୬ରେ ଭୁବନେଶ୍ୱରରେ ରୋଡ୍ ସୋ’ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ସୋ’ କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରୋଡ ସୋ’ ଆସନ୍ତା ୧୬ତାରିଖରେ ରାଜଧାନୀରେ ଆୟୋଜିତ ହେବ। ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଙ୍ଗନଗର ଛକରୁ ରୋଡ୍ ସୋ’ ଆରମ୍ଭ କରିବେ। ଗୋପବନ୍ଧୁ ଛକ, ଡିଏଭି ଛକ, ଏଚଡିଏଫ୍‌ସି ବ୍ୟାଙ୍କ ଛକ, ନୂଆସାହି, ବେହେରା ସାହି, ନିକୋପାର୍କ ଛକ ଓ ବାୟାବାବା ମଠ ଦେଇ ରୁପାଲି ଛକ ପର୍ଯ୍ୟନ୍ତ ଏହି ସୋ’ ଚାଲିବ। ମୁଖ୍ୟମନ୍ତ୍ରୀଙ୍କ ରୋଡ ସୋ’ ବେଳେ ବ୍ୟାରିକେଡିଂ କରାଯିବ। ଏହାସହ କର୍ଡନ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ। ରୋଡ ସୋ’ ସମୟରେ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ରହିବେ। ଉଚ୍ଚ ବିଲଡିଂ ଗୁଡ଼ିକରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ରୋଡ ସୋ’ ପାଇଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି କମିଶନରେଟ ପୁଲିସ। ଏନେଇ ସୂଚନା ଦେଇଛନ୍ତି ଡିସିପି ପ୍ରତୀକ ସିଂ।



ଗତ ୧୦ ତାରିଖ ରାତି ପ୍ରାୟ ୯ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ରୋଡ ସୋ’ କରିଥିଲେ। ମୋଦିଙ୍କ ରୋଡ୍ ସୋ’ ବିଜେପି ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ବାଣୀବିହାର ଛକରେ ପହଞ୍ଚିଥିଲା। ମୋଦିଙ୍କ ରାଲିରେ ପୂରା ଜନପଥଟି ମୋଦି ପଥ ପାଲଟି ଯାଇଥିଲା। ମୋଦିଙ୍କ ସମର୍ଥକମାନେ ବିଜେପି ପତାକା ଧରିଥିଲେ ଓ ମୋଦି ନାରା ଲଗାଉଥିଲେ। ପ୍ରାୟ ୨ ଲକ୍ଷ ଲୋକଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୋଡ୍ ସୋ’ରେ ମଧ୍ୟ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି।

## ଯିଏ ଆପଣଙ୍କ ସାଙ୍ଗରେ ଦିନରାତି ଛିଡ଼ା ହେବେ ସେମାନଙ୍କୁ ଆଶୀର୍ବାଦ କରନ୍ତୁ, ଟ୍ୟୁରିଷ୍ଟଙ୍କୁ ନୁହେଁ

**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ବଡ଼ମ୍ବା, ବାଙ୍କୀ ଓ କଟକରେ କାର୍ତ୍ତିକ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର। ଯିଏ ଆପଣଙ୍କ ସାଙ୍ଗରେ ଦିନରାତି ଛିଡ଼ା ହେବେ, ସୁଖଦୁଃଖରେ ରହିବେ ସେମାନଙ୍କୁ ଆଶୀର୍ବାଦ କରନ୍ତୁ, ଟ୍ୟୁରିଷ୍ଟଙ୍କୁ ନୁହେଁ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

ଜୁନ ୯ ତାରିଖରେ ୧୧.୩୦ରୁ ଅପରାହ୍ନ ୧ ଘଣ୍ଟା ମଧ୍ୟରେ ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହୋଇ ଆପଣଙ୍କ ସେବା କରିବା ପାଇଁ ଦାୟିତ୍ୱ ନେବେ। ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼ କରି ୯୦ ପ୍ରତିଶତ ପରିବାରଙ୍କୁ ଉପକୃତ କରିବେ। ଭୋଟ ଦିନ ବିପୁଳ ସଂଖ୍ୟାରେ ଆସି ଭୋଟ ଦିଅନ୍ତୁ। ଆପଣ ବିଜୁଳି ପାଇବେ, ବିରୋଧୀ କରେଣ୍ଟ ପାଇବେ।

ବିଜେପି କହୁଛି ମାଗଣା ବିଜୁଳି ଦେବ, ୪୦/୫୦ ହଜାର ଟଙ୍କା ଖର୍ଚ୍ଚ କରି ଆପଣ ସୋଲାର ପ୍ୟାନେଲ ଲଗାଇବେ। ସୂର୍ଯ୍ୟ କିରଣରୁ ବିଜୁଳି ମିଳିବ। ଦିନରେ ଲଣ୍ଠନ ଦେଖାଉଛନ୍ତି ବିଜେପି ।ବିରୋଧୀ ଆସିଲେ ପଚାରିବେ, କହିଥିଲେ ଦର ଦାମ୍ କମିବ, ଏଲ୍.ପି.ଜି. ପେଟ୍ରୋଲ, ଡିଜେଲ ଦର କମିଲା କି ? ରୋଜଗାର ଦେଲେ କି ?



ଏଥିସହ ବଡ଼ମ୍ବା ବିଧାୟକ ପ୍ରାର୍ଥୀ ଦେବୀ ବାବୁ ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ବାବୁଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଶକ୍ତି ଦିଅନ୍ତୁ। କାମ କରିବାକୁ ସୁଯୋଗ ଦିଅନ୍ତୁ, ସଂତୃପ୍ତ ବାବୁ ବଡ଼ ଚାକିରି ଛାଡ଼ି ଆସିଛନ୍ତି ଆପଣଙ୍କ ସେବା ପାଇଁ । ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ଶିକ୍ଷ କ୍ଷେତ୍ରରେ ବହୁ ଅଭିଜ୍ଞତା *(ପୃଷ୍ଠା ୭ରେ)*

## ଆମକୁ ରକ୍ଷା କର.. ଭାରତକୁ ଅନୁରୋଧ କଲେ ପିଓକେ ନେତା



**ନୂଆଦିଲ୍ଲୀ, ୧୪/୦୫**

ସ୍କଟଲାଣ୍ଡରେ ରହୁଥିବା ବିଶିଷ୍ଟ ପିଓକେ କାର୍ଯ୍ୟକର୍ତ୍ତା ଅମଜାଦ ଆୟୁବ ମିର୍ଜା ପାକିସ୍ତାନ ଅଧିକୃତ ଜମ୍ମୁ-କଶ୍ମୀରର ରାଜଧାନୀ ମୁଜାଫରାବାଦରେ ଖରାପ ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। “ଆମେ ଏକ ନିରାଶଜନକ ସ୍ଥିତିରେ ଅଛୁ। ପିଓକେର ସୁରକ୍ଷା ଏବେ ଭାରତ ହାତରେ ରହିଛି ବୋଲି ସେ କହିଛନ୍ତି । ପିଓକେରେ ଏବେ ପାକିସ୍ତାନ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି । ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ହିଂସାକାଣ୍ଡରେ ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୯୦ରୁ ଅଧିକ ଆହତ ହୋଇଛନ୍ତି। ବର୍ଦ୍ଧିତ ବିଦ୍ୟୁତ ବିଲ୍ ଓ ଟିକସକୁ ବିରୋଧ କରି ଉତ୍ୟକ୍ତ ଲୋକେ ଲଗାତାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଲୋକଙ୍କ ବିରୋଧକୁ ଦମନ କରିବା ପାଇଁ ପାକିସ୍ତାନୀ ମିଲିଟାରୀ ରେଞ୍ଜର୍ସ ମୁତୟନ କରାଯାଇଛି। ରାଜଧାନୀ ମୁଜାଫରବାଦରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଠାରେ ସୁରକ୍ଷାବାହିନୀ ସ୍ପଷ୍ଟ ଦିବାଲୋକରେ ପ୍ରତିବାଦ କରୁଥିବା ଲୋକଙ୍କୁ ହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି। ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଲଗାତାର ଚତୁର୍ଥ ଦିନ ପାଇଁ ଚକ ଜାମ୍ ଧର୍ମଘଟ ଜାରି ରହିଛି। ଅଶାନ୍ତି ଭିତରେ ଅଧିକାରୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହେଉଛି।


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ଏଡିଆର୍ ରିପୋର୍ଟ: ୮୭ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା

**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଆସନ ପାଇଁ ଆସିଲା ଏଡିଆର୍ ରିପୋର୍ଟ। ଏହି ରିପୋର୍ଟ ଅନୁସାରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ୨୬୫ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୮୭ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା। ୭୦ ଜଣଙ୍କ ନାଁରେ ରହିଛି ସାଂଘାତିକ ଅପରାଧିକ ମାମଲା। ୫ ଜଣଙ୍କ ନାଁରେ ରହିଛି ହତ୍ୟା ଭଳି ସଙ୍ଗୀନ ଅପରାଧିକ ମାମଲା। ୧୬ ଜଣଙ୍କ ନାଁରେ ରହିଛି ହତ୍ୟାଉଦ୍ୟମ ଭଳି ଅପରାଧିକ ମାମଲା। ୧୧ ଜଣଙ୍କ ନାଁରେ ରହିଛି ମହିଳାଙ୍କ ବିରୋଧରେ ନିର୍ଯାତନା ଭଳି ମାମଲା। ସବୁଠାରୁ ସର୍ବାଧିକ ଅପରାଧିକ ମାମଲାରେ ରହିଛନ୍ତି ବିଜେପିର ପ୍ରାର୍ଥୀ।



ବିଜେପିର ୩୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ୨୮ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା। ବିଜେଡିର ୩୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ୯ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା ଏବଂ କଂଗ୍ରେସର ୩୫ ଜଣ ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୭ ଜଣଙ୍କ ନାଁରେ ରହିଛି ଅପରାଧିକ ମାମଲା।

୨୬୫ ଜଣଙ୍କ ପ୍ରାର୍ଥୀଙ୍କ ମଧ୍ୟରୁ ୯୫ ଜଣ କୋଟିପତି ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିର ୩୦ ଜଣ ପ୍ରାର୍ଥୀ, ବିଜେପିର ୨୪ ଜଣ ପ୍ରାର୍ଥୀ ଏବଂ କଂଗ୍ରେସର ମଧ୍ୟ ୨୪ ଜଣ ପ୍ରାର୍ଥୀ ଅନ୍ତଭୁକ୍ତ। ବିଜେପିରୁ ପ୍ରାର୍ଥୀ ହୋଇଥିବା ଦିଲ୍ଲୀପ ରାୟ ସବୁଠାରୁ ଅଧିକ ଧନୀ ପ୍ରାର୍ଥୀ। ଦିଲ୍ଲୀପ ରାୟଙ୍କ ରହିଛି ୩୧୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ବିଜେଡିଣ ପ୍ରାର୍ଥୀ ଦ୍ୱିତୀୟରେ କଳିକେଶ ନାରାୟଣ ସିଂ ଦେଓଙ୍କ ରହିଛି ୭୩ *(ପୃଷ୍ଠା ୭ରେ)*

## ୩.୦୨ କୋଟି ଟଙ୍କା ସମ୍ପତ୍ତିର ମାଲିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



**ବାରାଣସୀ, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ବାରାଣସୀ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ବେଳେ ସେ ତାଙ୍କ ସମ୍ପତ୍ତି ବିବରଣୀ ମଧ୍ୟ ସାର୍ବଜନୀନ କରିଛନ୍ତି। ସତ୍ୟପାଠ ଅନୁସାରେ ପ୍ରଧାନମନ୍ତ୍ରୀ ମୋଦି ୩.୦୨ କୋଟି ଟଙ୍କାର ମାଲିକ। ୨୦୧୪ ଓ ୨୦୧୯ ଅପେକ୍ଷା ମୋଦିଙ୍କ ସମ୍ପତ୍ତି ପରିମାଣ ବୃଦ୍ଧି ପାଇଛି।

୨୦୧୯ରେ ମୋଦିଙ୍କ ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨.୫୧ କୋଟି ରହିଥିଲା। ସେହିପରି ୨୦୧୪ ସତ୍ୟପାଠରେ ମୋଦି ୧.୬୬ କୋଟି ଟଙ୍କାର ମାଲିକ ବୋଲି ଉଲ୍ଲେଖ କରିଥିଲେ।

୨୦୨୪ରେ ମୋଦିଙ୍କ ସମ୍ପତ୍ତିର ମୂଲ୍ୟ ୩.୦୨ କୋଟି ଟଙ୍କାରେ ପହଞ୍ଚିଛି। ମୋଦିଙ୍କ ପାଖରେ ୪ଟି ସୁନା ମୁଦି ରହିଛି। ଏହାର ମୂଲ୍ୟ ୨.୬୭ ଲକ୍ଷ ଟଙ୍କା। ସେହିପରି ସେ ନ୍ୟାସନାଲ ସେଭିଙ୍ଗ୍ସ ସାର୍ଟିଫିକେଟରେ ୯.୧୨ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ୨୦୧୯ରେ ଏନଏସ୍‌ସିରେ ମୋଦିଙ୍କ ନିବେଶ ପରିମାଣ ୭.୬୧ ଲକ୍ଷ ଟଙ୍କା ଥିଲା। ୫ ବର୍ଷ ଭିତରେ ଏଥିରେ ୨ ଲକ୍ଷ ଟଙ୍କାର ଅଭିବୃଦ୍ଧି ହୋଇଛି।

ସତ୍ୟପାଠରେ କୁହାଯାଇଛି ଯେ ମୋଦିଙ୍କ ପାଖରେ ଏବେ ନଗଦ *(ପୃଷ୍ଠା ୭ରେ)*

## ଆଜି ଓଡ଼ିଶା ଆସିବେ ଅମିତ ଶାହ : କଟକରେ କରିବେ ରୋଡ୍ ସୋ



**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି । ଆଗରୁ ରାଉରକେଲା ଓ କଣ୍ଟାବାଞ୍ଜିରେ ଅମିତ ଶାହଙ୍କର ନିର୍ବାଚନୀ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ଥିଲା। ହେଲେ ଏବେ ସେ ବୁଧବାର ଓଡ଼ିଶା ଗସ୍ତରେ ଆସି ସୋରଡ଼ା ଓ ବୌଦ୍ଧରେ ସାଧାରଣ ସଭାରେ ଯୋଗ ଦେବେ ବୋଲି ଜଣାଯାଇଛି। ଏହାଛଡ଼ା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଟକରେ ରୋଡ୍ ସୋ’ କରିବେ। ଅମିତ ଶାହଙ୍କ ରୋଡ ସୋ’ ବକ୍ସି ବଜାରର ଗୋପବନ୍ଧୁ ପାର୍କ ନିକଟରୁ ବାହାରି ବକ୍ସି ବଜାର, ତିନିକୋଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁ ବଜାର, ଚାନ୍ଦିନୀଚୌକ, ମହମ୍ମଦିଆ ବଜାର ଓ ଶେଖ ବଜାର ଦେଇ ଚଣ୍ଡୀ ମନ୍ଦିର ଯାଏ ହେବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମାସରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସି ସୋନପୁରରେ ନିର୍ବାଚନ ବିଗୁଲ୍ ବଜାଇଥିଲେ। ଓଡ଼ିଶାରେ ବିଜେପି ପାଇଁ ପ୍ରଚାର ଆରମ୍ଭ କରିଥିଲେ। ରାମେଶ୍ୱର ଷ୍ଟାଡିୟମରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ଶାହ କହିଥିଲେ, ଓଡ଼ିଶାରେ ଖଣିଜ ସଂପଦ ପ୍ରଚୁର ରହିଛି। ସବୁଠାରୁ ଅଧିକ ପାଣି ରହିଛି। ତଥାପି ଓଡ଼ିଶାର ବିକାଶ ହୋଇପାରୁ ନାହିଁ। ଓଡ଼ିଶାର ଜନତା ମୁମ୍ବାଇ, ଗୁଜରାଟ, ଦିଲ୍ଲୀ, ବେଙ୍ଗାଲୁରୁ ଦାଦନ ଖଟିବାକୁ ଯାଉଛନ୍ତି। ଭାରତୀୟ ଜନତା ପାର୍ଟିର ସରକାର ଆସିଲେ ଓଡ଼ିଶାର ଲୋକଙ୍କୁ ଦାଦନ ଖଟିବାକୁ ଯିବାକୁ ପଡ଼ିବ ନାହିଁ। ଲୋକଙ୍କୁ ଏଠାରେ ରୋଜଗାର ମିଳିବ।

ଶ୍ରୀ ଶାହ କହିଥିଲେ, କେନ୍ଦ୍ର ସରକାର ଯେତିକି ଟଙ୍କା ଦେଉଛନ୍ତି, ରାଜ୍ୟ ସରକାର ତାହା ବିନିଯୋଗ କରିପାରୁ ନାହିଁ। ଭାରତୀୟ ଜନତା ପାର୍ଟିର ସରକାର ପ୍ରତ୍ୟେକ ଘରକୁ ପାଣି ଯୋଗାଇବ। ନବୀନ ସରକାରଙ୍କୁ ଡର ଯେ, ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁହେଲେ ରାଜ୍ୟ ସରକାରଙ୍କ ଲୋକପ୍ରିୟତା କମି ନରେନ୍ଦ୍ର ମୋଦିଙ୍କ *(ପୃଷ୍ଠା ୭ରେ)*

## ମୌସୁମୀ ଏଥର ୩ଦିନ ପୂର୍ବରୁ ଆସୁଛି



**ନୂଆଦିଲ୍ଲୀ, ୧୪/୦୫**

ଚଳିତ ବର୍ଷ ମୌସୁମୀ ଶୀଘ୍ର ଆସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ଦ୍ୱାରା ପ୍ରବଳ ଗରମରୁ ମୁକ୍ତି ମିଳିବାର ଆଶା ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଏହାର ସାଧାରଣ ଆଗମନ ତାରିଖ ପୂର୍ବରୁ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଆଇଏମଡି ପୂର୍ବାନୁମାନ ଅନୁଯାୟୀ, ମେ’ ୨୨ର ହାରାହାରି ଆଗମନ ତାରିଖର ତିନି ଦିନ ପୂର୍ବରୁ ମେ’ ୧୯ ସୁଦ୍ଧା ମୌସୁମୀ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବାର ସମ୍ଭାବନା ରହିଛି। ଏହି ପ୍ରାରମ୍ଭିକ ଆଗମନକୁ ଏଲ୍ ନିଓ ସିଷ୍ଟମର ଦୁର୍ବଳତା ଏବଂ ଲା ନିନୋ ସ୍ଥିତିର ସକ୍ରିୟତା ସହିତ ଅନୁକୂଳ ଭାରତ ମହାସାଗର ଡିପୋଲ୍ (ଆଇଓଡି) ଅବସ୍ଥା ପାଇଁ ଦାୟୀ ବୋଲି ପାଣିପାଗ ବିଭାଗ କହିଛି। ପାଣିପାଗ ବିଭାଗ ଚଳିତ ବର୍ଷ ମୌସୁମୀ ସମୟରେ ଭାରତରେ ସାଧାରଣ ବୃଷ୍ଟିପାତ ହେବାର ସମ୍ଭାବନାକୁ ସୂଚିତ କରିଛି। ପୂର୍ବରୁ ଆଇଏମଡି ଚଳିତ ମୌସୁମୀରେ ସାଧାରଣ ବର୍ଷାଠାରୁ ଅଧିକ ପୂର୍ବାନୁମାନ କରିଥିଲା। ଆସନ୍ତା ଦୁଇ ଦିନ ୧୫ରୁ ୧୬ ପର୍ଯ୍ୟନ୍ତ ତାମିଲନାଡୁ, କର୍ଣ୍ଣାଟକ ଏବଂ କେରଳ ଭଳି ଦକ୍ଷିଣ ରାଜ୍ୟରେ ବଜ୍ରପାତ ଏବଂ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଆକଳନ କରାଯାଇଛି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୧ ସୁଦ୍ଧା କେରଳରେ ପ୍ରବେଶ କରିବ, ବଙ୍ଗୋପସାଗରରୁ କେନ୍ଦ୍ରୀୟ ଭାରତ ଆଡକୁ ମୁହାଁଇବ ଏବଂ ମେ’ ୧୯ସୁଦ୍ଧା ଭାରତୀୟ ସୀମାରେ *(ପୃଷ୍ଠା ୭ରେ)*

## ସ୍କୁଲ ଓ ହସ୍ପିଟାଲ ପରେ ତିହାର ଜେଲ୍‌କୁ ମିଳିଲା ବୋମା ବିସ୍ଫୋରଣ ଧମକ

**ନୂଆଦିଲ୍ଲୀ, ୧୪/୦୫**

ଦେଶର ରାଜଧାନୀରେ ଥିବା ତିହାର ଜେଲକୁ ମିଳିଛି ବୋମା ବିସ୍ଫୋରଣ ଧମକ। ଦିଲ୍ଲୀର ସ୍କୁଲ, ହସ୍ପିଟାଲ ଓ ଏୟାରପୋର୍ଟକୁ ଯେଉଁ ଭଳି ଇ-ମେଲ ଯୋଗେ ବୋମା ଧମକ ମିଳିଥିଲା, ଠିକ୍ ସେହିଭଳି ମେଲ୍ ତିହାର ଜେଲ କର୍ତ୍ତୃପକ୍ଷଙ୍କ ପାଖକୁ ଆସିଛି।

ଧମକପୂର୍ଣ୍ଣ ଇ-ମେଲ ପାଇବା ପରେ ତିହାର ଜେଲ କର୍ତ୍ତୃପକ୍ଷ ତୁରନ୍ତ ଏନେଇ ଦିଲ୍ଲୀ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଟିମ୍ ଓ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। କିନ୍ତୁ ଏଯାଏ କୌଣସି ପ୍ରକାରର ବିସ୍ଫୋରକ ଏଠାରୁ ମିଳିନାହିଁ। ତିହାର ଜେଲରେ ଏବେ ଅନେକ ବଡ଼ବଡ଼ ଅପରାଧୀ ଓ ରାଜନେତାମାନେ ରହିଛନ୍ତି।

ତିହାର ଜେଲ ପୂର୍ବରୁ ଦିଲ୍ଲୀରେ ଥିବା ୪ଟି ବଡ଼ ହସ୍ପିଟାଲକୁ ମଧ୍ୟ ବୋମା ଧମକ ମିଳିଥିଲା। ଜିଟିବି ହସ୍ପିଟାଲ, ଦାଦା ଦେବ ହସ୍ପିଟାଲ, ହେଡଗେୱର ହସ୍ପିଟାଲ ଓ ଦୀପ ଚନ୍ଦ୍ର ବନ୍ଧୁ ହସ୍ପିଟାଲକୁ ଧମକପୂର୍ଣ୍ଣ ମେଲ ଆସିଥିଲା।

ଏହାପରେ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ, ବୋମା ଠାବକାରୀ ଟିମ୍, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୁଲିସ୍ ହସ୍ପିଟାଲକୁ ଯାଇ ଯାଞ୍ଚ କରିଥିଲେ। କିନ୍ତୁ କୌଣସି ବୋମା ମିଳି ନଥିଲା।

## @୧୯ ଫଳାଫଳର ପୁନରାବୃତ୍ତି ହୋଇପାରେ !



**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ୨୦୨୪ ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ୧୩ ତାରିଖରେ ସରିଥିବା ବେଳେ ଆହୁରି ୩ ପର୍ଯ୍ୟାୟରେ ଅର୍ଥାତ୍ ଚଳିତ ମାସ ୨୦,୨୫ ଓ ଜୁନ୍ ୧ ତାରିଖରେ ମତଦାନ ହେବା ସହ ୪ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା ହେବାକୁ ଦିନ ଧାର୍ଯ୍ୟ ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୪ ଲୋକସଭା ଆସନ (କୋରାପୁଟ, ନବରଙ୍ଗପୁର, ବ୍ରହ୍ମପୁର, କଳାହାଣ୍ଡି) ଏବଂ ଏହା ଅନ୍ତର୍ଗତ ୨୮ ବିଧାନସଭା ନିର୍ବାଚନମଣ୍ଡଳୀରେ ଶେଷ ହୋଇଥିବା ମତଦାନର ଫଳାଫଳ ନେଇ ଆଗୁଆ ଆକଳନ ପ୍ରକାଶ ପାଇଛି। ରାଜନୈତିକ ବିଶାରଦ ଓ ସମୀକ୍ଷକମାନେ ଏହି ପର୍ଯ୍ୟାୟରେ ଓଡ଼ିଶାରେ ଶାସକ ବିଜେଡି ଏବଂ ବିରୋଧି ବିଜେପି ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ତୀବ୍ର ଲଢେଇ ହୋଇଥିବା କଥା ଉଲ୍ଲେଖ କରିଥିଲେ ମଧ୍ୟ ବିଜେଡି ପାଇଁ ୨୦୧୯ ନିର୍ବାଚନ ଫଳାଫଳର ପୁନରାବୃତ୍ତି ହୋଇପାରେ ବୋଲି ସ୍ପଷ୍ଟ ମତ ରଖିଛନ୍ତି। ସମୀକ୍ଷକ କହିଛନ୍ତି ୨୦୧୯ ନିର୍ବାଚନ ଫଳାଫଳର ଏଥର କେବଳ ଯେ ପୁନରାବୃତ୍ତି ହେବ ତାହା ନୁହେଁ ତା’ଠାରୁ ଅଧିକ ସଫଳତା ବିଜେଡ଼ିକୁ ମିଳିବା ସ୍ପଷ୍ଟ ହୋଇଛି। ପ୍ରଥମ ପର୍ଯ୍ୟାୟ ଭଳି ଅନ୍ୟ ୩ଟି ପର୍ଯ୍ୟାୟରେ ମଧ୍ୟ ଶାସକ ଦଳ ବିଜେଡିକୁ ଅନୁରୂପ ସଫଳତା ମିଳିବାର ସ୍ପଷ୍ଟ ସୂଚନା ଦେଇଛନ୍ତି ସମୀକ୍ଷକ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଓଡ଼ିଶାକୁ ବ୍ୟାପକ ଭାବେ ଗସ୍ତ କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଅନେକ କେନ୍ଦ୍ରମନ୍ତ୍ରୀ ଓ ବିଭିନ୍ନ ରାଜନୈତିକ ଦଳର ସଭାପତି ତଥା ତୁଙ୍ଗନେତୃବୃନ୍ଦ। ହେଲେ ଓଡ଼ିଶାରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ଷ୍ଟାର ପ୍ରଚାରକ ଭାବେ ଏକାକୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ନିର୍ବାଚନମଣ୍ଡଳୀ ବୁଲି ପ୍ରଚାର କରିଥିଲେ। ଏହି ନିର୍ବାଚନ ପ୍ରଚାର ବେଳେ ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷ ଜୋର ଦେବା ସହ କେନ୍ଦ୍ରସରକାର ଓ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଖୁବ୍ *(ପୃଷ୍ଠା ୭ରେ)*

## ପୃଥିବୀ ଆଡ଼କୁ ଆସୁଛି ଭୟଙ୍କର ସୌରଝଡ଼ !



**ୱାଶିଂଟନ, ୧୪/୦୫**

ପୃଥିବୀକୁ ଏକ ନୂଆ ବିପଦ ଆସୁଛି । ବୈଜ୍ଞାନିକମାନେ ଏନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ କିଛି ଦିନ ତଳେ ସୂର୍ଯ୍ୟରୁ ହୋଇଥିବା ଶକ୍ତିଶାଳୀ ବିସ୍ଫୋରଣ, ଯାହା ଆମ ପୃଥିବୀକୁ ପ୍ରଭାବିତ କରିଛି, ବର୍ତ୍ତମାନ ଏକ ନୂତନ ଏବଂ ଶକ୍ତିଶାଳୀ ସୌର ଝଡ଼ ଚଳିତ ସପ୍ତାହରେ ପୃଥିବୀ ନିକଟରେ ପହଞ୍ଚିବ । ଆମେରିକାର ନ୍ୟାସନାଲ ଓସେନିକ୍ ଆଣ୍ଡ ଆଟମସ୍ଫେରିକ ଆଡମିନିଷ୍ଟ୍ରେସନ (ଏନଓଏଏ) ଅନୁଯାୟୀ, ମଙ୍ଗଳବାର (ମେ ୧୪) ସୌର ଝଡ଼ ପୃଥିବୀକୁ ଧକ୍କା ଦେବାର ୬୦ ପ୍ରତିଶତ ସମ୍ଭାବନା ରହିଛି। ତେବେ *(ପୃଷ୍ଠା ୭ରେ)*





# ସରକାରଙ୍କ କୃଷି ବିକାଶ ଯୋଜନାର ସୁଯୋଗ ନେବାକୁ କୃଷକମାନଙ୍କୁ ପରାମର୍ଶ




**ଆଠଗଡ଼, ନ୍ୟୁଜ୍‌ବ୍ୟୁରୋ**

ଆଠଗଡ଼ ବ୍ଲକ୍ ସ୍ତରୀୟ କୃଷକ ଦିବସ ଓ ଅକ୍ଷୟ ତୃତୀୟା ଖୁଣ୍ଟୁକଟା ପଞ୍ଚାୟତରେ ବିଜୁ କୃଷକ ଜନତା ଦଳ ସଭାପତି ସୁବାସ ଚନ୍ଦ୍ର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କୃଷି କୃଷକ ସଶକ୍ତିକରଣ ମାଛ ପ୍ରାଣୀ ସମ୍ପଦ ମନ୍ତ୍ରୀରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆମୁଠି ଅନୁକୂଳ କରି କହିଲେ, ରାଜ୍ୟ ସରକାର କୃଷି ପାଇଁ ସତନ୍ତ୍ର ବଜେଟ ଆଠଶହ କୋଟି କରିଥିବା ବେଳେ ଚଳିତ ବର୍ଷ ଏହା ଚବିସି ଶହ କୋଟିରେ ପହଞ୍ଚିଛି । ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରେଙ୍ଗାଲି କେନାଲ ପାଣି ଆଜି ଚାଷୀ ପାଇ ବହୁତ ଖୁସି ହେବା ସହିତ ଉପାଦାନ ବୃଦ୍ଧି ହୋଇପାରିବ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବରେ ଆଠଗଡ଼ ପାଞ୍ଚୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଅଗ୍ରର୍ଯ୍ୟ ଆଠଗଡ଼ କୃଷିର ଉନ୍ନତି ପାଇଁ ଯିଏ ଚିନ୍ତାକରୁଛି ସିଏ ମାଟିର ମଣିଷ। ରାଜା ଭାଇ ସମ୍ମାନିତ ଅତିଥି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, ଆଠଗଡ଼ ବିଜ୍ଞାପିତ ପରିଷଦର ଅଧକ୍ଷା ସସ୍ମିତା ରାଉତ, ପୂର୍ବତନ କଟକ ଜିଲ୍ଲା ପରିଷଦ ଉପାଧକ୍ଷ ସୁନୀଲ କୁମାର ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ଶାନ୍ତିଲତା ବେହେରା ଶିକ୍ଷାବିତ ନୀଳମଣି ନାୟକ ଶିକ୍ଷା ବିତ୍ତ ବିଭୁ ପ୍ରସାଦ ପଟ୍ଟନାୟକ ଅକ୍ଷୟ କୁମାର ମହାରଣା, ଖୁଣ୍ଟୁକଟା ସରପଞ୍ଚ ମନୋଜେ କୁମାର ନାୟକ, ସମିତି ସଭ୍ୟା ଜୟଶ୍ରୀ ଦେଉରୀ, କୃଷକ ନେତା ନିରାକାର ଲେଙ୍କା, ଯୋଗଦାନ କରି ଅକ୍ଷୟ ତୃତୀୟା, କୃଷକ ଦିବସ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ରିହାତି ମୂଲ୍ୟରେ ସାର, ବିହନ, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି ଯୋଗାଣ ବ୍ୟବସ୍ଥା କରିଛନ୍ତି । ଏହାର ସୁଯୋଗ ଚାଷୀ ଭାଇମାନେ ନିଅନ୍ତୁ। ଫୁଲ, ଫଳ, ଛତୁ, କାଜୁ, ନଡ଼ିଆ, ଏହିସବୁ ଚାଷ ଦ୍ୱାରା ଚାଷୀର ଆୟ ଦୁଇଗୁଣା ହୋଇପାରିବ। ଏହି ସବୁ ଚାଷ ପାଇଁ ସରକାରୀ ରିହାତି ଅଛି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଗୋ ସୁଗମ ପୋର୍ଟାଲରେ ବଡ଼ କୁକୁଡ଼ା ଫାର୍ମ, ଛେଳି ଫାର୍ମ, ଗୋ ପାଳନ କରିବା ପାଇଁ ଅଗ୍ରଣୀ ଚାଷୀ ଭାଇମାନେ ଆବେଦନ କରନ୍ତୁ। ଆଠଗଡ଼ ଅଗ୍ରଣୀ ସଫଳ ଚାଷୀ ଜ୍ୟୋସ୍ନା ରାଣୀ ନାୟକ ମଞ୍ଜୁଲତା ବେହେରା, ସଚଳା ବେହେରା, ଶ୍ରୀନିବାସ ସାହୁ, ପ୍ରତାପ କୁମାର ପ୍ରଧାନ, ରଘୁନାଥ ବିଶ୍ୱାଳ ପ୍ରମୁଖଙ୍କୁ ମୁଖ୍ୟ ଅତିଥି ସ୍ୱାଇଁ ଅଗ୍ରଣୀ ଚାଷୀମାନଙ୍କୁ ସାମ୍ମାନିତ କରିଥିଲେ।

# ଧର୍ମଶାଳାରେ ବିଜେଡ଼ିର ମିଶ୍ରଣପର୍ବ ଅନୁଷ୍ଠିତ



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବିଜେଡ଼ି ପକ୍ଷରୁ ଏକ ମିଶ୍ରଣ ପର୍ବ ଜାରକା ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୩ନଂ ଜୋନ୍‌ର ଥାନୁଆଳ ପଞ୍ଚାୟତ ଓ ୧୪ନଂ ଜୋନ୍‌ର ମିର୍ଜାପୁର ଓ ବଡ଼କାଏମା ପଞ୍ଚାୟତର କଂଗ୍ରେସ ଓ ବିଜେପିକର୍ମୀ ବିଧିବଦ୍ଧ ଭାବେ ବିଜେଡ଼ିରେ ସାମିଲ ହୋଇଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବାବଲବନ୍ତରାୟ ଯୋଗଦେଇ ସମସ୍ତ କର୍ମୀଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ସେମାନେ ହେଲେ ପ୍ରମୋଦ ମଲ୍ଲିକ, ପ୍ରକାଶ ମଲ୍ଲିକ, ଅକ୍ଷୟମଲ୍ଲିକ, ରଞ୍ଜନ ବାରିକ, ଆକାଶ ମଲିକ, ନାଗାର୍ଜୁନ ସାମଲ, ସନ୍ତୋଷ ସାହୁ, ଜୟଦେବ ଜେନା ସୁବ୍ରତ ସ୍ୱାଇଁ, ସଂଗ୍ରାମ ପ୍ରଧାନ, ପ୍ରମୋଦ ଜେନା, ଅମର ସ୍ୱାଇଁ ସଞ୍ଜୟ ପରିଡ଼ା, ରଶ୍ମିରଞ୍ଜନ ପଣ୍ଡାଙ୍କ ସମେତ ବହୁ କର୍ମୀ ଥିଲେ। ଏହି ଉତ୍ସବରେ ବ୍ଲକ୍ ବିଜେଡ଼ି ସଭାପତି ଜଳଧର ମହାନ୍ତି, ଅକ୍ଷୟ କୁମାର ନାୟକ, ଅଜୟ କୁମାର ନାୟକ, ପ୍ରସନ୍ନ କୁମାର ରାଉତ, ସୁଶିଲ କୁମାର ମହାନ୍ତି ଓ ସୁରଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ହେଲେ ମାହାଙ୍ଗା ବିଧାନସଭାର 'ସପା' ପ୍ରାର୍ଥୀ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ସମାଜବାଦୀ ପାର୍ଟି ତରଫରୁ ସାରଳାପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାଯାଇଛି । ଶ୍ରୀ ଷଡ଼ଙ୍ଗୀ ଏକାଧାରରେ ଜଣେ ଉଚ୍ଚ ଶିକ୍ଷିତ ଲେଖକ, ସାମ୍ବାଦିକ, ଆଇନଜୀବୀ ରାଜନୈତିକ ସମୀକ୍ଷକ, ସମାଜସେବୀ ଓ ସମାଜ ସଂସ୍କାରକ ରୂପେ ପରିଚିତ। ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ନଗେନ୍ଦ୍ର ଷଡ଼ଙ୍ଗୀଙ୍କ ସୁପୁତ୍ର ଶ୍ରୀମାନ ଷଡ଼ଙ୍ଗୀଙ୍କୁ ସମାଜବାଦୀ ପାର୍ଟି ତରଫରୁ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରାର୍ଥୀ ରୂପେ ମନୋନୀତ କରାଯାଇଥିବା କାରଣରୁ ସାଧାରଣ ଆନନ୍ଦ ପ୍ରକାଶ ପାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ପରେ ଏହି ଅଞ୍ଚଳରୁ କେହିହେଲେ ବିଧାନସଭା ନିମନ୍ତେ ପ୍ରାର୍ଥୀ ହୋଇ ନ ଥିଲେ। ସମାଜବାଦୀ ପାର୍ଟି ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରୁ ଶ୍ରୀ ଷଡଙ୍ଗୀଙ୍କୁ ପ୍ରାର୍ଥୀ ମନୋନୀତ କରାଯାଇଥିବାରୁ ମାହାଙ୍ଗା ରାଜନୀତି ଏକ ରୋଚକ ସ୍ଥିତିରେ ପହଞ୍ଚିଛି।

# କୋରେଇ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା

## ବିଧାୟିକା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟ କରାଇବା ପାଇଁ ନିବେଦନ

**ରସୁଲପୁର, ନ୍ୟୁଜ୍‌ବ୍ୟୁରୋ**




ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ବିଜୁନଗର ସ୍ଥିତ ହୋଣ୍ଡା ସୋରୁମ୍ ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ କୋରେଇ ବିଜେଡି ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଥିଲେ । ଉକ୍ତ ସଭାରେ ମୁଖ୍ୟ ଅତିଥିଙ୍କୁ ଶ୍ରୀ ଦାସଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରସୁଲପୁର ବ୍ଲକର ୯ଗୋଟି ପଞ୍ଚାୟତର ଛାମୁଆଁ କର୍ମୀ, ବରିଷ୍ଠ ନାଗରିକ, କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଥିଲେ । ମୁଖ୍ୟ ଅତିଥି ମାନଙ୍କ ପାଇଁ ଭୋଟ ପ୍ରଚାର କରିବାକୁ ଯାଇ କହିଲେ ଯେ ବରିଷ୍ଠ ଓ ମୁରବୀମାନଙ୍କୁ ସମ୍ମାନ ଦେବା ପରମ୍ପରାକୁ ସମସ୍ତେ ପାଳନ କରିବା ଉଚିତ। ୨୬ବର୍ଷର ଦଳକୁ ଗଠନରେ ସେମାନଙ୍କର ପ୍ରମୁଖ ଭୂମିକା ରହିଛି । ଯାହାର ସୁଫଳ ରାଜ୍ୟବାସୀଙ୍କୁ ମିଳୁଛି । ରସୁଲପୁର ବ୍ଲକ ଭାଇଚାରାର ଅଞ୍ଚଳ ଭାବରେ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ବ୍ଲକରୁ ବିଜେଡିକୁ ସର୍ବଦା ଅଧିକ ଭୋଟ ଦେଇ ରେକର୍ଡ ସୃଷ୍ଟି କରିଆସୁଛି । ଏଥର ସମାନ ଧାରା ବଜାଇ ରଖିବାକୁ ନିବେଦନ କରିବା ସହ ଦଳର ଜଣେ ସମର୍ଥକ ଠାରୁ କାର୍ଯ୍ୟକର୍ତ୍ତାଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସେ ଗୁରୁତ୍ୱ ଦେବେ ବୋଲି ମତ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ଶିଶିର କୁମାର ମହାନ୍ତି, ସମିତିସଭ୍ୟ ନରୋତ୍ତମ ସାହୁ, ସୌମ୍ୟରଂଜନ ରାଉତ, ମାମି ମହାନ୍ତି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ସାହୁ, ସରପଞ୍ଚ ଅତୁଲ୍ୟ ପ୍ରଧାନ, ଅଶ୍ୱୀନ କୁମାର ଦାସ, ବିନୋଦ ବିହାରୀ ବେହେରା, ନଗେନ୍ଦ୍ର ପତି, ଯୁବନେତା ଦୁଷ୍ମନ୍ତ ମଲିକ, ଅଦୈତ ରାଉତ, ଗିରଜା ଶଙ୍କର ପଟ୍ଟନାୟକ, ସରୋଜ ଦାସ, ପ୍ରକାଶ ସାହୁ, ହରିଶଙ୍କର ସାହୁ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଥିଲେ । ଅଲେଖ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଏସ୍‌ପି ପକ୍ଷରୁ ୪ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ନିର୍ବାଚନ ୨୦୨୪ର ନାମାଙ୍କନ ଦାଖଲ ପ୍ରକ୍ରିୟା ୭ ତାରିଖ ରୁ ୧୪ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇ ଥିବାବେଳେ ପ୍ରଥମକରି ବହୁଜନ ସମାଜ ପାର୍ଟି ପକ୍ଷରୁ ୪ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରପାଇଁ ଆଇନଜୀବୀ ରଞ୍ଜନ କୁମାର ମଲିକ, ଆଳି ବିଧାନସଭା ପାଇଁ ପ୍ରଶାନ୍ତ କୁମାର ସେଠୀ, ପାଟକୁରା ପଇଁ ଚିତ୍ତାନନ୍ଦ ପରିଡ଼ା ଓ ମହାକାଳପଡା ପଇଁ ଅଧିରନାଥ ଶର୍ମା ବହୁଜନ ସମାଜ ପାର୍ଟିର ଦଳୀୟ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିଭଳି ରାଜନଗର ବିଧାନସଭା କ୍ଷେତ୍ରପାଇଁ ଦିବ୍ୟ ରଞ୍ଜନ ସ୍ୱାଇଁ ନାମକ ଜଣେ ସ୍ୱାଧୀଣ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକଙ୍କ ପାଇଁ ପ୍ରଚାର କଲେ ଅଭିନେତ୍ରୀ ସ୍ନିଗ୍ଧାରାଣୀ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପିର ସାଧାରଣ ନିର୍ବାଚନ ପ୍ରଚାର ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ, ସିନେ ଅଭିନେତ୍ରୀ ସ୍ନିଗ୍ଧା ରାଣୀ ସିଂହ ସହ ରମ୍ଭା ଏନ.ଏ.ସି. ଅଧକ୍ଷ ମାନସୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଞ୍ଚାସୀନ ପାଟଣା ବାବା ଆଖଣ୍ଡଳମଣି ମନ୍ଦିର ଠାରୁ ମୃତ୍ୟୁଞ୍ଜୟ ମନ୍ଦିର ପର୍ଯ୍ୟନ୍ତ ଏକ ରୋଡ଼ ଶୋ' ପ୍ରଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ପଣ୍ଡା ଦ୍ୱାରଦ୍ୱାର ବୁଲି ଭୋଟ୍ ଭିକ୍ଷା କରିବା ସହ ସ୍ଥାନେସ୍ଥାନେ ସହରାଞ୍ଚଳର ବିକାଶ ଉପରେ ବେତାର ମାଧ୍ୟମରେ ଆଲୋକପାତ କରିଥିଲେ। ତତ୍‌ସହିତ ଅବତୀର୍ଣ୍ଣ ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ ସହ ସମର୍ଥକଙ୍କୁ ସାଥିରେ ଧରି ଭୋଟ୍ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷ କାଳିଆ ତରେଇ, କାହ୍ନୁ ସ୍ୱାଇଁ (ଅଧକ୍ଷ ପ୍ରତିନିଧି), ସୀମାଞ୍ଚଳ ବାଡ଼ତ୍ୟା, ମୁନା ସ୍ୱାଇଁ, କେଦାର ବାରିକ, ଯୁବ ସଭାପତି ପ୍ରଶାନ୍ତ ଗୌଡ଼, ଛତ୍ରପୁର ଏନ.ଏ.ସି. ଅଧକ୍ଷା ପ୍ରତିନିଧି କେ. ଚନ୍ଦ୍ରଶେଖର ରେଡ୍ଡୀ, କାଉନ୍‌ସିଲର ଅଭିନାଥ ବେହେରା, ସରୋଜିନୀ ସେନାପତି, ଡଲି ବେହେରା, ଜୟନ୍ତୀ ଗୌଡ଼, କୁମାରୀ ଜାନି, ବନ୍ଦନା ଗୌଡ଼, ମଞ୍ଜୁଳା ସେଠୀ, ସୁବାସ ଚନ୍ଦ୍ର ବେହେରା, ଭଗବାନ ଗୌଡ଼, ଦିଲ୍ଲୀପ ତରେଇ, ଦିବାକର ତରେଇ, ସୁଦର୍ଶନ ସେନାପତି, ମନୋଜ ଗୌଡ଼, ନାଗେଶ୍ୱର ବେହେରା, ବୁଟୁ ଗୌଡ଼, ରବୀନ୍ଦ୍ର ସ୍ୱାଇଁ, କାଳିଆ ମଙ୍ଗଳା, ବୁଲୁ ସେଠୀ, କାମେଶ୍ୱର ବେହେରା, ମଦନ ସ୍ୱାଇଁ, ପିଙ୍କୁ ଗୌଡ଼, ମାଧବ ଗୌଡ଼, ବୁଟୁ ବିଶ୍ୱାଳ, କାଳିଆ ପ୍ରଧାନ, ରଞ୍ଜନ ପ୍ରଧାନ, ଗୌତମ ପଲେଇ, ଆଶିଷ ସାହୁ, ଦୁଃଖୀ ପରିଡ଼ା, ସନ୍ତୋଷ ତରେଇ, ସୁଦର୍ଶନ ତରେଇ, ଦିଲ୍ଲୀପ ନାୟକ, ଘନଶ୍ୟାମ ବେହେରା, ଭାସ୍କର ତରେଇ, ରମେଶ ଚନ୍ଦ୍ର ସାହୁ, ଲୋକନାଥ ଗୌଡ଼, ଅନୁ ସାହୁ ପ୍ରମୁଖ ପ୍ରାୟ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ। ରମ୍ଭାର ଅନେକ ବରିଷ୍ଠ ଜନତାଙ୍କୁ ପାଦ ଛୁଇଁ ବିଜୟ ହେବା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଶନି ମନ୍ଦିରରେ ଭକ୍ତଙ୍କୁ ଦହିପାଣି ଓ ସରବତ୍ ବଣ୍ଟନ

**କେନ୍ଦୁଝର, ନ୍ୟୁଜ୍**

ଅକ୍ଷୟ ତୃତୀୟା ପର ଶନିବାର ପ୍ରଭୁ ଶନିଦେବଙ୍କ ଜନ୍ମଦିନ ଉତ୍ସବ ପାଳନ ଅବସରରେ କେନ୍ଦୁଝରେ ଦୁର୍ଗାମନ୍ଦିର ଗଳିରେ ଥିବା ଶନିଦେବଙ୍କ ମନ୍ଦିର ସମ୍ମୁଖରେ ପ୍ରବଳ ଜନ ସମାଗମ ଓ ଗ୍ରୀଷ୍ମ ତାତିକୁ ଦେଖି ମାତାରିଣୀ ସ୍ୱେଚ୍ଛାସେବୀ ସଙ୍ଗଠନ, କାଶୀପୁର, ତରଫରୁ ଦହିପାଣି, ରସନା ଓ ସରବତ ବଣ୍ଟନ କରା ଯାଇଥିଲା। ବହୁ ଭକ୍ତଙ୍କ ଭିଡ଼ ଯୋଗୁ ଲମ୍ବା ଧାଡ଼ିରେ ଭକ୍ତ ଶନି ମନ୍ଦିର ଦର୍ଶନ କରିଥିଲେ। ଦର୍ଶନ ସାରି ଭକ୍ତମାନେ ଆସି ନିଜ ନିଜର କ୍ଳାନ୍ତି ମେଣ୍ଟାଇବା ପାଇଁ ମିଠା ଦହି ସରବତ, ଦହି ପାଣି ଓ ରସନା ଡ୍ରିଙ୍କ୍‌ସ ପିଇ ତୃଷା ମେଣ୍ଟାଇ ଥିଲେ। ମା'ତାରିଣୀ ସ୍ୱେଚ୍ଛାସେବୀ ସଙ୍ଗଠନ କାଶୀପୁର ତରଫରୁ ଦୀପା ଦାସ, ବିମଳା ବାରିକ, ଦେବକୀ ପାତ୍ର, ଚିନ୍ମୟୀ ବାରିକ, ସରୋଜିନୀ ଦାସ, ଜୟା ପ୍ରସାଦ, ଲକ୍ଷ୍ମୀ ସାହୁ ପ୍ରମୁଖ ସମସ୍ତ ଭକ୍ତ ଓ ଆଗନ୍ତୁକଙ୍କୁ ପାନୀୟ ପ୍ରସ୍ତୁତି ଓ ବଣ୍ଟନ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ




**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ରେଡକ୍ରସ ସମିତିର ସମ୍ପାଦକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମାନୁସୁଆଲ୍ ମିଞ୍ଜ ସମେତ ସମସ୍ତ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରେଡ୍‌କ୍ରସ ପାଇଁ ପାଣ୍ଠି ସଂଗ୍ରହ, ଆଜୀବନ ସଦସ୍ୟ ସଂଗ୍ରହ ସହ ଲୋକଙ୍କ ସେବାରେ ସହଯୋଗ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

## ବ୍ରାହ୍ମଣ ମହାସଭା ପକ୍ଷରୁ ଜୁନ୍ ୯ରେ ସାମୁହିକ ବ୍ରତୋପନୟନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ବ୍ରାହ୍ମଣ ମହାସଭା ଆନୁକୂଲ୍ୟରେ ପ୍ରତିବର୍ଷ ହେଉଥିବା ସାମୁହିକ ବ୍ରତୋପନୟନ ଚଳିତ ବର୍ଷ ଜୁନ ମାସ ୯ ତାରିଖରେ ସ୍ଥିରୀକୃତ ହୋଇଛି । ଏ ନେଇ ଆଜି ସ୍ଥାନୀୟ ହରିହର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜନ ବ୍ରାହ୍ମଣ ମହାସଭା ପକ୍ଷରୁ କରାଯାଇଥିଲା। କେନ୍ଦୁଝରର ବ୍ରାହ୍ମଣ ମହାସଭା ସଭାପତି ଇଂ ଗୌରାଙ୍ଗ ଚରଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦୁଝରର ବିଭିନ୍ନ ଗ୍ରାମରୁ ଗରିବ ପିଲାଙ୍କୁ ଆଣାଯାଇ ନିଶୁଳ୍କ ଏହି ବ୍ରତୋପନୟନ କରାଯିବ, ଯେଉଁ ପିଲାମାନେ ଏହି ନିଶୁଳ୍କ ସାମୁହିକ ବ୍ରତୋପନୟନରେ ବ୍ରତ କରିବା ପାଇଁ ଚାହୁଁଛନ୍ତି ସେମାନେ କେନ୍ଦୁଝର ବ୍ରାହ୍ମଣ ମହାସଭା ସହ ଯୋଗାଯୋଗ କରିବା ପାଇଁ ବ୍ରାହ୍ମଣ ମହାସଭାର ସଭାପତି ଇଂ ଗୌରାଙ୍ଗ ଚରଣ ହୋତା ଓ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଚାହୁଁଥିବା ବ୍ୟକ୍ତିମାନେ ସମ୍ପାଦକଙ୍କ ସହ ଯୋଗାଯୋଗ କରି ନିଜ ନାମକୁ ପଞ୍ଜିକୃତ କରାଇବା ପାଇଁ ଅନୁରୋଧ କରିଛି ବ୍ରାହ୍ମଣ ମହାସଭା। ସୂଚନାଯୋଗ୍ୟ ଯେ ୨୦୦୯ ମସିହାରୁ ପ୍ରତିବର୍ଷ କେନ୍ଦୁଝର ବ୍ରାହ୍ମଣ ମହାସଭା ଗରିବ ବ୍ରାହ୍ମଣମାନଙ୍କୁ ବୈଦିକ ରୀତି ନୀତି ଅନୁସାରେ ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ବ୍ରତୋପନୟନ କରିଥାଏ। ବ୍ରାହ୍ମଣ ମହାସଭାର ସଦସ୍ୟ ରଞ୍ଜନ କୁମାର ପାଢ଼ୀ, ଲକ୍ଷ୍ମଣ କୁମାର କର, ଶିବ ଶଙ୍କର ମିଶ୍ର, ରତି ରଞ୍ଜନ ମିଶ୍ର, ସତ୍ୟଜିତ ସାମନ୍ତରାୟ, ରାମଚନ୍ଦ୍ର ତ୍ରିପାଠୀ, ବିଶ୍ୱନାଥ ଦାଶ, ରମାନାରାୟଣ ଦ୍ୱିବେଦୀ, ରଞ୍ଜନ କୁମାର ଚକ୍ରବର୍ତ୍ତୀ, ନବଘନ ମିଶ୍ର, ବିଭୁତି ଭୂଷଣ ଦାଶ, ସଞ୍ଜୟ କୁମାର ପ୍ରହରାଜ, ସିଦ୍ଧେଶ୍ୱର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି । ନୂତନ ପଞ୍ଜିକା ଅନୁସାରେ ଜୁନ ୯ ତାରିଖ ବା ଜ୍ୟେଷ୍ଠ ମାସ ୧୯ ଦିନ ରବିବାର ସମ୍ପୂର୍ଣ୍ଣ ବୈଦିକ ରୀତିରେ କରାଯିବ। ବହୁ ସଂଖ୍ୟାରେ ବ୍ରାହ୍ମଣ ପିଲା ଏହି ନିଶୁଳ୍କ ସାମୁହିକ ବ୍ରତୋପନୟନରେ ସାମିଲ ହେବାକୁ ଅନୁରୋଧ କରାଯାଇଛି ।

## ନିଆଳି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ପାଇଁ ୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ନିଆଳି, ସାଲେପୁର ଏବଂ ମାହାଙ୍ଗା ବିଧାନସଭା ନିର୍ବାଚନ ନିମନ୍ତେ ଆରମ୍ଭ ହୋଇଥିବା ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟାର ଚତୁର୍ଥ ଦିବସରେ ନିଆଳି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିମନ୍ତେ ପାଞ୍ଚଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କଟକ ଜିଲ୍ଲା ଅନ୍ତର୍ଗତ ୯୨- ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଭାବେ ଅଭିମନ୍ୟୁ ମଲ୍ଲିକ ଏବଂ ତୃପ୍ତିରଞ୍ଜନ ବେହେରା ରିଟର୍ଣ୍ଣି ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ୯୫- ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ଦଳ ପକ୍ଷରୁ ସୁମନ୍ତ କୁମାର ଘଡେଇ, ଜାତୀୟ କଂଗ୍ରେସ ପକ୍ଷରୁ ଦେବେନ୍ଦ୍ର କୁମାର ସାହୁ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସାରଦା ପ୍ରସାଦ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରି ଛନ୍ତି । ଅନ୍ୟପକ୍ଷରେ ୯୪- ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଜି ଜଣେ ହେଲେବି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି।

# ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲିର ଆରାଧ୍ୟ ଗ୍ରାମଦେବତୀ ମା' ବେଲେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଭକ୍ତ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ଏକ ବିରାଟ କଳସ ଶୋଭଯାତ୍ରାରେ ଆସିଥିଲେ। ଏହି ସମୟରେ ହରିବୋଲ ହୁଳହୁଳୀ ଘଂଟ କାହାଳୀ ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। କଳସୀ ଗୁଡିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇ ଥିଲା। ଏହି ଅବସରରେ ଗୋ ପୂଜା, ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ କରାଯାଇ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ କରାଯାଇଥିଲା। ମନ୍ଦିର ପୂଜକ ଶୁକଦେବ ଷଡ଼ଙ୍ଗୀ ଓ ସୁବେଦୀ ପଣ୍ଡିତ ମଣ୍ଡଳୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଯଜ୍ଞରେ ସ୍ଥାନୀୟ ଓଥକା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳବାସୀ ପୂର୍ଣ୍ଣ ସହଯୋଗ କରୁଛନ୍ତି। ପ୍ରତ୍ୟହ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ରେଡ୍‌କ୍ରସ ଦିବସ ପାଳନ ଅବସରରେ ହେନେରୀ ଡୁନାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଆନ୍ତର୍ଜାତୀୟ ରେଡ୍‌କ୍ରସ୍ ଗଠନର କର୍ଣ୍ଣଧାର ହେନେରୀ ଡୁନାଣ୍ଟଙ୍କୁ ବିଶ୍ୱ ରେଡକ୍ରସ ଦିବସ ପାଳନରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ରେଡକ୍ରସ୍ ସଂଘ ସାଧାରଣ ସଂପାଦକ କୁଳମଣି ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଦିବସ ପାଳନରେ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱରେ ରେଡକ୍ରସର ପ୍ରାଣ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କୁ ପୁଷ୍ପାର୍ଘ୍ୟ ଓ ଧୂପାର୍ଘ୍ୟ ସୁମନ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ହେନେରୀ ଡୁନାଣ୍ଟ ମାନବିକତାର ଜଣେ ଅଦ୍ୱିତୀୟ ବ୍ୟକ୍ତିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଲଙ୍କେଶ୍ୱର ଅମାତ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ ଏବଂ ଜିଲ୍ଲା ରେଡ୍‌କ୍ରସ ସଂସ୍ଥାର ସାଧାରଣ ସଂପାଦକ କୁଳମଣି ନାୟକ ହେନେରୀ ଡୁନାଣ୍ଟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରତି ବର୍ଷ ମଇ ୮ ତାରିଖରେ ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରାଯାଇ ହେନେରୀ ଡୁନାଣ୍ଟଙ୍କ ମାନବବାଦର ମାନବିକତାକୁ ସ୍ମୃତିଚାରଣ କରିବା ସହ ଦୁଃଖୀରଙ୍କ, ଯେ କୌଣସି ଦୁର୍ବିପାକ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ଯୁଦ୍ଧ ସମୟରେ ରେଡକ୍ରସ ମାନବଧର୍ମ, ମାନବବାଦ ଓ ମାନବିକତାକୁ ଜାଗ୍ରତ କରାଇ ରେଡକ୍ରସ କର୍ମୀ ମାନଙ୍କୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ଅଟେ। ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ୨୦୨୪ ବିଶ୍ୱ ରେଡ୍‌କ୍ରସ ଦିବସର ବାର୍ତ୍ତା 'ମୁଁ ଖୁସି ସମସ୍ତଙ୍କୁ ଦେବି ଏବଂ ଖୁସି ଦେବା ହିଁ ମୋର ପୁରସ୍କାର' ।

# କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ



**କଟକ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ଖପୁରିଆସ୍ଥିତ ସ୍ଥାନୀୟ ଉତ୍କଳ ବାଳାଶ୍ରମଠାରେ ସମସ୍ତ ଅନ୍ତେବାସୀଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମ ସହ ଏହି ଦିବସ ପାଳନ କରାଯାଇଥିଲା। ପ୍ରକାଶ ଥାଉକି ସୁଇଜରଲାଣ୍ଡର ନାମିଦାମି ବ୍ୟବସାୟୀ ତଥା ରେଡକ୍ରସ ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଜନ୍ମଦିବସ ପାଳନ ଉପଲକ୍ଷେ ପ୍ରତ୍ୟେକବର୍ଷ ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନ ଅବସରରେ ଅତିରିକ୍ତ ଜିଲ୍ଲାପାଳ, ଉନ୍ନୟନ ପଦ୍ମଲୋଚନ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ମହତ କାର୍ଯ୍ୟ ତଥା ରେଡ୍‌କ୍ରସର ଭୂମିକା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ଅନ୍ତେବାସୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଉପମା ଗନ୍ତାୟତ, ବାଳାଶ୍ରମ ମୁଖ୍ୟ ଅଧକ୍ଷା, ସୁବାସିନୀ ପ୍ରଧାନଙ୍କ ସମେତ ସ୍ୱତନ୍ତ୍ର ଅଧିକାରୀ, ଜିଲ୍ଲା ରେଡକ୍ରସ, ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁଝର ଜିଲ୍ଲା କଂଗ୍ରେସର ସଭାପତି କୈଳାଶ ଓ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର

**କେନ୍ଦୁଝର, ନ୍ୟୁଜ୍**

ପାଟଣା ବ୍ଲକ କଂଗ୍ରେସ ସଭାପତି ଶତ୍ରୁଘନ ସିଂହ କଂଗ୍ରେସ ଦଳରୁ ଇସ୍ତଫା ଦେବା ପରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା ବରିଷ୍ଠ କଂଗ୍ରେସ ନେତା ତଥା ବିଶିଷ୍ଟ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବାରିକଙ୍କୁ ପାଟଣା ବ୍ଲକ୍ କଂଗ୍ରେସ କମିଟିର ନୂତନ ସଭାପତି ଏବଂ ବରିଷ୍ଠ କଂଗ୍ରେସ ନେତା ଜ୍ଞାନେନ୍ଦ୍ର କୁମାର ମିଶ୍ରଙ୍କୁ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ତାଙ୍କ ନିଯୁକ୍ତି ପରେ ପାଟଣା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛ। ଶ୍ରୀ ବାରିକ ଏବଂ ଶ୍ରୀ ମିଶ୍ର ନୂତନ ନିଯୁକ୍ତି ପାଇବା ପରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପିସିସି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଡଃ ଅଜୟ କୁମାର, ପିସିସି ପ୍ରଚାର କମିଟି ଉପାଧ୍ୟକ୍ଷ ନବଜ୍ୟୋତି ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, କେନ୍ଦୁଝର ଲୋକସଭା କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ତଥା ପାଟଣା ବିଧାନସଭା କଂଗ୍ରେସ ବିଧାୟକ ପ୍ରାର୍ଥୀ ହୃଷିକେଶ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ ଏବଂ ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମଣ ଦାଶଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ନିଯୁକ୍ତି ପାଇବା ପରେ ସମସ୍ତ କଂଗ୍ରେସ କର୍ମୀମାନକୁ ନେଇ ମିଳିମିଶି କାର୍ଯ୍ୟ କରିବେ ବୋଲି ଶ୍ରୀ ବାରିକ ଓ ଶ୍ରୀ ମିଶ୍ର କହିଛନ୍ତ।

# ଗାଙ୍ଗପଡ଼ା ଓ ଦୋବନ୍ଧାରେ ବିଜେପିର ପ୍ରଚାର ଅଭିଯାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବିଜେପି ପ୍ରଭାରୀ ନାରୀନେତ୍ରୀ ଡଃ ଜ୍ୟୋସ୍ନାରାଣୀ ଜେନା କେନ୍ଦ୍ରାପଡ଼ା ବ୍ଲକର ଗାଙ୍ଗପଡ଼ା ପଞ୍ଚାୟତର ଦୋବନ୍ଧା, ଗଗୁଆ ପ୍ରଭୃତି ଗାଁ ମାନଙ୍କରେ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ମାନଙ୍କୁ ସ୍ୱତନ୍ତ୍ର ଭାବେ ଭେଟି ସଚେତନତା କାର୍ଯ୍ୟକ୍ରମ କରାଇଥିଲେ । ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମିଳୁଥିବା ଋଣ କେନ୍ଦ୍ର ସରକାର ସଂପୂର୍ଣ୍ଣ ପ୍ରଦାନ କରୁଥିବା ବେଳେ ଏହି ଋଣର ସୁଧଛାଡ କେନ୍ଦ୍ର ସରକାରଙ୍କ ଅନୁଦାନରେ କରାଯାଉଥିବା ଘଟଣା ଅବଗତ କରାଯାଇଛି । ସେହିଭଳି ଓଡ଼ିଶାରେ ଆଗାମୀ ଦିନରେ ବିଜେପି ସରକାର ଗଠନ କଲେ, ପ୍ରତ୍ୟେକ ପରିବାରର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କରିଥିବା ଘୋଷଣା ଅବଗତ କରାଯାଇଥିଲା । ଏହା ସହ ଆୟୁଷ୍ମାନ ଭାରତ ଯୋଜନାର ଉପକାରିତା ବିଷୟରେ ଶ୍ରୀମତୀ ଜେନା ମହିଳା ମାନଙ୍କୁ ଅବଗତ କରାଇଥିଲେ । ଆଗାମୀ ନିର୍ବାଚନରେ ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାନସଭା ପ୍ରାର୍ଥୀ ଗୀତାଳୀ ସେଠୀ ପାଇଁ ୨ଟି ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି । ଏହି ମହିଳା ଜାଗରଣ କାର୍ଯ୍ୟକ୍ରମ ରେ ଡ଼ଃ ଶ୍ରୀମତୀ ଜେନାଙ୍କ ସହିତ ସନ୍ଧ୍ୟାରାଣୀ ଜେନା, ଅନନ୍ତ ମଲିକ, ପ୍ରମୋଦ ସେଠୀ, ପ୍ରଦିପ ସେଠୀ, ମନୋରମା ସେଠୀ, ମମତା ସେଠୀ, ସୁଲାଚନା ମଲିକ, ମା ତାରିଣୀ ମଲିକ, ସସ୍ମିତା ସେଠୀ, ସୁମିତ୍ରା ସାହୁ, ସୁଲୁ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ମଇ ୨୦୨୪ ବୁଧବାର





# ରାୟଗଡ଼ା ଜିଲ୍ଲାରେ ସରିଲା ଭୋଟ୍:୩୦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଜିଲ୍ଲାର ତିନି ବିଧାନସଭା ଆସନ ରାୟଗଡା, ବିଷମକଟକ ଓ ଗୁଣପୁର ନିର୍ବାଚନ ମଣ୍ଡଳୀ ସହ କୋରାପୁଟ ଲୋକସଭା ଆସନ ପାଇଁ ସୋମବାର ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । ତିନି ନିର୍ବାଚନ ମଣ୍ଡଳୀର ୩୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି । ଆସନ୍ତା ୪ ତାରିଖରେ ଜଣାପଡିବ କାହା ସପକ୍ଷରେ ଯାଇଛି ଜନତା ଜନାର୍ଦ୍ଦନଙ୍କ ଭୋଟ୍ । ସୋମବାର ସକାଳ ୭ଟା ବେଳେ ରାୟଗଡା ଜିଲ୍ଲାର ୮୮୪ଟି ବୁଥ୍‌ରେ ମତଦାନ ଆରମ୍ଭ ହୋଇଥିଲା । ହେଲେ କିଛି ବୁଥ୍‌ରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ସେଠାରେ ମତଦାନ ବିଳମ୍ବ ହୋଇଥିବା ସୂଚନା ମିଳିଛି । ଜିଲ୍ଲା ନିର୍ବାଚନ କମିଶନଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ସନ୍ଧ୍ୟାସୁଦ୍ଧା ଶତକଡ଼ା ୬୩ ପ୍ରତିଶତ ମତଦାନ ହୋଇଛି । ଅପରାହ୍ନ ୫ ସୁଦ୍ଧା ରାୟଗଡା ଜିଲ୍ଲାରେ ୬୨.୯୬ ପ୍ରତିଶତ ମତଦାନ ହୋଇଥିଲା । ରାୟଗଡା ନିର୍ବାଚନ ମଣ୍ଡଳୀରେ ୬୩.୨୦ ପ୍ରତିଶତ, ବିଷମକଟକ ନିର୍ବାଚନ ମଣ୍ଡଳୀରେ ୬୭.୯୯ ପ୍ରତିଶତ ଓ ଗୁଣପୁର ନିର୍ବାଚନ ମଣ୍ଡଳୀରେ ୫୭.୪୪ ପ୍ରତିଶତ ଭୋଟ୍ ହୋଇଥିବା ଜଣାପଡିଛି । ରାୟଗଡାରେ ପୂର୍ବାହ୍ନରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ପତ୍ନୀ ପୂଜା ମହାଜନଙ୍କ ସହ ଗାନ୍ଧିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୧୫ ନମ୍ବର ବୁଥ୍‌ରେ ଭୋଟ୍ ଦେଇଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବୁଥ୍ ନମ୍ବର ୨୩୧ରେ ବିଜେଡିର ଜିଲ୍ଲା ସଭାପତି ଏନ.ଭାସ୍କର ରାଓ ପରିବାର ସହ ମତଦାନ କରିଥିଲେ । କୋରାପୁଟ ସାଂସଦ ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା, ପତ୍ନୀ ପୂଜା ଉଲାକା, ରତ୍ନମଣି ଉଲାକା ଗାନ୍ଧିନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ୍‌ରେ ଭୋଟ୍ ଦେଇଥିଲେ । ରାୟଗଡା ବିଧାୟକ ପ୍ରାର୍ଥୀ ଅନୁସୟା ମାଝୀ ଏମଆଇ ଡିଭିଜନ୍ ଅଫିସରେ ଥିବା ବୁଥ୍‌ରେ ମତଦାନ କରିଛନ୍ତି । କଂଗ୍ରେସ ପ୍ରାର୍ଥୀ ଆପଲାସ୍ୱାମୀ କାଡ୍ରାକା ଆମ୍ବାଗୁଡା ଆରଏସିଡବ୍ଲ୍ୟୁସି ସ୍କୁଲରେ ମତଦାନ କରିଥିଲେ । ବିଜେପିର ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ କାଶୀପୁର ବ୍ଲକର ଟିକିରି ପଞ୍ଚାୟତର ବିଲାମାଳର ୧୬୬ ନମ୍ବର ବୁଥ୍‌ରେ ପରିବାର ସହ ଯାଇ ମତଦାନ କରିଥିବା ଜଣାପଡିଛି ।



# ଧର୍ମେନ୍ଦ୍ରଙ୍କୁ ଶ୍ରୀମନ୍ଦିର ସେବାୟତଙ୍କ ଆଶୀର୍ବାଦ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପୁରୀ ଶ୍ରୀ ମନ୍ଦିରରୁ ମହାପ୍ରଭୁ ଜଗନ୍ନାଥଙ୍କର ସେବାୟତ ମାନେ ସମ୍ବଲପୁର ଆସି କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଆଶୀର୍ବାଦ କରିଛନ୍ତି । ପରେ ଠାକୁରଙ୍କର କରପଲ୍ଲବ, ଶ୍ରୀଅଙ୍ଗ ଖଣ୍ଡୁଆ, ଆଜ୍ଞାମାଳ, ନୀଳଚକ୍ର ଧ୍ୱଜା କେନ୍ଦ୍ରମନ୍ତ୍ରୀଙ୍କ କାନ୍ଧରେ ଦେଇଥିଲେ ଓ ପ୍ରସାଦ ପ୍ରଦାନ କରିଥିଲେ । ସେବାୟତଙ୍କ କହିବାନୁସାରେ ଶ୍ରୀମନ୍ଦିରରେ ମଙ୍ଗଳ ଆଳତି ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶୀର୍ବାଦ ନେଇ ସେମାନେ ସମ୍ବଲପୁର ଆସିଥିଲେ । ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ନିର୍ବାଚନରେ ବିଜୟ ଲାଭ କରନ୍ତୁ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କର ହାତ ମଜବୁତ କରନ୍ତୁ ଶ୍ରୀ ପ୍ରଧାନ ବିଜୟ ଲାଭ କରି କେନ୍ଦ୍ରରେ ମନ୍ତ୍ରୀ ପଦ ଅଳଙ୍କୃତ କଲେ ଓଡ଼ିଶାର ସାମଗ୍ରୀକ ବିକାଶ ହେବା ସଙ୍ଗେ ସାଙ୍ଗେ ଶ୍ରୀ ଜଗନ୍ନାଥ ସଂସ୍କୃତର ରକ୍ଷା ହେବ । ସେବାୟତ ଦଳରେ କେଦାର ନାଥ ଖୁଣ୍ଟିଆ, ରଘୁନାଥ ଗୁଚ୍ଛିକର, ଦୁର୍ଗା ମାଧବ ପଣ୍ଡା, ହପି ହଜୁରୀ, ଟୁକୁନ ପଣ୍ଡା ପ୍ରମୁଖ ସାମିଲ ଥିଲେ ।

# ଜବାହାର ନବୋଦୟ ବିଦ୍ୟାଳୟର ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜବାହାର ନବୋଦୟ ବିଦ୍ୟାଳୟରେ ମାଧ୍ୟମିକ ପରିଷଦ ଦ୍ୱାରା ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ ହୋଇଥିବା ଜଣାପଡିଛି । କେନ୍ଦ୍ରୀୟ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଉଭୟ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି । ଦ୍ୱାଦଶ ଶ୍ରେଣୀରେ ୪୦ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ମୃତ୍ୟୁଞ୍ଜୟ ଦାସ ସର୍ବାଧିକ ୯୫.୬୦ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦଶମ ଶ୍ରେଣୀରେ ୮୦ ଜଣ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ଓମ୍ ବେହେରା ୯୬.୬୦ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଦ୍ୱାଦଶ ଶ୍ରେଣୀରେ ୨ ଜଣ ଓ ଦଶମ ଶ୍ରେଣୀରେ ୧୧ ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଦଶମ ଶ୍ରେଣୀରେ ୨ ଜଣ ଓଡ଼ିଆ ବିଷୟରେ ଓ ଜଣେ ଗଣିତରେ ୧୦୦ ରୁ ୧୦୦ ନମ୍ବର ରଖିଛନ୍ତି । ବିଦ୍ୟାଳୟର ଏହି ସଫଳତା ପାଇଁ ସ୍କୁଲର ଅଧକ୍ଷ, ଅଧାପକ, ଅଧାପିକା ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ୧୬ରେ ଗୁରୁ ଡ. ବନମାଳୀ ମହାରଣାଙ୍କ ୮୩ ତମ ସ୍ୱନକ୍ଷତ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମର୍ଦ୍ଦଳ ଏକାଡେମୀ, ଭୁବନେଶ୍ୱର ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସରକାରଙ୍କ ମିଳିତ ଆନୁକୁଲ୍ୟରେ ଓଡ଼ିଶୀ ମର୍ଦ୍ଦଳର ବାଦସାହା, ପ୍ରତିତଯଶା ଗୁରୁ ଡ. ବନମାଳୀ ମହାରାଣାଙ୍କ ୮୩ତମ ସନକ୍ଷତ୍ର ମହୋତ୍ସବ ଓ ଗୁରୁ ଡ. ବନମାଳୀ ମହାରଣା ସ୍ମୃତି ସମ୍ମାନ–୨୦୨୪ ଚଳିତ ମେ ମାସ ୧୬ ତାରିଖ ଗୁରୁବାର ଦିନ ସନ୍ଧ୍ୟା ୬.୩୦ ମିନିଟ୍ ସମୟରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରେକ୍ଷାଳୟ ଉତ୍କଳ ରଙ୍ଗମଞ୍ଚ ଠାରେ ପାଳିତ ହେବାକୁଯାଉଛି । ଓଡ଼ିଶାର ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଡ. ଅରୁଣା ମହାନ୍ତି (ପଦ୍ମଶ୍ରୀ)ଙ୍କୁ ଗୁରୁ ଡ. ବନମାଳୀ ମହାରଣା ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ଉକ୍ତ ସନ୍ଧ୍ୟାରେ ଓଡ଼ିଶାର କଳାକାର ମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳୀ ସଭାସମିତି ବାଦ୍ୟ ସଂଗୀତର କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନର ଉପଦେଷ୍ଟା ଧନେଶ୍ୱର ସାଇଁ ସଭାପତି ଗୁରୁ ଲକ୍ଷ୍ମୀକାନ୍ତ ପାଳିତ୍ ଓ ସମ୍ପାଦକ ଗୁରୁ ପ୍ରଫୁଲ୍ଲ ମହାରାଜ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ।।।।।।।।। ସି.ବି.ଏସ୍.ଇ ଦଶମ ଶ୍ରେଣୀ ପରୀକ୍ଷାରେ ।।।।।।।।।

# ଡି.ଏ.ଭି କଳିଙ୍ଗ ନଗରର ଛାତ୍ରଛାତ୍ରୀଙ୍କ ଅଭୁତପୂର୍ବ ସଫଳତା




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରୀୟ ଶିକ୍ଷାବୋର୍ଡ ଦ୍ୱାରା ପ୍ରକାଶିତ ଦଶମ ଶ୍ରେଣୀ ପରୀକ୍ଷାରେ ଡି.ଏ.ଭି କଳିଙ୍ଗ ନଗର ପାସ୍ ହାର ଶତ ପ୍ରତିଶତ ସହ ସମସ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିସହ ସର୍ବାଧିକ ବ୍ୟକ୍ତିଗତ ପ୍ରତିଶତ ୯୯.୪୦ ପ୍ରତିଶତ ସହ ପ୍ରତୀକ ଷଡ଼ଙ୍ଗୀ ବିଦ୍ୟାଳୟରେ ପ୍ରଥମ, ୯୮.୪୦ ପ୍ରତିଶତ ସହ ଶାଶ୍ୱତୀ ଜେନା ଏବଂ ଲେକିସା ମହାନ୍ତି ଯୁଗ୍ମ ଭାବରେ ଦ୍ୱିତୀୟ ଏବଂ ୯୮ ପ୍ରତିଶତ ସହ ଶ୍ରୀଗୁରୁ ଶଙ୍କର ମାଟି ତୃତୀୟ ସ୍ଥାନ ହାସଲ କରିଛନ୍ତି । ୧୨୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧.୭୧ ପ୍ରତିଶତ ଛାତ୍ରଛାତ୍ରୀ ୯୫ ପ୍ରତିଶତରୁ ଅଧିକ ନମ୍ବର, ୫୧.୧୬ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ତଥା ୭୫.୯୭ ପ୍ରତିଶତ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ, ୯୫.୩୫ ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ବିଦ୍ୟାଳୟର ସାମଗ୍ରିକ ହାର ୮୬.୧୨ ପ୍ରତିଶତ ହୋଇଛି । ଏହି ସଫଳତା ନିମନ୍ତେ ବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ ମଦନ ମୋହନ ପଣ୍ଡା, ଡି.ଏ.ଭି ବିଦ୍ୟାଳୟ ସମୂହ ଓଡ଼ିଶା ଜୋନ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି. ଶତପଥୀ ତଥା ଆଞ୍ଚଳିକ ସହ ନିର୍ଦ୍ଦେଶିକା ଡ. ସୁଜାତା ସାହୁ, ବିଦ୍ୟାଳୟର ମ୍ୟାନେଜର ଇପ୍‌ସିତା ଦାସ ଓ ଅଧକ୍ଷ ବଳରାମ ମହାପାତ୍ର କୃତୀ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

# ରାୟଗଡ଼ା ଜିଲ୍ଲାରେ ପୁଣି କଲରାପତରିଆ ବାଘ ଛାଲ ଜବତ୍:୬ ଗିରଫ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାୟଗଡା ଜିଲ୍ଲା ମୁନିଗୁଡା ରେଞ୍ଜର ବିଷମକଟକ ବ୍ଲକର ଋଟିକଣା ଶିବ ମନ୍ଦିର ନିକଟସ୍ଥ କାଜୁ ବାଡରୁ ବାଘ ଚମଡା ଚୋରା ଚାଲାଣ ହେଉଥିବା ବେଳେ ଧରାପଡିଛି । ଏକ କଲରାପତରିଆ ବାଘ ଚମଡା ସହ ୬ ଜଣଙ୍କୁ ଗିରଫ କରିଛି ବନ ବିଭାଗ । ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରାୟଗଡା ବନଖଣ୍ଡ ଅଧିକାରୀ ସଚିନ ଆନାସାହେବ ଆହୋଲ ବଛା ବଛା ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ । ଏସିଏଫ ସନ୍ଦୀପ ପୃଷ୍ଟିଙ୍କ ନେତୃତ୍ୱରେ ଏହି ଟିମ୍ ଗତ ୧୦ ତାରିଖରେ ଗୁଡାରି ଅଞ୍ଚଳରୁ ଏକ କଲରାପତରିଆ ବାଘ ଚମଡା ସହ ୫ ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ସୂଚନା ଆଧାରରେ ଗତ ୧୧ ତାରିଖରେ ଏହି ଟିମ୍ ପୁଣି ଋଟିକଣା ସ୍ଥିତ ଶିବ ମନ୍ଦିର ନିକଟରୁ ଆଉ ଏକ କଲରାପତରିଆ ବାଘ ଚମଡା ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିବାରେ ସଫଳତା ପାଇଥିଲା । ଏହି ଘଟଣାରେ ସନ୍ତୋଷ ବିଭାର, ଜୟଦେବ ଗରଡିଆ, ସାଦନା ଗରଡିଆ, ଟୁନା ଗରଡିଆ, ରାଜେନ୍ଦ୍ର ଭାତ୍ରା, ନୀଳା ଭାତ୍ରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଜବତ ଦୁଇ ବାଘ ଚମଡାକୁ ଫରେନ୍‌ସିକ୍ ଟେଷ୍ଟ ପାଇଁ ପଠାଯାଇଥିବା ବନ ବିଭାଗ ସୂଚନା ଦେଇଛି ।

# ଘରକୁ ଘର ବୁଲି ଦୀପାଳି ଦାସଙ୍କ ନିର୍ବାଚନ ପ୍ରଚାର

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**



ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥିନୀ ସୁଶ୍ରୀ ଦୀପାଳି ଦାସ ଝାରସୁଗୁଡ଼ା ପୌରାଞ୍ଚଳ ୱାର୍ଡ ନଂ–୧୫ ବଞ୍ଜାରି ଓ କୋଲାବିରା ବ୍ଲକ ଅନ୍ତର୍ଗତ ରଘୁନାଥପଲ୍ଲୀ ଠାରେ ଘରକୁ ଘର ବୁଲି ନିର୍ବାଚନୀ ପ୍ରଚାର କରିଛନ୍ତି । ଘରକୁ ଘର ବୁଲି ବୟସ୍କ ଭୋଟର ମାନଙ୍କ ପାଦ ଛୁଇଁ ଭୋଟ୍ ଭିକ୍ଷା କରିଥିବା ବେଳେ କନିଷ୍ଠ ଭୋଟର ମାନଙ୍କୁ ଝାରସୁଗୁଡ଼ାର ବିକାଶ କରିବା ପାଇଁ ସହଯୋଗର କାମନା କରି ଭୋଟ୍ ଭିକ୍ଷା କରିଥିଲେ । ବିଜେଡି ଚଳିତ ନିର୍ବାଚନରେ ରେକର୍ଡ ମାର୍ଜିନରେ ବିଜୟ ଲାଭ କରିବୁ । ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଏବଂ ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ କରାଯାଉଥିବା ବିକାଶ ମୂଳକ କାର୍ଯ୍ୟ ଉପରେ ବିଶ୍ୱାସର ମୋତେ ଏହି ନିର୍ବାଚନରେ ଆଶୀର୍ବାଦ କରି ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବେ ବୋଲି ସୁଶ୍ରୀ ଦିପାଳି ଦାସ କହିଛନ୍ତି । ଏହା ସହ ୮ ମାସ ସମୟରେ ଯେଉଁ ବିକାଶ ମୂଳକ କାର୍ଯ୍ୟ ହୋଇଛି ଏହାକୁ ଆହୁରି ଅଧିକ ଗତିରେ ଝାରସୁଗୁଡ଼ାର ବିକାଶ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପ୍ରଚାରରେ ସୁଶ୍ରୀ ଦୀପାଳି ଦାସଙ୍କ ସହ ଝାରସୁଗୁଡ଼ା ପୌରାଧକ୍ଷା ରାଣୀ ହାତୀ, କାଉନସିଲର ଝରଣା ଭୋଇ ସମେତ ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ସମୀର ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଚାରପତି ଅଳ୍ପ ସମୟ କାମ କରୁଛନ୍ତି:ସାନ୍ୟାଲ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଦେଶର ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବା ଉପରେ ଜୋର୍ ଦେଇ ବିଶିଷ୍ଟ ଅର୍ଥନୀତିଜ୍ଞ ସଞ୍ଜୀବ ସାନ୍ୟାଲ କହିଛନ୍ତି ଯେ ଏବେ ବି 'ତାରିଖ ପରେ ତାରିଖ' ବ୍ୟବସ୍ଥା ଚାଲିଛି । ଉପନିବେଶବାଦ ସମୟର ଏହି ଢାଞ୍ଚା ବଦଳିବା ଦରକାର । ଗତ ୭୫ ବର୍ଷ ଧରି ସେହି ସମାନ ବ୍ୟବସ୍ଥା । ବିଚାରପତିମାନେ ଅଳ୍ପ ସମୟ କାମ କରୁଛନ୍ତି । ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଖରା ଛୁଟି ହେଉଛି । ପୁଣି ଦଶହରା ସମୟରେ ଛୁଟି । ଏହି ବ୍ୟବସ୍ଥା ବଦଳିବା ଦରକାର ବୋଲି ସେ କହିଛନ୍ତି । କିଛି ଦିନ ତଳେ ପ୍ରଶାସନିକ ବ୍ୟବସ୍ଥା ଉପରେ ଆଙ୍ଗୁଳି ଉଠାଇଥିବା ସାନ୍ୟାଲ କହିଛନ୍ତି ଯେ ବିଚାର ବ୍ୟବସ୍ଥାର ଆଧୁନିକୀକରଣ ନହେଲେ ତାହା ଦେଶର ଅର୍ଥନୈତିକ, ସାମାଜିକ ଓ ଜାତୀୟ ପ୍ରଗତି ପାଇଁ ସବୁଠୁ ବଡ଼ ପ୍ରତିବନ୍ଧକ ହୋଇରହିବ । ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ବିଚାରପତିଙ୍କ ନିଯୁକ୍ତି ଓ ବଦଳି ପାଇଁ ରହିଥିବା କଲେଜିୟମ୍ ବ୍ୟବସ୍ଥା ଉପରେ ମଧ ସେ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଯେ କଲେଜିୟମ୍ ବ୍ୟବସ୍ଥାରେ ବିଚାରପତି ମାନେ ନିଷ୍ପତ୍ତି ନେଉଛନ୍ତି ପରବର୍ତ୍ତୀ ବିଚାରପତି କିଏ ହେବେ । ଏହି ଧାରା ଜାରି ରହିଛି । ଅର୍ଥାତ ସେମାନଙ୍କ ନିଜ ଲୋକଙ୍କୁ ହିଁ ଏହି ପଦ ମିଳୁଛି । ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ଅର୍ଥନୈତିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିବା ଶ୍ରୀ ସାନ୍ୟାଲ ଏହା ମଧ କହିଛନ୍ତି ଯେ ଏହି ବ୍ୟବସ୍ଥାରେ ଏଭଳି ଚାଲିଛି ଯେମିତି ଆଜି ମୁଁ କରୁଛି, କାଲି ମୋ ଭାଇ କରିବ, ତା'ପରେ ମୋ ପୁଅ ଓ ମୋ ସମ୍ପର୍କୀୟମାନେ କରିବେ । ଏହି ବ୍ୟବସ୍ଥା ବନ୍ଦ ହେବା ଦରକାର ଏବଂ ବାହାରର ଯୋଗ୍ୟ ଲୋକଙ୍କୁ ସୁଯୋଗ ଦେବା ଲାଗି ନୂଆ ବ୍ୟବସ୍ଥା ଆସିବା ଦରକାର ବୋଲି ସେ କହିଛନ୍ତି ।

# ୧୪୦ କେଜି ଗଞ୍ଜେଇ ଜବତ:୩ ଗିରଫ

**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ଟିଟିଲାଗଡ଼ ରେଳ ଷ୍ଟେସନ୍‌ର ପାଞ୍ଚ ନମ୍ବର ପ୍ଲାଟ୍‌ଫର୍ମରୁ ଗଞ୍ଜେଇ ଚାଲାଣ ହେଉଥିବାର ଖବର ଟିଟିଲାଗଡ଼ ରେଳବାଇ ସୁରକ୍ଷା ବଳ ଥାନା ଅଧିକାରୀ ଏସ.ବି. ପୁନିଆ ଖବରପାଇ ଟିଟିଲାଗଡ଼ ଅବକାରୀ ଥାନା ଅଧିକାରୀଙ୍କୁ ଖବର ଦେବାରୁ ମିଳିତ ଭାବେ ଚଢ଼ଉ କରାଯିବାରୁ ଦୁଇ ଜଣ ଯାତ୍ରୀଙ୍କୁ ତାଲାସି କରାଯିବାରୁ ୨୦ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଯୁବକର ନାମ ମହାରାଷ୍ଟ୍ର ରାଜ୍ୟର ଓମ୍ ପ୍ରକାଶ ରମେଶ ରାଓ ନାସାରେ, ସାହିଲ ଅଶୋକ ରାଓ ସାରେଡି ଦ୍ୱୟଙ୍କୁ ଗିରଫ କରାଯାଇଛି । ଉକ୍ତ ଦିନ ଟିଟିଲାଗଡ଼ ସହରର ହାଇସ୍କୁଲ ପଡ଼ାର ଚନ୍ଦନ ଦାସଙ୍କ ଘରୁ ୧୨୦ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଚନ୍ଦନ ଦାସଙ୍କୁ ଗିରଫ କରାଯାଉଛି ଏବଂ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତା ଚେତାବାଣୀ ଦାସ ଫେରାର ମାରିଛନ୍ତି । ଏହି ଚଢ଼ଉ ସମୟରେ ଅବକାରୀ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



# ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି କୌଣସି ଦଳର ଦୃଷ୍ଟି ନାହିଁ

**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା ରାଜ୍ୟରେ ସାମ୍ବାଦିକ ମାନେ ଅତି ଅବହେଳିତ ଓ ଉପେକ୍ଷିତ ଅବସ୍ଥାରେ ରହୁଥିଲେ ହେଁ ସାମ୍ବାଦିକ ମାନଙ୍କର ଜୀବନ ଧାରଣ ପ୍ରତି କେହି ହେଲେବି ଚିନ୍ତା ନକରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି । ସୂଚନାରୁ ପ୍ରକାଶ ଯେ, ଅନ୍ୟ ରାଜ୍ୟ ମାନଙ୍କରେ ସାମ୍ବାଦିକ ମାନଙ୍କର ଆବଶ୍ୟକତା ଓ ସେମାନଙ୍କର କାର୍ଯ୍ୟ କୁଶଳତାକୁ ଦେଖି ଓ ସେମାନଙ୍କର ଦୁର୍ବିସହ ସହ ଜୀବନ ଜାପନକୁ ଦୃଷ୍ଟି ଦେଇ ସାମ୍ବାଦିକ ମାନଙ୍କୁ ମାସିକ ପେନ୍‌ସନ୍‌ର ବ୍ୟବସ୍ଥା କରି ସାମ୍ବାଦିକ ମାନଙ୍କ ପ୍ରତି ସରକାରଙ୍କର କର୍ତ୍ତବ୍ୟକୁ ପ୍ରତିପାଦନ କରିଛନ୍ତି । ହେଲେ ଆମ ଓଡ଼ିଶା ରାଜ୍ୟରେ ସାମ୍ବାଦିକ ମାନଙ୍କୁ ସାବତପୁଅ ସଦୃଶ ଦେଖୁଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କୌଣସି ପାରିଶ୍ରମିକ ନପାଇ ବିନା ପାରିଶ୍ରମିକରେ ଦଶନ୍ଧି ଦଶନ୍ଧି ଧରି ନିଜ ନିଜ ପରିବାର କିପରି ଚଳିବ ସେଥିପ୍ରତି ଦୃଷ୍ଟି ନଦେଇ ସମାଜ ସେବାରେ ମଗ୍ନ ରହି ଯୁବକ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇ ମଧ ଅଧିକାଂଶ ବୟୋବୃଦ୍ଧ ସାମ୍ବାଦିକ ଅଦ୍ୟାବଧି ବିନା ପାରିଶ୍ରମିକରେ ନିଜର କଲମ ମୁନକୁ ଚଲାଇବାରେ ଜାରି ରଖିଛନ୍ତି । ବିନା ପାରିଶ୍ରମିକରେ ସାମ୍ବାଦିକତା କାର୍ଯ୍ୟକରି ସମସ୍ତ ସମୟ ସମାଜ ସେବାରେ ଲଗାଇ ନିଜ ପରିବାର ପ୍ରତି କର୍ତ୍ତବ୍ୟ କରିପାରିନଥିବାରୁ ବୟୋବୃଦ୍ଧ ସାମ୍ବାଦିକମାନେ ନା ନିଜ ପରିବାରର ପ୍ରିୟ ହୋଇପାରିଲେ ନା ସରକାରଙ୍କ ଠାରୁ ନା ସଂସ୍ଥାର ମାଲିକମାନଙ୍କ ଠାରୁ ଜୀବନ ବଞ୍ଚିବା ଲାଗି କୌଣସି ସାହାଯ୍ୟ, ସହଯୋଗ ପାଇପାରିଲେ । କାହାଠାରୁ କିଛିହେଲେ ସହାନୁଭୂତି ନପାଇ ବୃଦ୍ଧ ଅବସ୍ଥାରେ ଅସହାୟ ଅବସ୍ଥା ଭଳି ଅବସ୍ଥାରେ ଉପନୀତ । ତେଣୁ ଏଭଳି ଅବସ୍ଥାରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମାସିକ କିଛି ପେନ୍‌ସନ୍‌ର ବ୍ୟବସ୍ଥା କରିବା ନିତ୍ୟାନ୍ତ ଜରୁରୀ ହୋଇପଡିଛି । ସମାଜରେ ବଞ୍ଚି ରହିବା ଲାଗି ସରକାର ଯଦି ଅବସର ପ୍ରାପ୍ତ କର୍ମଚାରୀ, ବୃଦ୍ଧ ବୃଦ୍ଧା, ବିଧବା, ଅକ୍ରମଣ୍ୟ, ସାଂସଦ, ମନ୍ତ୍ରୀ, ମାନଙ୍କୁ ମାସିକ ଦରମା ସହିତ ବୃଦ୍ଧ ସମୟରେ ପେନ୍‌ସନ୍ ଦେଉଛନ୍ତି ତେବେ ବିନା ପାରିଶ୍ରମିକରେ ଦଶନ୍ଧି ଦଶନ୍ଧି ଧରି ସାମ୍ବାଦିକତା କାର୍ଯ୍ୟ କରି ଯୁବ ଅବସ୍ଥାରୁ ବୃଦ୍ଧ ଅବସ୍ଥାରେ ପହଞ୍ଚିଥିଲେ ହେଁ ସାମ୍ବାଦିକ ମାନଙ୍କୁ କାହିଁକି ମାସିକ ପେନ୍‌ସନ୍ ବ୍ୟବସ୍ଥା କରାନଯିବ ତାର ଉତ୍ତର ସରକାର ଦେବା ଉଚିତ୍ ବୋଲି ଜନସାଧାରଣରେ ପ୍ରଶ୍ନ ଉଠିଛି । ସତେ ଯେମିତି ସାମ୍ବାଦିକମାନେ ସାବତ ପୁଅ ସଦୃଶ ଜୀବନ ଯାପନ କରୁଛନ୍ତି । ତେଣୁ ସରକାର ସାମ୍ବାଦିକ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରିବାକୁ ଦୃଢ ଦାବି ହୋଇଛି ।

# ମାତୃ ଦିବସ ଉପଲକ୍ଷେ ବୃଦ୍ଧାଶ୍ରମରେ ମା' ମାନଙ୍କୁ ପୂଜାର୍ଚ୍ଚନା

**କଟକ, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ମାତୃ ଦିବସ ଏହି ଅବସରରେ କଟକ ଜିଲ୍ଲା ନିଆଳି ବ୍ଲକ ବୃନ୍ଦାବନ ବୃଦ୍ଧାଶ୍ରମରେ ଭ୍ରୁ ଫାଉଣ୍ଡେସନ୍ ପକ୍ଷରୁ ମାତୃ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶ୍ରମରେ ରହୁଥିବା ବୃଦ୍ଧା ମାନଙ୍କୁ ଭ୍ରୁ ସାମାଜିକ ଅନୁଷ୍ଠାନ ପକ୍ଷରୁ ବନ୍ଦାପନା କରାଯିବା ସହ ନୂତନ ବସ୍ତ୍ର ପ୍ରଦାନ କରିଥିଲେ । କର୍ମକର୍ତ୍ତା ଆଧୁନିକ ସମାଜରେ ମା' ମାନଙ୍କୁ ସଦାସର୍ବଦା ସମସ୍ତେ ସମ୍ମାନ ଦିଅନ୍ତି । ବୟସ୍କ ବ୍ୟକ୍ତିଙ୍କର ସୁରକ୍ଷା, ଯତ୍ନ ନେବା ପାଇଁ ଅନୁଷ୍ଠାନର ସଭାପତି ସବିତା ମଲ୍ଲିକ ଅନୁରୋଧ କରିଛନ୍ତି । ବୃନ୍ଦାବନ ଆଶ୍ରମର ସମ୍ପାଦକ ସୁଦାମ ସାମଲ ଏଭଳି କାର୍ଯ୍ୟ ପାଇଁ ଭ୍ରୁ ଫାଉଣ୍ଡେସନ୍‌କୁ ପ୍ରଶଂସା କରିଛନ୍ତି ।



# ଯୋଡ଼ି ଶଙ୍ଖରେ ଭୋଟ୍ ଦେବା ପାଇଁ ଶପଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ପଞ୍ଚାୟତ ସ୍ତରୀୟ ଓ ପୌରାଞ୍ଚଳ ସ୍ତରୀୟ ବୈଠକ କାକଟ ନିକଟସ୍ଥ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଧିରେନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ନଗର ସଭାପତି ଯଜାତି କେଶରୀ ମହାନ୍ତି ଏହାକୁ ସଂଯୋଜନା କରିଥିଲେ । ଆଗାମୀ ନିର୍ବାଚନରେ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା ଉଭୟଙ୍କୁ ଶଙ୍ଖ ଚିହ୍ନରେ ଅଧିକ ସଂଖ୍ୟାରେ ଭୋଟ୍ ଦେବା ପାଇଁ ସକ୍ରୀୟ ଭାବେ ଲାଗି ପଡିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ବୈଠକରେ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବରଙ୍କ ସମେତ କାଉନ୍‌ସିଲର ମାନେ ଯୋଡି ଶଙ୍ଖରେ ଭୋଟ୍ ଦେବାପାଇଁ ଶପଥ ନେଇଛନ୍ତି । ଆୟୋଜିତ ଏହି ସାଂଗଠନିକ ବୈଠକରେ ପ୍ରାର୍ଥୀ ଗଣେଶ୍ୱରଙ୍କ ସମେତ ନଗରପାଳ ସରିତା ସାହୁ, ରାଜ୍ୟ ସମ୍ପାଦକ ରିତ ସାହୁ, ଉପାଧକ୍ଷ ଆକବରୀ ଖାତୁନ, ନିରାକାର ସ୍ୱାଇଁ, ସୁକୁମାର ଚୌଧୁରୀ, ସୌମେନ୍ଦ୍ର ପୃଷ୍ଟି, ରାଜେଶ ମହାନ୍ତି, ହିବଜୁବୁର ରହେମାନ, ଶୁଭାଶିଷ ପଣ୍ଡାଙ୍କ ସହ ପ୍ରସନ୍ନ ରାଉତ, ପ୍ରଦ୍ୟୁମ୍ନ ଜେନା, ଅଯୋଧ୍ୟାନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍–୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୫।୫।୨୦୨୪, ଜ୍ୟେଷ୍ଠ ଦି୨ନ, ବୁଧବାର**

**ସୂର୍ଯ୍ୟୋଦୟ– ଘ୦୫।୧୧।୩୫ ଚନ୍ଦ୍ରୋଦୟ– ଦିଘ ୧୧।୩୦।୧୧**

ଅଷ୍ଟମୀ– ଅହୋରାତ୍ର । ଅଶ୍ଳେଷା ନକ୍ଷତ୍ର ଓ କର୍କଟ ରାଶି– ଦିଘ ୩।୨୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି** – ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୩।୨୫ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**– ଦିଘ ୩।୨୫ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**– ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**– ନଡିଆ ଖାଇବା ମନା । **ଆଜିର ଶୁଭବେଳା**– ପ୍ରାଘ ୭।୫୧ ଗତେ ଘ ୮।୨୯ ମଧ୍ୟେ । ଦିଘ ୧।୫୩ ଗତେ ଘ ୫।୧୯ ମଧ୍ୟେ । **ପର୍ବୋତ୍ସବ**– ନୀଳାଦ୍ରି ମହୋଦୟାଷ୍ଟମୀ ।



**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବଜାୟ ରହିବ । ମହିଳାମାନେ ସୁଖୀ ହେବେ । ନୂତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।



**ବୃଷ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଶ୍ରେୟସ୍କର । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ ।



**ମିଥୁନ:** କାର୍ଯ୍ୟକ୍ଷେତ୍ରରୁ ସଫଳତା ପାଇବେ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା ।



**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ । ଖର୍ଚ୍ଚର ମାତ୍ରା ବଢ଼ିପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ ।



**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା । ଦେହ ଓ ମନ ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି । ଆୟ ଯୋଗ ମଧ ରହିଛି ।



**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବାର ସୂଚନା ।



**ତୁଳା:** ବ୍ୟବସାୟରୁ ଲାଭବାନ୍ ହେବେ । ପାରିବାରିକ ଜୀବନ ହସିଲା ପୂରିଲା ହେବ । ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।



**ବିଛା:** ଶତ୍ରୁ ପରାସ୍ତ ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଚାକିରୀକ୍ଷେତ୍ରରେ ଉନ୍ନତି ଦେଖାଦେବ । ଭ୍ରମଣ ଯୋଗ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ମନ ଭଲ ରହିବ ।



**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ଆୟର ପରିମାଣ ବଢ଼ିବାର ସୂଚନା ।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ବ୍ୟୟର ପରିମାଣ ଅଧିକ ହେବ । ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ ।



**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ । କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ଭଲ ହେବ ।



**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ଶରୀର ସୁସ୍ଥ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ମହିଳାମାନେ ସୁଖୀ ହେବେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୧୬।୫।୨୦୨୪, ଜ୍ୟେଷ୍ଠ ଦି୩ନ, ଗୁରୁବାର**

**ସୂର୍ଯ୍ୟୋଦୟ– ଘ୦୫।୧୧।୧୨ ଚନ୍ଦ୍ରୋଦୟ– ଦିଘ ୧୨।୨।୧୦**

ଅଷ୍ଟମୀ ମଳ– ପ୍ରାଘ ୬।୨୪ ପର୍ଯ୍ୟନ୍ତ । ମଘା ନକ୍ଷତ୍ର– ସଂଘ ୬।୧୪ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର– ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି** – ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**– କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**– ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**– ନଡିଆ ପ୍ରାଘ ୬।୨୪ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା**– ପ୍ରାଘ ୫।୧୪ ଗତେ ଘ ୬।୦୭ ମଧ୍ୟେ । ଦିଘ ୯।୩୩ ଗତେ ଘ ୧୧।୧୭ ମଧ୍ୟେ । **ପର୍ବୋତ୍ସବ**– ସୀତା ନବମୀ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଖାଉଟିଙ୍କୁ ମିଳିପାରେ ଆଶ୍ୱସ୍ତି

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ଖସୁଛି । ୮୦ ଡଲାର ତଳେ ବ୍ରେଣ୍ଟ କ୍ରୁଡ୍ । ଏଭଳି ସ୍ଥିତିରେ ନରେନ୍ଦ୍ର ମୋଦି ସରକାର ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇପାରନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସାଧାରଣ ନିର୍ବାଚନ ଥିବାବେଳେ ପେଟ୍ରୋଲ ଏବଂ ଡିଜେଲ ଦର ଖସାଇପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି । କ୍ରମାଗତ ତୃତୀୟ ପାଳି ପାଇଁ କ୍ଷମତାକୁ ଆସିବା ପାଇଁ ଭାରତୀୟ ଜନତା ପାର୍ଟି ରଣନୀତି ପ୍ରସ୍ତୁତ କରିଛି । ଦେଶରେ ଜୀବନଧାରଣ ଖର୍ଚ୍ଚ କମାଇବା ଦିଗରେ ନରେନ୍ଦ୍ର ମୋଦି ସରକାର ଆସନ୍ତା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲ ଦର କମାଇ ଲୋକଙ୍କୁ ଆଶ୍ୱସ୍ତ କରିପାରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ଚିନ୍ତାଜନକ ସ୍ତରରେ ରହିଛି । ଡିସେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୫.୬୯% ଥିଲା । ଆର୍ବିଆଇ ମୁଦ୍ରାସ୍ଫୀତିକୁ ୪% ମଧ୍ୟରେ ରଖିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ ଏହା ତାହାର ଯଥେଷ୍ଟ ଉପରେ ରହିଛି । ତେଣୁ ଇନ୍ଧନ ଦରରେ ହ୍ରାସ କରାଗଲେ ଲୋକେ କିଛି ମାତ୍ରାରେ ଉପକୃତ ହେବେ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଆସନ୍ତା କିଛି ମାସ ମଧ୍ୟରେ ସାଧାରଣ ନିର୍ବାଚନ ହେବ । ଏଭଳି ସ୍ଥିତିରେ ଦରବୃଦ୍ଧିଜନିତ ସମସ୍ୟା ଯେପରି ଏଥିରେ କୌଣସି କେଁ ନ ପଶାଏ ତାହା ଉପରେ ସରକାରଙ୍କ ନଜର ରହିବ । ସୂଚନାଯୋଗ୍ୟ, ଘରୋଇ ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ମୋଦି ସରକାର ବିଭିନ୍ନ ପ୍ରକାର ରପ୍ତାନି କଟକଣା ଲାଗୁ କରିଛନ୍ତି ଏବଂ କେତେକ ସାମଗ୍ରୀର ମହଜୁଦ ସୀମା କାର୍ଯ୍ୟକାରୀ କରିଛନ୍ତି । ବଜାରରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନିଗୁଡ଼ିକର ୯୦% ନିୟନ୍ତ୍ରଣ ରହିଛି । ଦର ହ୍ରାସ କରିବା ପାଇଁ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ରେଟିଂ ଏଜେନ୍ସି ଇକ୍ରା ପ୍ରକାଶ କରିଛି ଯେ, ଅଶୋଧିତ ତୈଳ ଦରରେ ହ୍ରାସ ଯୋଗୁ ଲିଟର ପିଛା ପେଟ୍ରୋଲ ଏବଂ ଡିଜେଲ ଉପରେ ଯଥାକ୍ରମେ ୧୧ ଟଙ୍କା ଏବଂ ୬ ଟଙ୍କା ଲାଭ କରୁଛନ୍ତି ତୈଳ ବିପଣନ କମ୍ପାନି । ୨୦୨୨ରେ ଯେତେବେଳେ ତୈଳ ଦର ଉଚ୍ଚ ରହିଥିଲା ଉକ୍ତ ସମୟରେ କମ୍ପାନିଗୁଡ଼ିକ ସହିଥିବା କ୍ଷତିର ଭରଣା ହୋଇ ଏବେ ବିପୁଳ ଲାଭ କଲେଣି । ତେଣୁ ବର୍ତ୍ତମାନ ସେମାନଙ୍କ ପାଇଁ ଏହା ଦର ହ୍ରାସ କରିବାର ସମୟ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ବ୍ରଜ ପରିକ୍ରମା


ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଏଠାରେ ରାଧାରାଣୀ ଗୋପୀମାନଙ୍କ ସହିତ ଗୋଡ଼ରେ ଅଳତା ଲଗାଇ ରାସୋତ୍ସବରେ ଯୋଗ ଦେଉଥିବାର କିମ୍ବଦନ୍ତୀ ପ୍ରଚଳିତ । ପାହାଡ଼ ଉପରେ ଅଛି ପୁଷ୍କରରାଜ ଓ ଛପନ ବାଟିଆ । ପୁଷ୍କରରାଜ ଏକ କ୍ଷୁଦ୍ରସ୍ଥାନ । ଏଠାରେ ରାଧାରାଣୀ ସ୍ନାନ କରୁଥିବାର କୁହାଯାଏ । ଶିଳା ଆସ୍ତରଣରେ ୫୬ଟି ବାଟି ବାଗିନା ଏଠାରେ ଖୋଦିତ ହୋଇଛି । ଗୋପାଳବାଳକମାନଙ୍କ ସହିତ ଏଠାରେ ପ୍ରଭୁ ଭୋଜନ କରୁଥିବାର କିମ୍ବଦନ୍ତୀ ପ୍ରଚଳିତ । ଏହି ପାହାଡ଼ର ପୂର୍ବକୁ ଦେଖି ହୁଏ ବର୍ଷାଣା ସହରର ଶ୍ରୀରାଧାରାଣୀଙ୍କ ଧବଳ ବର୍ଣ୍ଣ ମନ୍ଦିର ଓ ତାହା ନିକଟସ୍ଥ ପାହାଡ଼ ଉପରେ ଅଛି କୋଶଳ ବିହାରୀଙ୍କ ମନ୍ଦିର । ଯାହାକି ଏକ ବିଶାଳ ରାଜପ୍ରାସାଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପାହାଡ଼ର ପଥର ମସୃଣ, ଦେଖିବାକୁ ଧଳା ଓ ପାଟଳ ବର୍ଣ୍ଣ । ପାହାଡ଼ର ଉପରି ଭାଗ ସମତଳ । ଅନ୍ୟ ଏକ ପାହାଡ଼ରେ ରହିଛି ଲଳିତାଦେବୀଙ୍କ ମନ୍ଦିର । ମନ୍ଦିର ଉପରକୁ ଯିବାପାଇଁ ପଥର ପାବଚ୍ଛମାନ ରହିଛି । ପାହାଡ଼ଟିର ଆୟତନ ୫-୬ ଗୁଣ୍ଠ ପର୍ଯ୍ୟନ୍ତ ହେବ । ଏହି ଲଳିତା ମନ୍ଦିର ନିକଟରେ ଥିବା ବୈଠକ ସ୍ଥାନ ମାର୍ବଲ ପ୍ରସ୍ତରରେ ନିର୍ମିତ । ଏଠାରେ ରାଧାରାଣୀ ତାଙ୍କ ସଖୀମାନଙ୍କ ମଧ୍ୟରେ ସ୍ୱର୍ଣ୍ଣ ମୁଦ୍ରିକା ଦେବାର ପ୍ରବାଦ ଅଛି । ତେଣୁ ଏଠାରେ ଭକ୍ତମାନେ ମୁଦ୍ରିକା ଦାନ କରିଥାନ୍ତି । ମନ୍ଦିର ମଧ୍ୟରେ ଶ୍ରୀରାଧାକୃଷ୍ଣଙ୍କ ଡାହାଣକୁ ଲଳିତାଙ୍କର ସୁନ୍ଦର ବିଗ୍ରହ । ପାହାଡ଼ର ତଳେ ରହିଛି ଦେବକୁଣ୍ଡ ନାମରେ ଏକ ବଡ଼ ପୁଷ୍କରିଣୀ । ଏହି ପାଣିର ବର୍ଣ୍ଣ ଯମୁନା ଜଳ ଭଳି ନୀଳ । ଏଠାରେ କୁଆଡ଼େ ସ୍ୱର୍ଗର ଦେବତାମାନେ ସ୍ନାନ କରନ୍ତି ବୋଲି ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ରହିଛି । ଏହି ପୁଷ୍କରିଣୀ ନିକଟରେ ରହିଛି ଦେବବିହାରୀଙ୍କ ମନ୍ଦିର । ମନ୍ଦିରରେ ପୂଜା ପାଉଛନ୍ତି ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ସହିତ ଶିବଲିଙ୍ଗ । ଏହାର ପାଖରେ ରହିଛି ରାଧାଙ୍କ ନାମରେ ଏକ ପୁଷ୍ପ ଓ ଫଳର ମନୋରମ ଉଦ୍ୟାନ ।

ବର୍ଷାଣା ସହରର ପଶ୍ଚିମର ଏକ ପାହାଡ଼ ଉପରେ ରାଧାରାଣୀଙ୍କ ମନ୍ଦିର ଥିବା ଆଗରୁ କୁହାଯାଇଛି । ବହୁତ ଗୁଡ଼ିଏ ପଥର ପାହାଚ ପାରିହେଲା ପରେ ମନ୍ଦିରରେ ପହଞ୍ଚିବାକୁ ହୁଏ । ମନ୍ଦିରର ବେଢ଼ା ମାର୍ବଲ ପ୍ରସ୍ତରରେ ନିର୍ମିତ । ରାଧାରାଣୀଙ୍କ ବିଗ୍ରହକୁ ଏଠାରେ ବହୁ ମର୍ଯ୍ୟାଦାର ସହିତ ପୂଜା କରାଯାଏ । ପାହାଡ଼ ଉପରୁ ସନ୍ଧ୍ୟାରେ ବର୍ଷାଣା ସହରର ଦୃଶ୍ୟ ଅତି ସୁନ୍ଦର । ବିଭିନ୍ନ ରଙ୍ଗର ବିଦ୍ୟୁତ୍ ଆଲୋକରେ ସହରଟି ଉଭାସିତ ହୋଇଥାଏ । ପାହାଡ଼ ତଳେ ଅଛି ଅଷ୍ଟସଖୀଙ୍କ ମନ୍ଦିର ଓ ଏଠାର ଏକ ସଂକୀର୍ଣ୍ଣ ଗଳିକୁ ହିନ୍ଦୀରେ 'ସାକ୍ରି ଖୋଲ' କହନ୍ତି । ଏହି ସାକ୍ରିଖୋଲ ଗଳିରେ ପ୍ରଭୁ ଗୋପୀମାନଙ୍କଠାରୁ ଦୁଗ୍ଧ, ଦହି, ଲହୁଣି ନେଇ ମାଠିଆଗୁଡ଼ିକୁ ଭାଙ୍ଗି ଦେଉଥିଲେ । ଏପରି କରିବା ପରେ ପାହାଡ଼ ଉପରକୁ ଯାଇ ବିଶ୍ରାମ ନେଉଥିଲେ । ଯେଉଁଠାରେ ପ୍ରଭୁ ବିଶ୍ରାମ ନେଉଥିଲେ ସେଠାରେ ଏକ ମନ୍ଦିର ପ୍ରତିଷ୍ଠା ହୋଇଛି । ମନ୍ଦିର ନିକଟରେ ରହିଛି ରାଧାରାଣୀଙ୍କର ପାଦପୀଠ । ବର୍ଷାଣାର ପାହାଡ଼ଗୁଡ଼ିକରେ ବହୁ ଦୃଶ୍ୟ ରହିଛି । ପୂର୍ବରୁ ବର୍ଣ୍ଣିତ ସାକ୍ରିଖୋଲ ଗଳିର କିଛି ଦୂରରେ ଅଛି ଚିକ୍ରୋଲୀ ଗ୍ରାମ । ଏହାସବୁ ବର୍ଷାଣା ସହର ଅନ୍ତର୍ଗତ । ଏହି ଚିକ୍ରୋଲୀକୁ ସଖୀ ଚିତ୍ରାବଳୀଙ୍କ ଗ୍ରାମ ବୋଲି କେତେକ କହିଥାନ୍ତି । ପାହାଡ଼ ଉପରେ ରହିଛି ମୟୂର କୁଟୀ । ଏଠାରେ ଶ୍ରୀକୃଷ୍ଣ ରାଧାରାଣୀଙ୍କ ସହିତ କେଳି କରୁଥିଲେ ବୋଲି କୁହାଯାଏ । ତେଣୁ ବୃଷଭାନୁ ରାଜାଙ୍କର ଅନୁଚରମାନେ ଏପରି ମିଳନ ବେଳେ କୃଷ୍ଣଙ୍କୁ ଧରିବା ପାଇଁ ଆସିବା ମାତ୍ରେ ସେ ଗୋଟିଏ ମୟୂର ରୂପରେ ଏଠାରେ ନୃତ୍ୟ କରୁଥିଲେ । ତେଣୁ ଏହାର ନାମ ମୟୂରକୁଟୀ ରହିଛି । ମୟୂରକୁଟୀର ପାଖରେ ଥିବା ବୃକ୍ଷସବୁକୁ କଳ୍ପଦ୍ରୁମ କୁହାଯାଏ । ପାହାଡ଼ ତଳେ ଯେବରକୁଣ୍ଡ ବୋଲି ସ୍ଥାନଟିଏ ରହିଛି । ଏଠାରେ ପ୍ରଭୁ ଗୋପାଳବାଳକ ମେଳରେ ଦହି ଖାଇ ହାତ ଓ ମୁହଁ ଧୋଉଥିବାର କୁହାଯାଏ । ଏହାକୁ ମଧ୍ୟ କେତେକ ଶ୍ରୀକୃଷ୍ଣ କୁଣ୍ଡ କହିଥାନ୍ତି ।

ବର୍ଷାଣାର ପାହାଡ଼ ଶ୍ରେଣୀ ମଧ୍ୟରେ ଅଛି ଗୋପାଳକୁଟୀ ମନ୍ଦିର । ଏହି ମନ୍ଦିରରେ ଶ୍ରୀକୃଷ୍ଣ ବିଶ୍ରାମ ନେଉଥିଲେ । ମନ୍ଦିରଠାରୁ ଅନତି ଦୂରରେ ବନବିହାରୀ ଓ କୋଶଳ ବିହାରୀଙ୍କ ମନ୍ଦିର । ପ୍ରତି ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କର ବିଗ୍ରହ ପୂଜା ପାଇଥାନ୍ତି । ଆଗରୁ କୁହାଯାଉଥିବା କୋଶଳବିହାରୀ ମନ୍ଦିରର କାରୁକାର୍ଯ୍ୟ ଅତିସୁନ୍ଦର । କଥିତ ଅଛି ଯେ ଜୟପୁର ମହାରାଜାଙ୍କର ଏହା କୀର୍ତ୍ତି । କୋଶଳବିହାରୀଙ୍କର ଉଭୟ ପାର୍ଶ୍ୱରେ ଦୁଇଟି ସ୍ୱତନ୍ତ୍ର କକ୍ଷରେ ଶ୍ରୀହଂସ ଗୋପାଳ ଓ ଗୋପାଳଜୀଙ୍କ ବିଗ୍ରହ ପୂଜା ପାଉଛନ୍ତି । ରାଧାରାଣୀଙ୍କର ମନ୍ଦିର ତଳେ ରହିଛି ବୃଷଭାନୁ ରାଜାଙ୍କର ରାଜପ୍ରାସାଦ । ମାତ୍ର ତାହା ସେତେ ପୁରାତନ ନୁହେଁ । ବର୍ଷାଣା ସହରର ଉତ୍ତରଦିଗରେ ପଡ଼େ ଗାଜିପୁର । ଏହି ଗାଜିପୁର ସହର ନିକଟରେ ରହିଛି ପ୍ରେମ ସରୋବର । ଏହି ପ୍ରେମ ସରୋବରକୁ ଲାଗି ରହିଛି ରାଧାଗୋବିନ୍ଦଙ୍କ ମନ୍ଦିର । ମନ୍ଦିର କାନ୍ଥରେ ଶ୍ରୀଚୈତନ୍ୟ, ସଚ୍ଚୀମାତା ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଫଟୋଚିତ୍ରମାନ ପୂଜା ପାଉଛନ୍ତି । ସରୋବରର ପୂର୍ବଦିଗରେ ପ୍ରେମବିହାରୀଙ୍କ ମନ୍ଦିର । ଏହି ମନ୍ଦିରରେ ବହୁ ଗୌଡ଼ୀୟ ବୈଷ୍ଣବ ରହିଛନ୍ତି । ପ୍ରେମ ସରୋବରକୁ ଲାଗି ରହିଛି ସଙ୍କେତବନ । ଯାହାକି ବର୍ଷାଣା ସହର ଓ ନନ୍ଦ ଗ୍ରାମର ମଧ୍ୟସ୍ଥଳୀ । ଏହି ସଙ୍କେତ ବନରେ ଭେଟ ହେଉଥିଲେ ବର୍ଷାଣାର ବୃଷଭାନୁ ନନ୍ଦିନୀ ଶ୍ରୀମତୀ ରାଧାରାଣୀ ଓ ନନ୍ଦ ଗ୍ରାମରୁ ନନ୍ଦନନ୍ଦନ ଶ୍ରୀକୃଷ୍ଣ । ଏହି ଉଭୟଙ୍କର ମିଳନର କେଳି ସ୍ଥାନ ସଙ୍କେତବନ ନାମରେ ସେହିଦିନର ସ୍ମୃତିକୁ ବହନ କରିଆସିଛି । ଏବେବି ଶ୍ରୀକୃଷ୍ଣଙ୍କ ବଂଶୀନାଦ, ରାଧାରାଣୀଙ୍କ ନୂପୁର ଓ କିଙ୍କିଣି ଧ୍ୱନିରେ ବନଭୂମି ନିନାଦିତ ହୋଇଥାଏ ବୋଲି ବିଶ୍ୱାସ ଅଛି । ଏହାର କିଛି ଦୂରରେ କୋକିଳାବନ ଓ ବିହାରବନ ପ୍ରଭୃତି ରାସସ୍ଥଳୀମାନ ରହିଛି । ଯେଉଁଠାରେ କି ଗୋପୀମାନେ ଶ୍ରୀକୃଷ୍ଣ ସହିତ କେଳି ରଚନା କରୁଥିଲେ । ତେବେ ମନରେ ପ୍ରଶ୍ନ ଆସେ ଯେ ଏତେ ଦୂରରେ ଥିବା ରାସସ୍ଥଳୀମାନଙ୍କୁ ସେମାନେ ଯାଉଥିଲେ କିପରି ? ଏପରି ପ୍ରଶ୍ନର ଉତ୍ତରରେ ଏତିକି ମାତ୍ର କୁହାଯାଇପାରେ ଯେ ପ୍ରଭୁ ଲୀଳା କରିବା ପାଇଁ ଯେପରି ଇଚ୍ଛା କରୁଥିଲେ ସେଠାରେ ଯୋଗମାୟା ସେପରି ବ୍ୟବସ୍ଥା କରିଦେଉଥିଲେ । ଯୋଗମାୟା ହେଉଛନ୍ତି ଶ୍ରୀମତୀ ରାଧିକାଙ୍କ ଶକ୍ତି ତଥା ମହାପ୍ରଭୁଙ୍କର ମହାଶକ୍ତି । ତେଣୁ ଦୂରସ୍ଥାନମାନଙ୍କରେ ରାସକ୍ରୀଡ଼ାର ଆୟୋଜନ କରିବା ତାଙ୍କ ପକ୍ଷରେ ଅସମ୍ଭବ ନଥିଲା । ସଙ୍କେତବନ ପରେ ଆସେ ବୁଧ ଗ୍ରାମ । ଯାହାର ଅନତି ଦୂରରେ ଅଛି ଯୋଗମାୟାଙ୍କ ଆସ୍ଥାନ । ଏଠାରେ କୁଆଡ଼େ ଯୋଗମାୟା ବ୍ରହ୍ମାଙ୍କ ପୌରୋହିତ୍ୟରେ ଶ୍ରୀରାଧାକୃଷ୍ଣଙ୍କର ବିବାହ ସଂପନ୍ନ କରାଇଥିଲେ । ଏହା ପୂର୍ବରୁ ବ୍ରହ୍ମା ପ୍ରଭୁଙ୍କ ଦର୍ଶନ ଆଶାରେ ପୁଷ୍କର ତୀର୍ଥରେ ତପସ୍ୟା କରୁଥିଲେ । ଷାଠିଏ ହଜାର ବର୍ଷର ତପସ୍ୟା ପରେ ସେ ତାଙ୍କୁ ଦର୍ଶନ ଦେବେ ବୋଲି ଅଭୟବାଣୀ ଶୁଣାଇ ଥିଲେ । ତେଣୁ ଏହି ଦ୍ୱାପର ଯୁଗରେ ବ୍ରହ୍ମା ତାଙ୍କ ପୂର୍ବ ତପସ୍ୟା ବଳରେ ରାଧାକୃଷ୍ଣଙ୍କର ମାଙ୍ଗଳିକ ବିବାହ କାର୍ଯ୍ୟ ଏହିଠାରେ ହିଁ କରାଇ ପ୍ରଭୁଙ୍କର ଦର୍ଶନ ପାଇଥିଲେ । ଏହାପରେ ପଡ଼େ ନନ୍ଦଗ୍ରାମ ଯାହାର ବର୍ଣ୍ଣନା ଆଗରୁ ହୋଇଯାଇଛି । ନନ୍ଦଗ୍ରାମର ପ୍ରଥମେ ପଡ଼େ ଯଶୋଦାକୁଣ୍ଡ ଓ ପାଖରେ ଅଛି ହନୁମାନଙ୍କ ମନ୍ଦିର । ଏହାର ପୂର୍ବଦିଗକୁ ଯାବଟ ଗ୍ରାମ ରହିଛି । ଯେଉଁ ଯାବଟ ଗ୍ରାମ ଶ୍ରୀରାଧାରାଣୀଙ୍କର ଶାଶୁଘର ବୋଲି ବିବେଚିତ । ଏହି ଗ୍ରାମକୁ ଯିବା ବାଟରେ ଯୋଗେଶ୍ୱର ମନ୍ଦିର ନିକଟରେ ରହିଛି ହଳଦୀ କୁଣ୍ଡ । ଯେଉଁଠାରେ ରାଧାରାଣୀ ଗୋପୀମାନଙ୍କ ସହିତ ହଳଦୀ ଲଗାଇ ସ୍ନାନ କରୁଥିଲେ । ଏଠାରୁ କିଛି ବାଟ ପରେ ରୂପଗୋସ୍ୱାମୀଙ୍କର ଭଜନସ୍ଥଳୀ ରହିଛି । ଏହି ସ୍ଥାନକୁ ଘେରି ରହିଛି ଏକ ସୁନ୍ଦର ଉପବନ । ବିଭିନ୍ନ ପ୍ରକାରର ପୁଷ୍ପବୃକ୍ଷ ସହ କଦମ୍ବ ଓ ପିଲୁ ଗଛର ଗହଳିରେ ସ୍ଥାନଟି ଭରପୁର ରହିଛି । ଏହା ରୂପଗୋସ୍ୱାମୀଙ୍କର ଥିଲା ଭଜନସ୍ଥଳୀ ଓ ଦିନେ ମଧ୍ୟ ଥିଲା ରାସଲୀଳାର କ୍ଷେତ୍ର । ପ୍ରଭୁଙ୍କ ବଂଶୀସ୍ୱନରେ ଆକୃଷ୍ଟ ହୋଇ ଗୋପ ଲଳନା ଓ ଧେନୁମାନେ ଏଠାକୁ ଆସୁଥିଲେ ବୋଲି ସ୍ଥାନୀୟ ଲୋକେ କହିଥାନ୍ତି ।

(କ୍ରମଶଃ)

# ଶୃଙ୍ଖଳା ପତ୍ର ପରିବେଶ ଅନୁକୂଳ


ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ–୯୪୩୭୬୪୨୯୪୭

ପାହାଡ଼, ନଡ଼ା, ପାଳ ଆଦିରେ ନିଆଁ ଲଗାଇ ବାୟୁ ଗୁଣବତ୍ତା ଖରାପ କରିଛନ୍ତି ବୋଲି କୃଷକମାନଙ୍କୁ ଦାୟୀ କରୁଥିବା ସମାଜ ଏବେ ସମାନ କାର୍ଯ୍ୟ କରୁଛି । ଦେଖିବାକୁ ଗଲେ ମହାନଗର ଗୁଡ଼ିକ ପ୍ରତିବର୍ଷ ଜନସଂଖ୍ୟା ଦୃଷ୍ଟିରୁ ବିସ୍ତାର ପାଉଛି ହେଲେ, ଏହା ଦୁର୍ଭାଗ୍ୟଜନକ ଯେ ମହାନଗର ନିଗମ ପାଖରେ ଆବର୍ଜନା ନିଷ୍କାସନ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ । ମହାନଗର ଅଞ୍ଚଳରେ ସ୍ଥାନେ ସ୍ଥାନେ ଥିବା ଖୋଲାଜାଗା ଅଳିଆ, ଶୃଙ୍ଖଳା ପତ୍ର ପାଇଁ ଉଦ୍ଦିଷ୍ଟ । ଏହାକୁ ନିଷ୍କାସନ କରିବା ପାଇଁ ପ୍ରତ୍ୟେକ କଲୋନୀରେ ନିଆଁ ଲଗାଇବା ଏକ ସାଧାରଣ କଥା । ଦିଲ୍ଲୀରୁ ପଲ୍ଲୀ ଶୃଙ୍ଖଳା ପତ୍ରକୁ ପୋଡ଼ିବା ଦେଖିବାକୁ ମିଳେ । ଆମେ ଏହାକୁ ପରମ୍ପରା, ବାଧ୍ୟତାମୂଳକ ଓ ମଶା ମାରିବାର ଉପାୟ ବୋଲି ମଧ୍ୟ କହୁ । କିଛି ଲୋକଙ୍କ ପାଇଁ ଶୃଙ୍ଖଳା ପତ୍ରସବୁ ପୋଡ଼ିବାରେ ବଡ ଆନନ୍ଦ । ବାସ୍ତବରେ ଏହା କେବଳ ବେଆଇନ ନୁହେଁ ବରଂ ପ୍ରକୃତି ଉପରେ ଅତ୍ୟାଚାର ମଧ୍ୟ । ୨୦୧୬ରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କଠୋର ସ୍ୱରରେ କହିଥିଲେ ଯେ ଗଛରୁ ଖସିପଡ଼ିଥିବା ପତ୍ର ପୋଡ଼ିବା ଦଣ୍ଡନୀୟ ଅପରାଧ ଏବଂ ଭବିଷ୍ୟତରେ ଯେପରି ଏହା ନ ଘଟେ ସେଥିପ୍ରତି ପ୍ରଶାସନିକ କର୍ମଚାରୀମାନେ ଦୃଷ୍ଟି ଦେବା ଉଚିତ । ଅନେକ ଅଦାଲତ ଓ ବିଭାଗ ଏ ସଂକ୍ରାନ୍ତରେ ସମୟ ସମୟରେ ନିର୍ଦ୍ଦେଶ ଦେଇ ଆସୁଥିଲେ ହେଁ ଆଇନକୁ ସୁନିଶ୍ଚିତ କରୁଥିବା ଅନୁଷ୍ଠାନମାନଙ୍କ ପାଖରେ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକୁ ଶତ ପ୍ରତିଶତ ପାଳନ କରିବା ପାଇଁ ପର୍ଯ୍ୟାପ୍ତ ଲୋକ ଓ ସମ୍ବଳ ନାହିଁ । କିଛି ବର୍ଷ ତଳେ ଜଣେ ସାଂସଦଙ୍କ ସରକାରୀ ଘରେ ପତ୍ର ପୋଡ଼ିବା ଅଭିଯୋଗରେ ଦିଲ୍ଲୀରେ ମାମଲା ରୁଜୁ ହୋଇଥିଲା, ଏହା ପରେ ବି ସଚେତନତା ଓ ସତର୍କତା ଦେଖାଦେଇଛି କି ?? । ଅନେକ ସ୍ଥାନରେ ସହରକୁ ପରିଷ୍କାର ରଖିବା ପାଇଁ ଦାୟିତ୍ୱରେ ଥିବା ସ୍ଥାନୀୟ ସଂସ୍ଥା ପତ୍ରକୁ ଅଳିଆ ଭାବେ ପୋଡ଼ି ଦିଅନ୍ତି । ବାସ୍ତବରେ ପତ୍ର ପୋଡ଼ିବା ଦ୍ୱାରା ହେଉଥିବା ପ୍ରଦୂଷଣ ବିପଜ୍ଜନକ । ଶୃଙ୍ଖଳା ପତ୍ର ପୋଡିବା ଦ୍ୱାରା ମଣିଷ ଅନେକ ରୋଗକୁ ନିମନ୍ତ୍ରଣ କରିଥାଏ । ଅଳ୍ପକାଳୀନ ଏବଂ ଦୀର୍ଘକାଳୀନ ଭାବରେ ଖସି ପଡ଼ିଥିବା ପତ୍ର ପୋଡ଼ିବା ଦ୍ୱାରା ଆଜମା , ହୃଦ୍ଘାତ ପରି ମାରାତ୍ମକ ରୋଗ ହେବା ସହ କାର୍ବନ ମନୋକ୍ସାଇଡ୍ ପରି ବିଷାକ୍ତ ଗ୍ୟାସ ନିର୍ଗତ ହୁଏ । ବେଳକୁ ବେଳ ବୃଦ୍ଧି ପାଉଥିବା ତାପମାତ୍ରାର କାରଣ ମଧ୍ୟରେ କେତେକାଂଶର ଏହାକୁ ଦାୟୀ କରାଯାଏ । ଅପରପକ୍ଷେ ଶୃଙ୍ଖଳା ପତ୍ର ଅନେକ ଦୃଷ୍ଟିରୁ ମୂଲ୍ୟବାନ । ପ୍ରକୃତିର ବିଭିନ୍ନ ଉପାଦାନର ସନ୍ତୁଳନ ବଜାୟ ରଖିବାରେ ଏମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦିଲ୍ଲୀ ହାଇକୋର୍ଟ ଡିସେମ୍ବର ୧୯୯୭ରେ ଏକ ଆଦେଶ ଦେଇଥିଲେ ଯେ ପତ୍ର ପୋଡ଼ିବା ଦ୍ୱାରା ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଛି ତେଣୁ ଏହାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ଉଚିତ । ୨୦୧୨ମସିହାରେ ସରକାର ପତ୍ର ପୋଡ଼ିବା ଅଭିଯୋଗରେ ୧ ଲକ୍ଷ ଟଙ୍କା ଜରିମାନା ଓ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଥିଲେ । କିନ୍ତୁ ଏଭଳି ଘଟଣାକୁ ନେଇ କେହି ଅଭିଯୋଗ କରନ୍ତି ନାହିଁ, ପୋଲିସ ମଧ୍ୟ ଏଭଳି କାମକୁ ମାମୁଲି ଭାବି କଠୋର ହୁଅନ୍ତି ନାହିଁ । ରକ୍ଷକ ସାଜେ ଭକ୍ଷକ ପରି ସ୍ଥାନୀୟ ସଂସ୍ଥା ର ଲୋକମାନେ ନିଜେ ମଧ୍ୟ ଏଭଳି କାମ କରିଥାନ୍ତି । ଏଭଳି ପରିସ୍ଥିତିରେ ଜାଣିଶୁଣି ବା ଅଜାଣତରେ ସମଗ୍ର ସମାଜ ପରିବେଶକୁ ବିଷାକ୍ତ କରିବା କାର୍ଯ୍ୟରେ ନିୟୋଜିତ ହୋଇଥାଏ । ବର୍ତ୍ତମାନ ଦିଲ୍ଲୀ ଜଳବାୟୁ ଏତେ ଦୂଷିତ ହୋଇଯାଇଛି ଯେ ଏଠାରେ ୫ ବର୍ଷର ଶିଶୁ ସୁସ୍ଥ ଭାବେ ବଞ୍ଚି ପାରୁନାହାନ୍ତି । ପ୍ରତିବର୍ଷ ୧୦ ଲକ୍ଷରୁ ଅଧିକ ଶିଶୁ ଶ୍ୱାସରୋଗରେ ପୀଡ଼ିତ ହେଉଛନ୍ତି । ପ୍ରଦୂଷଣ ହ୍ରାସ ପାଇଁ ବିଭିନ୍ନ ପଦକ୍ଷେପ ସ୍ୱରୂପ ଗ୍ରୀନ୍ ପ୍ୟାନେଲ୍ ଜାଣିବାକୁ ପାଇଛି ଯେ ସହରରେ ୨୯.୪ ପ୍ରତିଶତ କଣିକା ପଦାର୍ଥ (ପିଏମ୍) ଆବର୍ଜନା ଓ ପତ୍ର ପୋଡ଼ିବା ଦ୍ୱାରା ସୃଷ୍ଟି ହୋଇଛି । ଗଛର ସବୁଜ ପତ୍ରରେ ଥିବା କ୍ଲୋରୋଫିଲ ଜଳ କଣିକାକୁ ହାଇଡ୍ରୋଜେନ ଓ ଅମ୍ଳଜାନରେ ବିଭକ୍ତ କରିଥାଏ । ପତ୍ରର ସବୁଜ କଣିକା କାର୍ବନ୍ ଡାଇଅକ୍ସାଇଡ୍ ସହିତ ମିଶି ଶର୍କରାଯୁକ୍ତ ଖାଦ୍ୟ ଉତ୍ପନ୍ନ କରି ପରିବେଶକୁ ଜୀବନ ବାୟୁ ଅମ୍ଳଜାନ ଦିଏ । । ପତ୍ରର କ୍ଲୋରୋଫିଲ୍ ହଜିଗଲେ ପତ୍ରର ସବୁଜତା ଅଦୃଶ୍ୟ ହୋଇଯାଏ ଏବଂ ସେଗୁଡ଼ିକ ହଳଦିଆ କିମ୍ବା ବାଦାମୀ ହୋଇଯାଏ । ଯଦିଓ ଏହି ପତ୍ର ଗଛ ପାଇଁ ଖାଦ୍ୟ ତିଆରି କରିବା ପାଇଁ ଉପଯୁକ୍ତ ନୁହେଁ, କିନ୍ତୁ ଏଥିରେ ନାଇଟ୍ରୋଜେନ, ପ୍ରୋଟିନ, ଭିଟାମିନ, ଗ୍ଲୁକୋଜ ଇତ୍ୟାଦିର ଭଣ୍ଡାର ରହିଛି । ଏଭଳି ପତ୍ର ପୋଡ଼ିଗଲେ କାର୍ବନ, ହାଇଡ୍ରୋଜେନ, ନାଇଟ୍ରୋଜେନ ଓ ବେଳେବେଳେ ସଲଫରରେ ନିର୍ମିତ ରାସାୟନିକ ପଦାର୍ଥ ନିର୍ଗତ ହୋଇଥାଏ । ଫଳରେ ବାୟୁମଣ୍ଡଳର ଆର୍ଦ୍ରତା ଓ ଅମ୍ଳଜାନ ନଷ୍ଟ ହେବା ସହ କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ହାଇଡ୍ରୋଜେନ୍ ସାଇନାଇଡ୍, ଆମୋନିଆ, ସଲଫର ଡାଇଅକ୍ସାଇଡ୍ ଭଳି ଶ୍ୱାସରୁଦ୍ଧ ଗ୍ୟାସ୍ ବାୟୁମଣ୍ଡଳକୁ ବିଷାକ୍ତ କରିଦିଏ । ଆକଳନ କରାଯାଇଛି ଯେ ଦିଲ୍ଲୀ ଏନସିଆରରେ ଦୁଇ ହଜାର ହେକ୍ଟରରୁ ଅଧିକ ଅଞ୍ଚଳରେ ପ୍ରତିଦିନ ୨୦୦ରୁ ୨୫୦ ଟନ୍ ପତ୍ର ପଡ଼ିଥାଏ ଏବଂ ଏହାର ଏକ ବଡ଼ ଅଂଶକୁ ପୋଡି ଦିଆଯାଏ । ପତ୍ରଗୁଡ଼ିକ ଧୀରେ ଧୀରେ ଜଳିବା ଦ୍ୱାରା ଏହା ଦ୍ରୁତ ଗତିରେ ଜଳିବା ଅପେକ୍ଷା ଅଧିକ ପ୍ରଦୂଷଣ ହୋଇଥାଏ । ଆକଳନ କହେ, ପତ୍ର ପୋଡିବା ଦ୍ୱାରା ପଚାଶ ହଜାର ଗାଡିରୁ ବାହାରୁଥିବା ବିଷାକ୍ତ ଧୂଆଁ ସହ ସମାନ ବିଷ ବ୍ୟାପିଥାଏ । ଏହା ବିଷାକ୍ତ ଗ୍ୟାସ ନିର୍ଗତ କରିବା ସହ ଅବଶିଷ୍ଟ ଭସ୍ମ ବାୟୁମଣ୍ଡଳରେ କାର୍ବନର ମାତ୍ରା ମଧ୍ୟ ବଢ଼ାଇଥାଏ, ଜମିର ଉର୍ବରତା ପ୍ରଭାବିତ ହୋଇଥାଏ । ଏବେ ଚିନ୍ତାର ବିଷୟ ଆମ ଚାରିପାଖରେ ଆମେ ଦିଲ୍ଲୀ ପରି ବାୟୁମଣ୍ଡଳକୁ ଆମନ୍ତ୍ରଣ କରୁଛେ କି ??

ଆମେରିକା ଓ ୟୁରୋପର ଦେଶମାନଙ୍କରେ ଗଛରୁ ଖସିପଡ଼ିଥିବା ପତ୍ର କୁ ଉଠାଇବା ଉପରେ ପ୍ରତିବନ୍ଧକ ଲଗାଯାଇଛି କାରଣ ସେମାନେ ଜାଣନ୍ତି ଯେ ଏହି ପତ୍ର ସବୁ ଶୃଙ୍ଖଳା ପରେବି ପୃଥିବୀକୁ ସମୃଦ୍ଧ କରୁଛି । ଏନସିଆରର ସବୁଜିମାରୁ ଖସିପଡ଼ିଥିବା ପତ୍ରକୁ ଯଦି ମାଟିରେ ଛାଡି ଦିଆଯାଏ, ତେବେ ମାଟିର ଉତ୍ତାପ ହ୍ରାସ ପାଇବ, ଗ୍ରୀଷ୍ମ ଋତୁରେ ମଧ୍ୟ ମାଟିର ଆର୍ଦ୍ରତା ଅକ୍ଷୁର୍ଣ୍ଣ ରହିବ । ଯଦି ଏହି ପତ୍ରଗୁଡ଼ିକୁ ପୋତି କମ୍ପୋଷ୍ଟ ସାରରେ ପରିଣତ କରାଯାଏ, ତେବେ ପ୍ରାୟ ୧୦୦ ଟନ୍ ରାସାୟନିକ ସାରର ବ୍ୟବହାର ହ୍ରାସ ପାଇପାରିବ । ଯେଉଁମାନେ ପତ୍ର ଜାଳିବେ ସେମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନକୁ ଅପେକ୍ଷା କରିବା ଅର୍ଥହୀନ । ଶୃଙ୍ଖଳା ପତ୍ର ପରିବେଶ ଅନୁକୂଳ ଏବଂ ଏହାର ମହତ୍ତ୍ୱକୁ ବୁଝିବା ଏବଂ ସଂରକ୍ଷଣ କରିବା ଏକ ସାମାଜିକ ଦାୟିତ୍ୱ ବୋଲି ସମସ୍ତେ ଜାଣିବା ଦରକାର ।ଏଥିପାଇଁ ପ୍ରଶାସନିକ ସ୍ତରରେ ତଦାରଖ , ସ୍କୁଲ ପିଲାଙ୍କ ମଧ୍ୟରେ ସଚେତନତା ଆଣିବା ସହ ପ୍ରତ୍ୟେକ ସ୍ତରରେ କାର୍ଯ୍ୟକାରୀ ହେବା ଦରକାର ।

# ଜନସଂଖ୍ୟା ବିସ୍ଫୋରଣ କାରଣ ଓ ନିରାକରଣ


ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ–୯୯୩୭୧୫୧୦୫୨

ଭାରତର ଜନସଂଖ୍ୟା ୧୪୪କୋଟି ପାର ହୋଇ ୧୪୪.୧୭କୋଟିରେ ପହଞ୍ଚିଛି । ୭୭ ବର୍ଷରେ ଦୁଇଗୁଣା ହୋଇଛି ଜନସଂଖ୍ୟା । ଜାତିସଙ୍ଘ ଜନସଂଖ୍ୟା ପାଣ୍ଠି ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏହା ଜଣା ପଡିଛି । ୨୦୧୧ ଜନଗଣନା ବେଳେ ଭାରତର ଜନସଂଖ୍ୟା ୧୨୧କୋଟି ରେକର୍ଡ କରାଯାଇଥିଲା । ରିପୋର୍ଟରେ ଦର୍ଶାଯାଇଛି ଯେ ଭାରତରେ ୦-୧୪ବର୍ଷ ପର୍ଯ୍ୟନ୍ତ ବୟସର ଜନସଂଖ୍ୟା ୩୫କୋଟି ହୋଇଛି , ଯାହାକି ମୋଟ ଜନସଂଖ୍ୟାର ୨୪ପ୍ରତିଶତ । ସେହିଭଳି ୧୦ରୁ ୧୯ ଆୟୁବର୍ଗର ଜନସଂଖ୍ୟା ୧୭ ପ୍ରତିଶତ । ମୋଟ ଜନସଂଖ୍ୟାରେ ୧୦ରୁ ୨୪ ଆୟୁବର୍ଗଙ୍କ ସଂଖ୍ୟା ୨୬ ପ୍ରତିଶତ । ୧୫ରୁ ୬୪ ଆୟୁବର୍ଗଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୬୮ ପ୍ରତିଶତ । ସେହିଭଳି ୬୫ବର୍ଷରୁ ଅଧିକ ବୟସର ଜନସଂଖ୍ୟା ମୋଟ ଜନସଂଖ୍ୟାର ୭ ପ୍ରତିଶତ । ଦେଶର ପୁରୁଷଙ୍କର ହାରାହାରି ପରମାୟୁ ୭୧ ବର୍ଷ ହୋଇଥିବାବେଳେ ମହିଳାଙ୍କ କ୍ଷେତ୍ରରେ ଏହା ୭୪ ବର୍ଷ ରହିଛି । ଚଳିତବର୍ଷ ଆରମ୍ଭରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବା ବେଳେ ଏବେ ଭାରତ ସେହି ଧାରା ବଜାୟ ରଖିଥିବା ଜାତିସଙ୍ଘ ରିପୋର୍ଟରୁ ଜଣାପଡିଛି ।

କୌଣସି ଦେଶର ଜନସଂଖ୍ୟା ସେ ଦେଶର ପରିସମ୍ପତ୍ତି ବା ସମ୍ପଦ କାରଣ ଏହା ଅର୍ଥବ୍ୟବସ୍ଥାକୁ ଶ୍ରମଶକ୍ତି ଯୋଗାଇଥାଏ । କିନ୍ତୁ ଜନସଂଖ୍ୟାର ପରିମାଣ ଅହେତୁକ ଭାବେ ବୃଦ୍ଧି ପାଇଲେ ତାହା ସମ୍ପଦ ହେବା ପରିବର୍ତ୍ତେ ପାଇଁ ବୋଝ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ୧୯୨୧ ମସିହା ପରଠାରୁ ଭାରତରେ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହା ଦେଶ ପାଇଁ ଶୁଭଙ୍କର ନୁହେଁ । ବିଗତ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ଜନସଂଖ୍ୟା ୨୦୧୧ ମସିହାରେ ୧୨୧କୋଟି ଥିବାବେଳେ ଏବେ ଜନସଂଖ୍ୟାରେ ଆମେ ବିଶ୍ୱରେ ଏକ ନମ୍ବରରେ ରହିଛୁ । ଅପରପକ୍ଷରେ ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ, ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଭାରତରେ ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁର, ହାଇଦରାବାଦ, କଲ୍‌କାତାର ଜନସଂଖ୍ୟା ଯଥାକ୍ରମେ ପ୍ରାୟ ୧ କୋଟି ୨୪ ଲକ୍ଷ, ୧କୋଟି ୧୦ ଲକ୍ଷ,୮୪ଲକ୍ଷ, ୬୮ଲକ୍ଷ, ୫୮ଲକ୍ଷ ରହିଛି । ସେହିପରି ଭାରତର ସର୍ବାଧିକ ଜନବହୁଳ ରାଜ୍ୟ ମଧ୍ୟରେ ଉତ୍ତରପ୍ରଦେଶ ,ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ, ଓ ମଧ୍ୟପ୍ରଦେଶର ଜନସଂଖ୍ୟା ଯଥାକ୍ରମେ ୧୯ କୋଟି ୯୫ ଲକ୍ଷ, ୧୧କୋଟି ୨୩ ଲକ୍ଷ, ୧୦କୋଟି ୩୮ ଲକ୍ଷ, ୯କୋଟି ୧୩ ଲକ୍ଷ ଓ ୭କୋଟି ୨୫ ଲକ୍ଷ ରହିଛି । ଏଥିସହିତ ସର୍ବନିମ୍ନ ଜନସଂଖ୍ୟ ବିଶିଷ୍ଟ ରାଜ୍ୟ ମଧ୍ୟରେ ସିକିମ୍ ମିଜୋରାମ, ଅରୁଣାଚଳ ପ୍ରଦେଶ,ଗୋଆ, ନାଗାଲ୍ୟାଣ୍ଡର ଜନସଂଖ୍ୟା ଯଥାକ୍ରମେ ୬ ଲକ୍ଷ ୭ ହଜାର, ୧୦ ଲକ୍ଷ ୯୧ ହଜା, ୧୩ ଲକ୍ଷ ୮୨ ହଜା, ୧୪ ଲକ୍ଷ ୫୭ ହଜାର ଓ ୧୯ ଲକ୍ଷ ୮୦ହଜାର ରହିଛି । ସଂଖ୍ୟା ଦୃଷ୍ଟିରୁ ଆମେ ଆତ୍ମସନ୍ତୋଷ ଲାଭ କରିପାରୁ ମାତ୍ର ଆୟତନ ଦୃଷ୍ଟିରୁ ଆମର ସ୍ଥାନ ପଛରେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ଆମ ଦେଶ ପାଇଁ ଚିନ୍ତାର କାରଣ ହୋଇଛି । ଯାହାକୁ ଅର୍ଥଶାସ୍ତ୍ରୀ ମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି ।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ଏଠାରେ ପ୍ରଣିଧାନଯୋଗ୍ୟ । ଆକାର ଦୃଷ୍ଟିରୁ ଏହା ବିଶାଳ, ଅଭିବୃଦ୍ଧି ମଧ୍ୟ ଅତି ଉଚ୍ଚସ୍ତରର, ଏଣେ ଜନସଂଖ୍ୟାର ଗୁଣାତ୍ମକ ମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନ ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ । ୧୯୫୦-୧୯୫୧ ରୁ ୧୯୯୦-୧୯୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ହୋଇଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଁ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏ ସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଆନ୍ତି ନାହିଁ । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତରେ ୧୯୫୧ ରୁ ୨୦୧୧ ମଧ୍ୟରେ ଜଣପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ଓ ଅବିନିଯୋଗର ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ବେକାରୀ ସଂଖ୍ୟା ୧୦୬ ନିୟୁତ ଥିଲା ।

ଜନସଂଖ୍ୟାର ଆକାର ବର୍ଷକୁ ବର୍ଷ ବିଶାଳ ହେବାଦ୍ୱାରା ଲୋକମାନଙ୍କୁ ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସବିଧା ସୁଯୋଗ ଦିଆଯାଇପାରୁ ନାହିଁ । ଏସବୁ ମାନବ ସମ୍ବଳ ବିକାଶ ନିମିତ୍ତ ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କର ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ ରୁ ୭୪.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ (୧୯୯୧ – ୨୦୧୧), ଦେଶର ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର । ଚିକିତ୍ସାର ସୁବିଧା ମଧ୍ୟ ସମସ୍ତଙ୍କ ପାଇଁ ନାହିଁ । ଏସବୁ ଦ୍ରୁତ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନ ବିସ୍ଫୋରଣ ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଜନସଂଖ୍ୟା ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ହେତୁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁ ଲୋକ ଛୋଟ ଓ ବଡ ସହର ଆଡକୁ ଧାବମାନ ହେଉଛନ୍ତି । ସହରରେ ଛୋଟ ଛୋଟ ବସ୍ତି ଅନିୟନ୍ତ୍ରିତ ଭାବେ ଗଢିଉଠୁଛି । ସହରର ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ପର୍ଯ୍ୟାବରଣ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି । ମଣିଷ ତଥା ପ୍ରକୃତି ମଧ୍ୟରେ ଥିବା ସମତୁଲ୍ୟତା ରକ୍ଷା କରାଯାଇ ପାରୁନାହିଁ । ଫଳରେ ତାପମାତ୍ରାରେ ବୃଦ୍ଧି, ବାତ୍ୟା, ବନ୍ୟା, ମରୁଡି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି ।

ଜନସଂଖ୍ୟା ବୃଦ୍ଧି ଆମ ଦେଶର ପ୍ରଗତିର ପ୍ରଧାନ ଅନ୍ତରାୟ । ପରିବାର ନିୟୋଜନ, ନିରାପଦ ମାତୃତ୍ୱ , ଲିଙ୍ଗଗତ ସମାନତା ଓ ଜନ ସଶକ୍ତିକରଣ ଜରିଆରେ ଜନ ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିପାରିଲେ ଏହାର ସୁଫଳ ମିଳିପାରିବ । ଏଦିଗରେ ସାମୁହିକ ଉଦ୍ୟମ ଲୋଡା । ଖାଲି ସେତିକି ନୁହେଁ ଏ ବିଶାଳ ଜନସଂଖ୍ୟାକୁ ଗୁଣାତ୍ମକ କରିବା ହେଉଛି ବଡକଥା ଜନସଂଖ୍ୟାକୁ ସାମଗ୍ରିକ ଭାବେ କୁଶଳୀ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ମୁଣ୍ଡପିଛା ଆୟକୁ ବୃଦ୍ଧି କରିବା ପାଇଁ ପ୍ରୟାସ କରିବା ସହ ମାନବ ସମ୍ବଳର ସଦ୍‌ବିନିଯୋଗ କରିବା ଜରୁରୀ ୨୦୪୭ ସୁଦ୍ଧା ଆମକୁ ବିକଶିତ ଭାରତ ଆଡକୁ ଯିବା ପାଇଁ ସ୍ୱପ୍ନ ଦେଖୁଥିବାବେଳେ ଏସବୁ ଦିଗପ୍ରତି ଦୃଷ୍ଟିଦେବାକୁ ପଡିବ । ତାହାଲେ ଯାଇ ଏ ଜନସଂଖ୍ୟା ବୃଦ୍ଧି ପ୍ରଗତିର ବାଧକ ନହୋଇ ଜନବିକାଶରେ ସହାୟକ ହେବା ଏକଥାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ମଇ ୨୦୨୪ ବୁଧବାର



# ସୂର୍ଯ୍ୟକିରଣରେ ଆକର୍ଷଣୀୟ ଚେହେରା ପାଇଁ ବ୍ୟୁଟି ପାର୍ଲର ଟିପ୍ସ



ବର୍ତ୍ତମାନ ସୂର୍ଯ୍ୟକିରଣ ପ୍ରଭାବରେ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଦେଖାଦେଉଛି । ଏହା ଦୂରକରିବାକୁ ଅନେକେ ବ୍ୟୁଟି ପାର୍ଲର ଯିବାଠୁ ଆରମ୍ଭକରି ଦାମୀ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବାକୁ ବି ପଛାଉନାହାନ୍ତି । ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ଆକର୍ଷଣୀୟ ତ୍ୱଚା ପାଇପାରିବେ...

କଦଳୀ ଓ ଅମୃତଭଣ୍ଡା ପ୍ୟାକ୍: ଏକ ୨ ବଡ଼ ଚାମଚ ପାଚିଲା ଅମୃତଭଣ୍ଡା ପେଷ୍ଟ, ୧ ଚାମଚ ପାଚିଲା କଦଳୀ ପେଷ୍ଟ, ୫-୬ଟି ବାଦାମର ପେଷ୍ଟ, ଅଧା ଚାମଚ ଆଲୋଭେରା ଜେଲ୍, ଅଳ୍ପ ମହୁକୁ ଭଲଭାବେ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୨୦-୨୫ ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପାଣିରେ ଧୋଇଦିଅନ୍ତୁ । ଏହି ପ୍ୟାକ୍‌କୁ ସପ୍ତାହରେ ଥରେ କିମ୍ବା ୨ଥର ଲଗାନ୍ତୁ, ଦେଖିବେ ଖରାରେ ସିଝିବା ଭଳି ଦେଖାଯାଉଥିବା ସ୍କିନ୍ ପୁଣି ଗ୍ଲୋ କରିବ । ତା'ଛଡ଼ା ଏହି ପ୍ୟାକ୍ ଲଗାଇଲେ ରିଙ୍କିଲ୍ ମାର୍କ, କଳାଦାଗ, ଛାଇ ପଡ଼ିବା ଭଳି ଦାଗ ଆଦି ଦୂରହୋଇଯିବ । କମଳା ଚୋପା ଓ ଆଲୋଭେରା ଜେଲ୍ ପ୍ୟାକ୍: ଏକ ପାତ୍ରରେ ୧ ଚାମଚ କମଳା ଚୋପା ପାଉଡର, ଅଧା ଚାମଚ ଆଲୋଭେରା ଜେଲ୍ ଏବଂ ଅଳ୍ପ ମୁଲତାନୀ ମାଟି ନେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ । ଏହା ସନ୍ ଟ୍ୟାନ୍ ଦୂରକରିବା ସହ ସ୍କିନ୍ ଟୋନ୍ ବଢ଼ାଇବାରେ ସାହାଯ୍ୟ କରିବ । ରୋଜ୍ ପ୍ୟାକ୍: କିଛି ଗୋଲାପଫୁଲର ପାଖୁଡ଼ାକୁ ପେଷ୍ଟ କରିଦିଅନ୍ତୁ । ୧ ଚାମଚ ଏହି ପେଷ୍ଟ ସହ ୨-୩ ଚାମଚ କଞ୍ଚାକ୍ଷୀର, ୪-୫ ବୁନ୍ଦା ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ । ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବା ସହ ବ୍ରଣ ଦାଗ ଆଦି ସମସ୍ୟା ଦୂରକରିବ ।

କେଶ ସବୁବେଳେ ମଣିଷର ସୌନ୍ଦର୍ଯ୍ୟକୁ ବଢାଇଥାଏ । କେଶ ଲମ୍ବା କିମ୍ବା ଛୋଟ ହେଉ, ଏହାର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ତେବେ ଖରାଦିନେ ଅତ୍ୟଧିକ ଗରମ କାରଣରୁ ଅନେକ ଜଣ ଦିନକୁ ୨ ରୁ ୩ଥର ଲେଖାଏଁ ମୁଣ୍ଡ ଧୋଇ ଗାଧୋଇଥା'ନ୍ତି । କିନ୍ତୁ ଏଥିରେ ଅଧିକାଂଶ ମହିଳା କେଶ ଶୁଖାଇବା ପାଇଁ ସୂର୍ଯ୍ୟକିରଣରେ ବସିଥାନ୍ତି । ହେଲେ ଏହି ସୂର୍ଯ୍ୟକିରଣ ସେମାନଙ୍କ କେଶ ଝଡ଼ିବା ସମସ୍ୟାର କାରଣ ହୋଇପାରେ । କାରଣ ସୂର୍ଯ୍ୟକିରଣରେ କେଶ ଶୁଖାଇବା ଦ୍ୱାରା କେଶ ଦୁର୍ବଳ ହୋଇଯାଏ । ଓଦା କେଶକୁ ପ୍ରାକୃତିକ ଭାବରେ ଶୁଖିବାକୁ ଦେବା ଉଚିତ୍ । ମନେ ରଖିବା ଦରକାର କେଶ ଧୋଇବା ପରେ ଓଦା କେଶକୁ କୁଣ୍ଡାଇବା ଉଚିତ୍ ନୁହେଁ । ଯଦି ଆପଣ ଏହା କରୁଛନ୍ତି ତେବେ ଏହା କେଶ ନଷ୍ଟ କରିପାରେ । ଗାଧୋଇବା ପରେ ଓଦା କେଶରେ ଡ୍ରାୟର୍ ବ୍ୟବହାର ନକରିବାକୁ ଚେଷ୍ଟା କରନ୍ତୁ । ମନେରଖନ୍ତୁ ଯେ ପ୍ରଥମେ କେଶକୁ ହାଲୁକା ଶୁଖିବାକୁ ଦିଅନ୍ତୁ ଏବଂ ତା'ପରେ ହିଁ ଡ୍ରାୟର୍ ବ୍ୟବହାର କରନ୍ତୁ । କେଶରେ ଡ୍ରାୟର୍ ବ୍ୟବହାର କରିବାବେଳେ, ସର୍ବଦା ଡ୍ରାୟର ମଧ୍ୟମ ସ୍ତରରେ ସେଟିଂ ରଖନ୍ତୁ । ଓଦା କେଶ ବାନ୍ଧିବା ମଧ୍ୟ ଆପଣଙ୍କ କେଶ ଝଡ଼ିବାର କାରଣ ହୋଇପାରେ । ଆପଣ ଓଦା କେଶକୁ ବାନ୍ଧି ରଖିବାକୁ ପସନ୍ଦ କରୁଥିଲେ ମଧ୍ୟ ଏହା କେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । ସର୍ବଦା ଧ୍ୟାନରେ ରଖିବା ଉଚିତ୍ ଯେ ଓଦା କେଶକୁ କେବେବି ବ୍ରଶ କରାଯିବା ଉଚିତ୍ ନୁହେଁ । ଅନେକ ଲୋକ ଭାବନ୍ତି ଯେ କେଶକୁ ଅଲଗା କରିବାର ସହଜ ଉପାୟ ହେଉଛି ଓଦା କେଶକୁ କୁଣ୍ଡାଇବା ଏହା ଦ୍ୱାରା କେଶ ଅଲଗା ହୋଇପାରେ । କିନ୍ତୁ ଏହି ଅଭ୍ୟାସ ଆପଣଙ୍କ କେଶକୁ ଝଡ଼ିବାରେ ସାହାଯ୍ୟ କରେ । ଯଦି ଆପଣ ମଧ୍ୟ କେଶକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମୋଟା ରଖିବାକୁ ଚାହାଁନ୍ତି, ତେବେ ଓଦା କେଶ ସହିତ ଏହି କାମ ଆଦୌ କରନ୍ତୁ ନାହିଁ । ଅଧିକାଂଶ ଲୋକେ ସୁନ୍ଦରତା ପ୍ରତି ଧ୍ୟାନ ଦିଅନ୍ତି, ହେଲେ ସୁସ୍ଥତା ପ୍ରତି ନୁହେଁ । ହାତ, ମୁହଁ, ଚର୍ମ, କେଶ ଓ ତ୍ୱଚାର ଯତ୍ନ ନିଅନ୍ତି, କିନ୍ତୁ ପାଦର ସ୍ୱଚ୍ଛତାକୁ ଭୁଲି ଯାଆନ୍ତି । ଏହି କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ବିଶେଷ କରି ପାଦର ଯତ୍ନ ନ ନେବା ଦ୍ୱାରା ଫଙ୍ଗଲ ସଂକ୍ରମଣ ହୋଇପାରେ । ତେଣୁ ଏହାକୁ ଏଡାଇବା ପାଇଁ ଘରୋଇ ଉପାୟରେ କିପରି ପାଦର ଯତ୍ନ ନେବେ : ପ୍ରତିଦିନ ପାଦର ସ୍ୱଚ୍ଛତା ଯାଞ୍ଚ କରନ୍ତୁ । ନିୟମିତ ଭାବରେ ଯେପରି ତ୍ୱଚା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି, ସେହିପରି ପାଦ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । କୌଣସି କଟା, ଦାଗ, ଫୁଲା କିମ୍ବା ଲାଲ୍ ପଡିଯିବା ଭଳି ଅସ୍ୱାଭାବିକତା ଅଛି କି ନାହିଁ ନୀରିକ୍ଷଣ କରନ୍ତୁ । ମଧୁମେହ କିମ୍ବା ପେରିଫେରାଲ୍ ନ୍ୟୁରୋପାଥି ରୋଗୀଙ୍କ ପାଇଁ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, କାରଣ ସେମାନେ ପାଦରେ କୌଣସି ଯନ୍ତ୍ରଣା ଅନୁଭବ କରିପାରନ୍ତି ନାହିଁ । ତେଣୁ ନିୟମିତ ଭାବେ ପାଦକୁ ଯାଞ୍ଚ କରନ୍ତୁ । ସର୍ବସାଧାରଣ ସ୍ଥାନରେ ଖାଲି ପାଦରେ ଚାଲନ୍ତୁ ନାହିଁ । ଖାଲି ପାଦରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ କୁହାଯାଏ ସତ, କିନ୍ତୁ ସବୁ ସ୍ଥାନ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । ତେଣୁ ସର୍ବଦା ପରିଷ୍କାର-ପରିଚ୍ଛନ୍ନ ଥିବା ସ୍ଥାନରେ ଚାଲିବାକୁ ଚେଷ୍ଟା କରନ୍ତୁ । ସର୍ବସାଧାରଣ ସ୍ଥାନରେ ଆଦୌ ଖାଲି ପାଦରେ ଚାଲନ୍ତୁ ନାହିଁ । ଯେପରି ଦାନ୍ତ ଘଷିବା ଏକ ନିତ୍ୟକ୍ରମ, ସେହିପରି ପାଦ ଧୋଇବା ମଧ୍ୟ ନିତ୍ୟକ୍ରମ । କିନ୍ତୁ ଅନେକ ଲୋକ ଏଥିରେ ଅବହେଳା କରନ୍ତି । ବାହାରୁ ଆସିବା ପରେ ନିଶ୍ଚିତ ରୂପରେ ପାଦ ଧୁଅନ୍ତୁ । ଅତି କମରେ ଗୋଟିଏ ଦିନରେ ନିଶ୍ଚିତ ରୂପେ ଦୁଇ ଥର ପାଦ ଧୋଇବା ଅଭ୍ୟାସ ରଖନ୍ତୁ । ଏହା ଫଳରେ ମଇଳା, ଜୀବାଣୁ ଆଦି ସଫା ହୋଇଯାଇଥାଏ । ପାଦକୁ ସଠିକ୍ ଭାବରେ ଶୁଖାନ୍ତୁ : ପାଦ ଧୋଇ ସାରିବା ପରେ ଓଦା ପାଦରେ ଅଧିକ ସମୟ ରୁହନ୍ତୁ ନାହିଁ । ବିଶେଷ କରି ଓଦା ପାଦରେ ସ୍ଲିପ୍ପର, ସକ୍ସ କିମ୍ବା ବୁଟ୍ ପିନ୍ଧନ୍ତୁ ନାହିଁ । ଆଙ୍ଗୁଠି ସନ୍ଧିରେ ବେଶି ସମୟ ପାଣି ରହିବାକୁ ଦିଅନ୍ତୁ ନାହିଁ । ମଶ୍ଚରାଇଜର : ଶରୀରର ସୁସ୍ଥତା ପାଇଁ ଯେପରି ଅନ୍ୟାନ୍ୟ ଅଙ୍ଗର ଯତ୍ନ ନେଉଛନ୍ତି, ଠିକ୍ ସେହିପରି ପାଦର ଧ୍ୟାନ ନିଅନ୍ତୁ । ପାଦକୁ ନିୟମିତ ଭାବେ ମଶ୍ଚରାଇଜ୍ କରନ୍ତୁ । ଏପରି କରିବା ଦ୍ୱାରା ଶୁଷ୍କ ଏବଂ ଫଟା ପାଦ ସମସ୍ୟାକୁ ଦୂର କରାଯାଇ ପାରିବ । ଭଲ ସକ୍ସ ପିନ୍ଧନ୍ତୁ : ସୁନ୍ଦର ସକ୍ସ ଅପେକ୍ଷା ପରିଷ୍କାର-ପରିଚ୍ଛନ୍ନ ଥିବା ସକ୍ସ ପିନ୍ଧିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ସକ୍ସକୁ ସଫା ନକରି ବାରମ୍ବାର ପିନ୍ଧନ୍ତୁ ନାହିଁ । ସର୍ବଦା ବୁଟ୍ ଓ ସକ୍ସକୁ ସଫା ରଖନ୍ତୁ । ସଚେତ୍ ସଂକ୍ରମଣଜନିତ ସମସ୍ୟା ହୋଇପାରେ ।

# ମୁହଁର କଳାଦାଗ ଦୂର କରେ ପୁଦିନା ପତ୍ର



ଦାଗ, ବ୍ରଣ ସଭିଁଙ୍କ ପାଇଁ ମଧ୍ୟ ବିରାଟ ସମସ୍ୟା ପାଲଟିଛି । ନିଜ ପାଇଁ ସ୍ୱଳ୍ପ ସମୟ ଦେଇ ଆପଣ ସାଧାରଣ ଘରୋଇ ଉପାୟରେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ପୁଦିନା ପତ୍ରରେ ଭିଟାମିନ ସି ଓ ଆଇରନ ରହିଛି । ଏହାକୁ ମୁହଁରେ ଲଗାଇବା ଦ୍ୱାରା ଏହା ମୁହଁର କଳାଦାଗ ଦୂର କରିବା ସହ ମୁହଁ ପାଇଁ କ୍ଷତିକାରକ ହୋଇନଥାଏ । ତେଣୁ ପୁଦିନା ପତ୍ରର ପେଷ୍ଟ ପ୍ରସ୍ତୁତ କରି ଏହାକୁ ମୁହଁରେ ଲଗାନ୍ତୁ ।

ପୁଦିନା ପତ୍ରରେ ଆଣ୍ଟି ଫଙ୍ଗଲ ଓ ଆଣ୍ଟି ବ୍ୟାକ୍ଟେରିଅଲ ଗୁଣ ରହିଛି । ତେଣୁ ଏହାକୁ ମୁହଁରେ ଲଗାଇବା ଦ୍ୱାରା ମୁହଁରୁ ସମସ୍ତ କ୍ଷତିକାରକ ପଦାର୍ଥ ବାହାର କରିଦେଇଥାଏ । ଫଳରେ ମୁହଁର ସୁନ୍ଦରତା ବଜାୟ ରହିଥାଏ ।

ପୁଦିନାପତ୍ରରେ ଆଣ୍ଟିସେପଟିକ ଗୁଣ ରହିଛି । ଯାହା ଫଳରେ ଏହା ମୁହଁର ମୃତକୋଷିକା ଗୁଡ଼ିକୁ ଦୂର କରିଥାଏ । ଫଳରେ ମୁହଁର ଚମକ ବଢିଥାଏ । ମୁହଁରେ କୌଣସି ପ୍ରକାରର ଦାଗ ହୋଇଥିଲେ କିମ୍ବା କୁଣ୍ଡାଇ ହେଲେ ପୁଦିନା ପତ୍ର ଏହି ସମସ୍ୟା ଦୂର କରିଥାଏ ।

କଦଳୀକୁ ଚକଟି ଏଥିରେ କ୍ଷୀର ମିଶାନ୍ତୁ । ଏହି ମିଶ୍ରଣକୁ ତ୍ୱଚାରେ ଲଗାନ୍ତୁ । ଯେଉଁ ସମୟରେ ଏହା ଭଲ ଭାବେ ଶୁଖିଯିବ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ୨ ରୁ ୩ଥର ଏହାକୁ ବ୍ୟବହାର କଲେ ମୁହଁ କୋମଳ ଓ ଗୋରା ହୋଇଥାଏ ।

ବେସନରେ କ୍ଷୀର, ଲେମ୍ବୁ ରସ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ କିଛି ସମୟ ରଖନ୍ତୁ । ପରେ ଧୋଇ ଦିଅନ୍ତୁ । ଏହାକୁ ନିୟମିତ ବ୍ୟବହାର କଲେ ନିଜେ ଏହାର ଚମତ୍କାରିତା ଅନୁଭବ କରି ପାରିବେ ।

# ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିଦ



ପ୍ରତିଦିନ ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଶୋଇବାକୁ ଦିଅନ୍ତୁ ଏବଂ ଏକ ନିର୍ଦ୍ଦିଷ୍ଟ ସମୟରେ ଜାଗ୍ରତ କରାନ୍ତୁ । ଶୋଇବା ପୂର୍ବରୁ ଟିଭି କିମ୍ବା ମୋବାଇଲ୍ ଦେଖାନ୍ତୁ ନାହିଁ । ଯଥାସମ୍ଭବ କମ ଇଲେକ୍ଟ୍ରୋନିକ ଉପକରଣ ବ୍ୟବହାର କରନ୍ତୁ । ଶୋଇବା ପୂର୍ବରୁ ପିଲାଙ୍କ ଚାରିପାଖରେ ଏକ ଶାନ୍ତ ପରିବେଶ ସୃଷ୍ଟି କରନ୍ତୁ ଏବଂ ପ୍ରତିଦିନ ବ୍ୟାୟମ କରନ୍ତୁ । ଭଲ ନିଦ ପାଇଁ ଏସବୁ ଅତ୍ୟନ୍ତ ଜରୁରୀ । ପିଲାଙ୍କ ପାଇଁ ଭଲ ନିଦ କେବଳ ଶାରୀରିକ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଶିଶୁଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ପିଲାମାନଙ୍କର ସ୍ୱାସ୍ଥ୍ୟ ପାଇଁ ଅଭିଭାବକମାନେ ସେମାନଙ୍କ ଦୈନନ୍ଦିନ ଅଭ୍ୟାସ ଉପରେ ବିଶେଷ ଯତ୍ନ ନେବା ଜରୁରୀ ।

ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅନୁସନ୍ଧାନ ଅନୁଯାୟୀ ପିଲାଦିନରେ ନିଦ୍ରାର ଅଭାବ ହେତୁ ଅଧିକାଂଶ ପିଲାମାନଙ୍କର ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ବିଶେଷକରି ସାଇକୋସିସ୍ ହେବାର ଆଶଙ୍କା ଅଧିକ ରହିଥାଏ । ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ୧୨ହଜାର ପିଲାଙ୍କୁ ନେଇ ଏକ ରିସର୍ଚ୍ଚ କରାଯାଇଥିଲା । ଅନୁସନ୍ଧାନ ବେଳେ ସେମାନଙ୍କ ଶୋଇବା ଅବଧି ଉପରେ ନଜର ରଖାଯାଇଥିଲା । ଏହି ବିଶେଷ ପ୍ରକାରର ଅନୁସନ୍ଧାନରେ ଗବେଷକମାନେ ୬ମାସରୁ ୭ବର୍ଷ ବୟସର ପିଲାଙ୍କୁ ଅନ୍ତର୍ଭୁକ୍ତ କରିଥିଲେ । ଏହି ସବୁ ପିଲାଙ୍କ ଶୋଇବା ଅବଧି ଉପରେ ବିଶେଷ ଧ୍ୟାନ ଦେଇଥିଲେ । ଏହାପରେ ୨୪ବର୍ଷ ପରେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ଉପରେ କଣ ସବୁ ପ୍ରଭାବ ପଡିଛି ତାହାର ମୂଲ୍ୟାଙ୍କନ କରାଯାଇଥିଲା । ଏହି ଗବେଷଣାର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇଥିଲା । ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ ଯେ ଯେଉଁ ପିଲାମାନେ କ୍ରମାଗତ ଭାବରେ କମ୍ ଶୋଇଥାନ୍ତି । ସେମାନେ ବଡ ହେବା ପରେ ସାଇକୋସିସ୍ ହେବାର ଆଶଙ୍କା ଚାରି ଗୁଣା ବଢିଥାଏ । ଏହା ଫଳରେ କୁହଯାଏ ଛୋଟ ପିଲା ଭଗବାନଙ୍କ ସହ ସମାନ । ସେମାନଙ୍କ ମନରେ ଛନ୍ଦ, କପଟ କିମ୍ବା କାହାପ୍ରତି କିଛି ଖରାପ ଭାବନା ରହି ନଥାଏ । ତେବେ ଆମ୍ଭ ବେଳେ ବେଳେ ଲକ୍ଷ କରିଥିବା ନିଶ୍ଚିତ ଯେ, ପିଲାଟିଏ ବେଳେ ବେଳେ ସ୍ୱାର୍ଥପରଙ୍କ ଭଳି ବ୍ୟଭହାର କରେ । ତେବେ ଏତେ ଛୋଟ ପିଲା ଏଭଳି ବ୍ୟବହାର କରିବାର କାରଣ କଣ ହୋଇଥାଇ ପାରେ ବୋଲି ଆପଣ ଭାବୁଛନ୍ତି ? ଅନେକ କଥା ଆମେ ପିଲାଙ୍କ ପିଲାଳିଆମି ଭାବି ନଜରଅନ୍ଦାଜ କରି ଦିଅନ୍ତି । ତେବେ ଜାଣି ରଖନ୍ତୁ ଯେଉଁ ପିଲାଙ୍କର ଭାଇ ଭଉଣୀ ନାହାନ୍ତି ସେମାନେ ସ୍ୱାର୍ଥପର ହୋଇଯାଉଥିବା ଲକ୍ଷ୍ୟ କରାଯାଇଛି । କେବଳ ଏତିକି ନୁହଁ ଏଭଳି ପିଲାମାନେ ଏକୁଟିଆ ରହି ବିଭିନ୍ନ ମାନସିକ ଚାପ ଗ୍ରସ୍ତ ମଧ୍ୟ ହେଉଥିବା ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ନିକଟରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡିଛି ଯେ , ଅନ୍ୟ ପିଲାମାନଙ୍କ ତୁଳନାରେ ଏହି ପିଲାଙ୍କର ମନୋଭାବ ଅନେକ ମାତ୍ରାରେ ଅଲଗା । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଏଭଳି ପିଲାମାନେ ଅନେକ ସମୟରେ ହାଇପରଟେନସନର ଶିକାର ହୋଇଥାନ୍ତି ଡାକ୍ତରଙ୍କ ତଥ୍ୟ ଅନୁଯାୟୀ ପିଲାମାନେ ଯୌଥ ପରିବାର ଠୁ ଦୂରରେ ରହିବା କାରଣରୁ ଏଭଳି ସମସ୍ୟା ସମ୍ମୁଖକୁ ଆସୁଛି । ନିଜ ଜିନିସୀ ବମାନଂବ କାହାକୁ ଭାଗ ଦେବାକୁ ପସନ୍ଦ କରନ୍ତି ନାହିଁ । ସେ କୌଣସି ଜିନିଷ ହେଉ ବା ଖାଦ୍ୟ ପଦାର୍ଥ । ଏଭଳିକି କି ଏହି ପିଲାମାନନେ କଥାରେ କଥାରେ ବିରକ୍ତି ମଧ୍ୟ ହୋଇଯାନ୍ତି । ଘରେ ଆଉ କେହି ଛୁଆ ନଥିବାରୁ ଏଭଳି ପିଲା ମାନେ ସୋସିଆଲ ହୋଇପାରନ୍ତି ନାହିଁ । ଏମାନଙ୍କର କୌଣସି କାମ ପାଇଁ ଧୈର୍ଯ୍ୟବି ନଥାଏ । ନିଜର ଇମୋଶନକୁ ମଧ୍ୟ ନିୟନ୍ତ୍ରଣ କରିପାରନ୍ତି ନାହିଁ । ଛୋଟ ବୟସରୁ ଡିପ୍ରେସନର ମଧ୍ୟ ଶିକାର ହୁଅନ୍ତି । ସମସ୍ତେ ଭାବନ୍ତି ଛୋଟ ଛୋଟ ପିଲାମାନେ ଟେନସନ ଫ୍ରି ଥାନ୍ତି । ମାତ୍ର ପିଲାମାନେ ହାଇପରଟେନସନ ବା ଉଚ୍ଚ ରକ୍ତଚାପର ଶିକାର ହେଉଛନ୍ତି । ଛୋଟ ଛୋଟ କଥାରେ ଟେନସନ ହୋଇଯାନ୍ତି କୁନି ପିଲାମାନେ । ଆପଣଙ୍କ ପିଲାଠାରେ ଏଭଳି ଲକ୍ଷଣ ଥିଲେ ଏହାକୁ ଅଣଦେଖା ନକରି ଏହାସର ସମାଧାନର ବାଟ ବାହାର କରନ୍ତୁ ।

# ଚିଡ଼ିଆଘରେ ସିମ୍ପାଜି ଧୂମପାନ କରୁଥିବାର ଦୃଶ୍ୟ



ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ପ୍ରଜାତିର ଜୀବ-ଜନ୍ତୁ ଅଛନ୍ତି । କିନ୍ତୁ ବିଶ୍ୱାସ କରାଯାଏ ଯେ ଏସବୁ ମଧ୍ୟରେ ସିମ୍ପାଞ୍ଜି ମଣିଷର ନିକଟତମ ସମ୍ପର୍କୀୟ । ଏହାର ଅର୍ଥ ହେଉଛି ସିମ୍ପାଞ୍ଜି ଅନେକ ଉପାୟରେ ମଣିଷ ପରି ଦେଖାଯାଏ । ଆପଣ ନିଶ୍ଚିତ ଭାବରେ ସେମାନଙ୍କୁ ଜଙ୍ଗଲ କିମ୍ବା ପ୍ରାଣୀ ଉଦ୍ୟାନରେ ଦେଖିଥିବେ । ସେମାନଙ୍କର ଶରୀର ଗଠନ ମଣିଷର ଗଠନ ସହିତ ସମାନ । ଆଜି ଏପରି ଏକ ସିମ୍ପାଞ୍ଜି ସମ୍ବନ୍ଧୀୟ ଏକ ଭିଡିଓ ଭାଇରାଲ ହୋଇଛି । ଏଥିରେ ଆପଣ ଦେଖିବେ ଯେ ସିମ୍ପାଞ୍ଜି ଏକ ପିଞ୍ଜରାରେ ତାଲା ପଡିଛି ଏବଂ ବହୁତ ଆନନ୍ଦରେ ସିଗାରେଟ୍ ଟାଣୁଛି । ସେ ସିଗାରେଟରୁ ଧୂଆଁ ବାହାର କରି ବାୟୁରେ ଛାଡିଦିଏ ଯେପରି ସେ ଜଣେ ଜଣେ ମଣିଷ । ଏକ ସିମ୍ପାଜି ଧୂମପାନ କରୁଥିବା ଏହି ଭିଡିଓ ସୋସିଆଲ ମିଡିଆର ବିଭିନ୍ନ ପ୍ଲାଟଫର୍ମରେ ଭାଇରାଲ ହୋଇଛି । ନେଟେନିଜେନ୍ସ ମଧ୍ୟ ଏହା ଉପରେ କଡ଼ା ମନ୍ତବ୍ୟ ଦେଉଛନ୍ତି । କିଛି ସେକେଣ୍ଡର ଭିଡିଓରେ, ଆପଣ ଦେଖିବେ ଯେ ପ୍ରାଣୀମାନଙ୍କୁ ଦେଖିବା ପାଇଁ ଲୋକମାନେ ପ୍ରାଣୀ ଉଦ୍ୟାନକୁ ଆସିଛନ୍ତି । କିନ୍ତୁ ହଠାତ୍ ତାଙ୍କ ନଜର ଏକ ସିମ୍ପାଜି ଉପରେ ପଡିଗଲା । ସେ କୋଣରେ ଆରାମରେ ବସିଥିଲା । ଯେତେବେଳେ ଲୋକମାନେ ଧ୍ୟାନର ସହ ଦେଖିଲେ, ସେମାନେ ଅନୁଭବ କଲେ ଯେ ତା ହାତରେ ସିଗାରେଟ୍ ଅଛି । ଏହା ଆଶ୍ଚର୍ଯ୍ୟଜନକ ଯେ ସିଗାରେଟରୁ ଧୂଆଁ ବାହାରୁଛି ଏବଂ ସିମ୍ପାଞ୍ଜି ଧୂଆଁକୁ ଓଠରେ ରଖି ଟାଣୁଛି । ଏହା ହେଉଛି ଫ୍ରେମର ଏକ ଅଂଶ ଯାହା ନେଟେନିଜେନମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସିମ୍ପାଜି କିପରି ସିଗାରେଟ୍ ଜଳାଇଲା ଲୋକମାନେ ବୁଝିବାକୁ ଅସମର୍ଥ ।

# ୧୮ ରୁ ୪୫ ବର୍ଷ ବୟସର ଯୁବପିଢ଼ି ଚାପଗ୍ରସ୍ତ

ବର୍ତ୍ତମାନ ଆମେ ଏପରି ଏକ ସ୍ଥିତିରେ ପହଞ୍ଚିଛନ୍ତି, ଯେଉଁ ସମୟରେ ଚାପ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟା । ଚାପ ଏବେ ଅନେକ ରୋଗର ମୁଖ୍ୟ କାରଣ ପାଲଟିଛି । ୧୮ ରୁ ୪୫ ବର୍ଷ ବୟସର ଯୁବପିଢି ଭୋଗୁଥିବା ସ୍ୱାସ୍ଥ୍ୟ ସମସ୍ୟାର ମୁଖ୍ୟ କାରଣ ହେଉଛି ଚାପ । ତେବେ ଆମ ଯୁବପିଢିଙ୍କ ଚାପଗ୍ରସ୍ତର କାରଣ କଣ ହୋଇପାରେ, ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରାର୍ଥକ୍ୟ ଏବଂ କିପରି ଏହାର ସମାଧାନ କରାଯାଇ ପାରିବ, **ଚାପ କ'ଣ ?** ଚାପ ହେଉଛି ଏକ ପ୍ରାକୃତିକ ପ୍ରତିକ୍ରିୟା, ଯାହା ବିଭିନ୍ନ କାରଣରୁ ହୋଇପାରେ, ଯେପରିକି କାର୍ଯ୍ୟ, ସମ୍ପର୍କ, ଆର୍ଥିକ ଅସୁବିଧା କିମ୍ବା ଜୀବନର ପ୍ରମୁଖ ପରିବର୍ତ୍ତନ । ଯେତେବେଳେ ଆମେ ଚାପର ସମ୍ମୁଖୀନ ହୋଇଥାଉ, ଏହା ଶାରୀରିକ ଏବଂ ମାନସିକ ପ୍ରତିକ୍ରିୟା ସୃଷ୍ଟି କରିଥାଏ । ଏହି ପ୍ରତିକ୍ରିୟାଗୁଡ଼ିକ ଟେନସନ, ଚିନ୍ତା, କିମ୍ବା ଅତ୍ୟଧିକ ଭାବନା ପରି ଦେଖାଯାଏ । ଚାପଗ୍ରସ୍ତ ହେଲେ ଶରୀର କର୍ଟିସୋଲ ଏବଂ ଆଡ୍ରେନାଲିନ୍ ପରି ହରମୋନ ମୁକ୍ତ କରିଥାଏ । ଏହି ହରମୋନ ହୃଦସ୍ପନ୍ଦନ ଏବଂ ରକ୍ତଚାପ ବୃଦ୍ଧିକରେ, ଫଳରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ଆପୋଲୋ ହସ୍ପିଟାଲ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ, ପ୍ରତି ୧୧,୦୦୦ ଲୋକଙ୍କ ମଧ୍ୟରୁ ପ୍ରାୟ



୮୦% ଲୋକ କ୍ରନିକ୍ ଚାପରେ ପୀଡିତ । ଏହି ରିପୋର୍ଟରେ କୁହାଯାଇଛି ଯେ, ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରି ଅଣସଂକ୍ରାମକ ରୋଗ (NCDs) ସହ ଚାପର ସିଧାସଳଖ ଲିଙ୍କ ରହିପାରେ । ବାସ୍ତବରେ, ଏହା ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗକୁ ୧.୩ରୁ ୨ ଗୁଣ ବଢାଇଥାଏ ।

# ପ୍ରୋଟିନ ପାଉଡ଼ର ସୁନ୍ଦର ସ୍ୱାସ୍ଥ୍ୟକୁ ବିଗାଡି ଦେଇପାରେ

ବର୍ତ୍ତମାନ ସମୟରେ ଦେଖିବାକୁ ମିଳେ ଯୁବକମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ପ୍ରୋଟିନ ପାଉଡର ପଛରେ ଧାଇଁଛନ୍ତି । କିନ୍ତୁ ଏହି ପାଉଡର ଆପଣଙ୍କର ସୁନ୍ଦର ସ୍ୱାସ୍ଥ୍ୟକୁ ବିଗାଡି ଦେଇପାରେ । ଆଜିକାଲି ଡାଏଟ କରିବାକୁ ଅନେକ ବ୍ୟକ୍ତି ପସନ୍ଦ କରୁଥିଲା ବେଳେ କିଛି ଲୋକ ପତଳା ଥିବାରୁ ପ୍ରେଟିନ୍ ପାଉଡର ଖାଇବାକୁ ପସନ୍ଦ କରିଥାନ୍ତି । ତେବେ ଆସନ୍ତୁ ଜାଣିବା ଏ ସମ୍ପର୍କିତ କିଛି ତଥ୍ୟ ...... ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମଆର) ରିପୋର୍ଟ ଅନୁସାରେ, ପାଉଡରରେ ଅଧିକ ଶର୍କରା, ମିଠା ଯୁକ୍ତ ପୋଷକତତ୍ତ୍ୱ ଥିବାରୁ ଏହା ମଧୁମେହ, ହୃଦରୋଗ ଓ ମେଦ ବହୁଳତା ଭଳି ମାରାତ୍ମକ ସମସ୍ୟା ଆଣିଥାଏ । ଏନେଇ ଆଇସିଏମଆର ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ଏହା ଅତ୍ୟଧିକ ସେବନ ଦ୍ୱାରା ବୃଦ୍ଧ ବ୍ୟକ୍ତିମାନଙ୍କ ମାଂସପେସୀ ଉପରେ ବିଶେଷ ପ୍ରଭାବ ପଡିଥାଏ ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଉତ୍ତମ ସ୍ୱାସ୍ଥ୍ୟ ଲାଗି ସନ୍ତୁଳିତ ଖାଦ୍ୟ ନିହାତି ଆବଶ୍ୟକ । ଗର୍ଭାବସ୍ଥା ସମୟରେ ପୁଷ୍ଟିକର ଖାଦ୍ୟ ବା ଭଲ ସ୍ୱାସ୍ଥ୍ୟ ଲାଗି ପିଲାମାନଙ୍କୁ ସ୍ତନ୍ୟପାନ ସମୟରେ ମହିଳାମାନଙ୍କୁ ପ୍ରୋଟିନ୍ ପାଉଡର ସେବନ ଲାଗି ପରାମର୍ଶ ଦିଆଯାଇଥାଏ । କିନ୍ତୁ ୬ ମାସ ପରେ ଏହାର ସେବନ ହ୍ରାସ କରିବା ଆବଶ୍ୟକ । ଏହି ସର୍ଭେ ସଂସ୍ଥା ପକ୍ଷରୁ କୁହାଯାଇଛି ପାଉଡର ବଦଳରେ ଛୁଆମାନଙ୍କୁ ୬ମାସ



ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇବା ଆବଶ୍ୟକ । ୬ମାସ ପରେ ହାଲୁକା କଠି ଘର ଖାଦ୍ୟ ଖାଇବାକୁ ଦେବା ଆବଶ୍ୟକ ଅଟେ । ଏହା ସହ ପ୍ରଚୁର ଲେମ୍ବୁ ଓ ପନିପରିବା ଖାଇବାକୁ ଆଇସିଏମଆର ପକ୍ଷରୁ କୁହାଯାଇଛି ।

# ଯୁବପିଢ଼ିଙ୍କ ମଧ୍ୟରୁ ୮୩% ବେକାର

ଦେଶରେ ବେକାରି ସମସ୍ୟା ଚିନ୍ତାର ବିଷୟ ପାଲଟିଛି । ମାତ୍ର ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ)ର ରିପୋର୍ଟ ଅନୁଯାୟୀ, ୨୦୨୨ରେ ଭାରତର ମୋଟ ବେକାରି ଜନସଂଖ୍ୟାରେ ପ୍ରାୟ ୮୩ ପ୍ରତିଶତ ଯୁବପିଢ଼ି ଅଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ମୁଦ୍ରାନୀତି କମିଟି (ଏମ୍‌ପିସି) ସଦସ୍ୟ ଆଶିମା ଗୋୟଲ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ, ବର୍ତ୍ତମାନ ଭାରତରେ ଥିବା ବେକାରିଙ୍କ ମଧ୍ୟରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ । ତେବେ ଆଗାମୀ ଦିନରେ ଏହି ସ୍ଥିତିରେ ସୁଧାର ଆସିବା ନେଇ ସେ ଆଶା ପ୍ରକାଶ କରିଛନ୍ତି । ଆଶିମା କହିଛନ୍ତି ଯେ ଯୁବକମାନଙ୍କ ମଧ୍ୟରେ ଏହି ବେକାରି ସାମୟିକ ଅଟେ । ଦେଶର ଅର୍ଥନୀତି ଅଧିକ ଶକ୍ତିଶାଳୀ ହେଉଛି । ଏହି କାରଣରୁ ଦେଶରେ ନିଯୁକ୍ତି ସ୍ଥିତିରେ ସୁଧାର ଆସୁଛି । ଅଧିକ ଯୋଗ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଯୁବ ବେକାରି ଅଧିକ ବୋଲି ସେ କହିଛନ୍ତି । ତଥାପି ସେମାନେ ଅଧିକ ବେତନ ମଧ୍ୟ ପାଆନ୍ତି । ଏହି କାରଣରୁ ଯୁବକମାନେ ଦକ୍ଷତା ହାସଲ



କରିବା ଏବଂ ଚାକିରି ଖୋଜିବାରେ ଅଧିକ ସମୟ ବିତାଉଛନ୍ତି । ଯୁବବର୍ଗଙ୍କ ପାଇଁ ବେକାରି ସର୍ବାଧିକ ବୋଲି ସେ କହିଛନ୍ତି । ଭାରତୀୟ ଯୁବକମାନେ ମଧ୍ୟ ନିଜର ବ୍ୟବସାୟ ବିକାଶରେ ବ୍ୟସ୍ତ ଅଛନ୍ତି । ଏହି କାରଣରୁ ଭାରତରେ ଷ୍ଟାର୍ଟଅପ ଧାରା ମଧ୍ୟ ଦ୍ରୁତ ଗତିରେ ବିକଶିତ ହେଉଥିବା ସେ କହିଛନ୍ତି । ତେବେ କେବଳ ସରକାରୀ ଚାକିରି ଦ୍ୱାରା ବେକାରି ହ୍ରାସ ହୋଇପାରିବ ନାହିଁ ।

ଗୋୟଲ କହିଛନ୍ତି ଯେ ଆଇଏଲଏ ରିପୋର୍ଟରେ ଦର୍ଶାଯାଇଛି ଯେ ନିକଟ ଅତୀତରେ ଯୁବ ବେକାରି ହ୍ରାସ ପାଇଛି । ଉନ୍ନତ ସ୍ୱାସ୍ଥ୍ୟ, ଭିତ୍ତିଭୂମି, ବୀମା, ଶିକ୍ଷା ଏବଂ ଦକ୍ଷତା ତାଲିମ ସୁବିଧା ମାଧ୍ୟମରେ ଯୁବକମାନଙ୍କ ପାଇଁ ସୁଯୋଗ ବୃଦ୍ଧି କରାଯାଇପାରିବ । କେବଳ ସରକାରୀ ଚାକିରି ଯୋଗାଇ ଦେଶରେ ବେକାରି ହ୍ରାସ ହୋଇପାରିବ ନାହିଁ ।

# ଟିମ୍ ଇଣ୍ଡିଆର ନୂଆ କୋଚ୍ ପାଇଁ ଆବେଦନ ଆରମ୍ଭ

**ନୂଆଦିଲ୍ଲୀ**

ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ (ବିସିସିଆଇ) ମୁଖ୍ୟ କୋଚ୍ ପଦ ପାଇଁ ଆବେଦନ ଆରମ୍ଭ କରିଛି। ଭାରତୀୟ ପୁରୁଷ ସିନିୟର ଦଳର ବର୍ତ୍ତମାନର ମୁଖ୍ୟ ହେଉଛନ୍ତି ରାହୁଲ ଦ୍ରାବିଡ। ତାଙ୍କ କାର୍ଯ୍ୟକାଳ ଜୁନ୍ ମାସରେ ଆମେରିକା ଏବଂ ୱେଷ୍ଟଇଣ୍ଡିଜ ଦ୍ୱାରା ଆୟୋଜିତ ହେବାକୁ ଥିବା ଟି-୨୦ ବିଶ୍ୱକପ ପରେ ଶେଷ ହେବ।

ସୋମବାର ବିଳମ୍ବିତ ରାତିରେ ବିସିସିଆଇ ମୁଖ୍ୟ କୋଚ୍ ପ୍ରାର୍ଥୀଙ୍କ ପାଇଁ ବିଜ୍ଞାପନ ପ୍ରକାଶ କରିଛି। ପ୍ରାର୍ଥୀମାନେ ଏହି ପଦ ପାଇଁ ୨୭ ମେ’ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆବେଦନ କରିପାରିବେ। କୋଚ୍‌ମାନଙ୍କ ପାଇଁ ଚୟନ ପ୍ରକ୍ରିୟା ଆବେଦନଗୁଡ଼ିକର ସମୀକ୍ଷା ମାଧ୍ୟମରେ ହେବ, ତା’ପରେ ବ୍ୟକ୍ତିଗତ ସାକ୍ଷାତ୍କାର ଏବଂ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀଙ୍କ ମୂଲ୍ୟାଙ୍କନ ହେବ।

ଆବେଦନ କରିବାକୁ ଯୋଗ୍ୟତା : ମୁଖ୍ୟ ପ୍ରଶିକ୍ଷକ ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ବିସିସିଆଇ କିଛି ଯୋଗ୍ୟତା ଏବଂ ସର୍ତ୍ତ ସ୍ଥିର କରିଛି। ଅତିକମ୍‌ରେ ୨୦ଟି ଟେଷ୍ଟ କିମ୍ବା ୫୦ଟି ଦିନିକିଆ ମ୍ୟାଚ ଖେଳିବାର ଅଭିଜ୍ଞତା ଥିବା ଆବଶ୍ୟକ। ଅତିକମରେ ଦୁଇ ବର୍ଷ ଧରି ଏକ ପୂର୍ଣ୍ଣ ସଦସ୍ୟ ଟେଷ୍ଟ ଖେଳୁଥିବା ଦେଶର ମୁଖ୍ୟ କୋଚ୍ ହେବା ଜରୁରୀ। ଅତିକମ୍‌ରେ ୩ ବର୍ଷ ପାଇଁ ଏକ ଆଇପିଏଲ ଦଳର ଆସୋସିଏଟ ମେମ୍ବର କିମ୍ବା ହେଡ୍ କୋଚ୍ କିମ୍ବା ଏହାର ସମାନ ଇଣ୍ଟରନ୍ୟାସନାଲ ଲିଗ୍ କିମ୍ବା ପ୍ରଥମ ଶ୍ରେଣୀ ଦଳ କିମ୍ବା ନ୍ୟାସନାଲ ଏ ଦଳ ହେବା ଜରୁରୀ। ବିସିସିଆଇ ଲେବଲ ୩ କିମ୍ବା ସମାନ ପ୍ରମାଣପତ୍ର ଥିବା ଆବଶ୍ୟକ। ବୟସ ୬୦ ବର୍ଷରୁ କମ୍ ହେବା ଉଚିତ୍।

ଟିମ୍ ଇଣ୍ଡିଆର ନୂତନ ମୁଖ୍ୟ କୋଚ୍‌ଙ୍କ କାର୍ଯ୍ୟକାଳ ଜୁଲାଇ ୧, ୨୦୨୪ରୁ ଆରମ୍ଭ ହେବ, ଯାହା ଡିସେମ୍ବର ୩୧, ୨୦୨୭ ପର୍ଯ୍ୟନ୍ତ ଚାଲିବ। ନୂତନ ମୁଖ୍ୟ କୋଚ୍‌ଙ୍କ କାର୍ଯ୍ୟକାଳ ମଧ୍ୟରେ ଟିମ୍ ଇଣ୍ଡିଆ ମୋଟ୍ ୫ଟି ଆଇସିସି ଟ୍ରଫି ଖେଳିବ, ଯେଉଁଥିରେ ଚାମ୍ପିଅନ୍ସ ଟ୍ରଫି, ଟି-୨୦ ବିଶ୍ୱକପ, ଦିନିକିଆ ବିଶ୍ୱକପ ଏବଂ ୨ଟି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ଅନ୍ତର୍ଭୁକ୍ତ।

## ଟି-୨୦ ବିଶ୍ୱକପ ନିୟମ

# ୨ୟ ସେମିଫାଇନାଲ ପାଇଁ ରିଜର୍ଭ ଦିବସ ନାହିଁ, ମିଳିବ ୨୫୦ ମିନିଟ୍ ଅତିରିକ୍ତ ସମୟ

**କୋଲକାତା**

ଟି-୨୦ ବିଶ୍ୱକପ୍ ଜୁନ୍‌ରୁ ଆରମ୍ଭ ହେବ। ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ ପାଇଁ ଅଧିକାଂଶ ଦଳ ସେମାନଙ୍କ ଟିମ୍ ଘୋଷଣା କରି ସାରିଛନ୍ତି। ଏଥର ବିଶ୍ୱକପରେ ଫାଇନାଲ ପର୍ଯ୍ୟନ୍ତ ୫୫ଟି ମ୍ୟାଚ୍ ହେବ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦ୍ୱିତୀୟ ସେମିଫାଇନାଲ ପାଇଁ ରିଜର୍ଭ ଦିବସ ରଖାଯାଇ ନାହିଁ।

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲୁଆଇ) ଦ୍ୱିତୀୟ ସେମିଫାଇନାଲ ପାଇଁ ୨୫୦ ମିନିଟ ଅତିରିକ୍ତ ସମୟ ରଖିବାକୁ ନିଷ୍ପତ୍ତି ନେଇଛି, ଯାହାଫଳରେ ମ୍ୟାଚ୍ ସେହି ଦିନ ଶେଷ ହୋଇପାରିବ ଅର୍ଥାତ ମ୍ୟାଚ ପାଇଁ ଅତିରିକ୍ତ ୪ ଘଣ୍ଟା ସମୟ ଦିଆଯାଇଛି। ଯାହାଦ୍ୱାରା ଦଳଗୁଡ଼ିକ କ୍ରମାଗତ ଖେଳିବା, ଭ୍ରମଣ ଏବଂ ପୁନର୍ବାର ଖେଳିବାକୁ ପଡ଼ିବ ନାହିଁ। ବାସ୍ତବରେ, କୌଣସି ଦଳ ଫାଇନାଲ ପୂର୍ବରୁ ଯାତ୍ରା ପାଇଁ କେବଳ ଗୋଟିଏ ଦିନ ରହିବେ। ଏଭଳି ପରିସ୍ଥିତିରେ




ସେମିଫାଇନାଲ ଏବଂ ଫାଇନାଲ ମଧ୍ୟରେ ବହୁତ କମ୍ ସମୟ ରହିବ। ଏହି କାର୍ଯ୍ୟସୂଚୀ ନେଇ କ୍ରମାଗତ ଭାବରେ ପ୍ରଶ୍ନ ଉଠିଥିଲା ଯାହା ପରେ ଆଇସିସି ଏହି ନିଷ୍ପତ୍ତି ନେଇଛି।

ବାସ୍ତବରେ, ପ୍ରଥମ ସେମିଫାଇନାଲ ଜୁନ ୨୬ରେ ତ୍ରିନିଦାଦରେ ଖେଳାଯିବାକୁ ଧାର୍ଯ୍ୟ କରାଯାଇଛି। ଏହା ସ୍ଥାନୀୟ ସମୟ ରାତି ସାଢ଼େ ୮ଟାରୁ ଖେଳାଯିବ। ଭାରତୀୟ ସମୟ ଅନୁଯାୟୀ ଏହି ମ୍ୟାଚ୍ ତା’ପରଦିନ ସକାଳ ୬ ଟାରୁ ଆରମ୍ଭ ହେବ। ପ୍ରଥମ ସେମିଫାଇନାଲ ପାଇଁ ଆୟୋଜକମାନେ ଏକ ରିଜର୍ଭ ଦିବସ ରଖିଛନ୍ତି। ଯଦି ଏହି ସ୍ଥାନରେ ବର୍ଷା ହୁଏ, ତେବେ ଆସନ୍ତା ଜୁନ ୨୭ରେ ମ୍ୟାଚ୍ ଶେଷ ହେବ।

ଦ୍ୱିତୀୟ ସେମିଫାଇନାଲ ଗୁଆନାଠାରେ ଖେଳାଯିବ। ଏଠାରେ ପରିସ୍ଥିତି ଟିକିଏ ଅଲଗା। ଏହା ଜୁନ୍ ୨୭ରେ ସ୍ଥାନୀୟ ସମୟ ପୂର୍ବାହ୍ନ ସାଢ଼େ ୧୦ରୁ ଖେଳାଯିବ। ଭାରତୀୟ ସମୟ ରାତି ସାଢ଼େ ୮ଟାରୁ ଏହା ଖେଳାଯିବ। ଏହି ମ୍ୟାଚ୍ ସେହିଦିନ ଯେ କୌଣସି ମୂଲ୍ୟରେ ଶେଷ ହେବା କରିବାକୁ ପଡ଼ିବ। ଏହା ପରେ ୨୮ ଜୁନ୍ ଯାତ୍ରା ଦିବସ ହେବ। ଜୁନ୍ ୨୯ରେ ଫାଇନାଲ ଖେଳାଯିବ। ଗୁଆନାଠାରେ ଭାରତ ଦ୍ୱିତୀୟ ସେମିଫାଇନାଲ ଖେଳିପାରେ ବୋଲି ଆଶା କରାଯାଉଛି। ଜୁନ ମାସରେ କାରିବିଆନ ଦେଶରେ ଉତ୍ତାପ ଏବଂ ବର୍ଷା ହେବାର ସମ୍ଭାବନା ଅଛି। ଏଭଳି ପରିସ୍ଥିତିରେ ମ୍ୟାଚ୍‌ରେ ବର୍ଷା ହେବାର ଆଶଙ୍କା ରହିବ ବୋଲି ଅସ୍ୱୀକାର କରାଯାଇପାରିବ ନାହିଁ।

# ଏସିଆନ ବଡିବିଲ୍ଡିଂରେ ଭାଗନେବେ ଶୁଭକାନ୍ତ



**ଭୁବନେଶ୍ୱର**

ଇଣ୍ଡୋନେସିଆର ବାଟମଠାରେ ୫୬ତମ ଏସିଆନ ବଡିବିଲ୍ଡିଂ ଆଣ୍ଡ ଫିଜିକ୍ ସ୍ପୋଟର୍‌ସ ଚାମ୍ପିୟନସିପ୍ ଅଗଷ୍ଟ ୬ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଭାରତୀୟ ପ୍ରତିଯୋଗୀଙ୍କ ଚୟନ ଟ୍ରାଏଲ୍ସ କେରଳର କୋଚିଠାରେ ଗତ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତୀର୍ଣ୍ଣ ହୋଇ ଜଣେ ପ୍ରତିଯୋଗୀଭାବେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି କିଟ୍-କିସ୍‌ର ବଡିବିଲ୍ଡିଂ କୋଚ୍ ଶୁଭକାନ୍ତ ମଲିଆ। ସେହିପରି ବ୍ୟାଡ୍‌ମିଣ୍ଟନ ୱାଲର୍‌ଡ ଫେଡ଼େରେଶନ (ବିଡବ୍ଲ୍ୟୁଏଫ୍)ର ବିଶ୍ୱ ଜୁନିୟର ଚାମ୍ପିୟନସିପ୍ ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ (କିମ୍ସ)ର ଫିଜିଓଲୋଜି ଓ ସ୍ପୋଟର୍‌ସ ମେଡିସିନ ବିଭାଗୀୟ ମୁଖ୍ୟ ସୁଦୀପ ଶତପଥୀଙ୍କୁ ଟୁର୍ଣ୍ଣାମେଣ୍ଟ ଡାକ୍ତରଭାବେ ନିଯୁକ୍ତି ମିଳିଛି। ବିଡବ୍ଲ୍ୟୁଏଫ୍ ୱାଲର୍‌ଡ ଜୁନିୟର ଚାମ୍ପିୟନଶିପ୍ ଚାଇନାର ନାନ୍‌ଚାଙ୍ଗଠାରେ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପୂର୍ବରୁ ସୁଦୀପ ବିଡବ୍ଲ୍ୟୁଏଫ୍ ପକ୍ଷରୁ ନେଦରଲାଣ୍ଡ୍ସର ରୋଟରଡାମଠାରେ ୨୦୨୩ରେ ଅନୁଷ୍ଠିତ ୟୁରୋପିଆନ ପାରା ଗେମ୍ସରେ ଟୁର୍ଣ୍ଣାମେଣ୍ଟ ଡାକ୍ତରଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ସେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକି ଦଳର ଡାକ୍ତର ଥିଲେ। ଏହା ବ୍ୟତୀତ ସେ ରିଓ ଅଲିମ୍ପିକ୍ସ ଓ ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ ପାଇଁ ସ୍ପୋଟର୍‌ସ ମେଡିସିନ ଡାକ୍ତର ମଧ୍ୟ ଥିଲେ। ସୁଦୀପ ୨୦୧୫ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ସଚିନ ତେନ୍ଦୁଲକରଙ୍କ ମାଲିକାନାରେ ଥିବା କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଦଳର ଟିମ୍ ଡାକ୍ତର ଥିଲେ। ଉଭୟ ଶୁଭକାନ୍ତ ଓ ସୁଦୀପଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ବିଧାୟକ ଡ. ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ଟି-୨୦ ବିଶ୍ୱକପ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେବା ମୁଡ୍‌ରେ ନଥିଲେ ରୋହିତ ଓ ମୁଖ୍ୟ ଚୟନକର୍ତ୍ତା !

**ନୂଆଦିଲ୍ଲୀ**

ଆଇପିଏଲ-୨୦୨୪ ପ୍ଲେଅଫକୁ ଯିବାର ସ୍ୱପ୍ନ ମୁମ୍ବାଇ ଇଣ୍ଡିଆନ୍ସର ଭାଙ୍ଗିଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ପ୍ରଥମ ଦଳ ଭାବେ ପ୍ଲେଅଫ୍ ଦୌଡ଼ରୁ ବାଦ୍‌ପଡିଥିଲା। ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ମୁମ୍ବାଇ ରୋହିତ ଶର୍ମାଙ୍କୁ ହଟାଇ ପାଣ୍ଡ୍ୟାଙ୍କୁ କମାଣ ଦେବା ମାତ୍ରେ କ୍ରିକେଟ ପଣ୍ଡିତମାନେ ବିପର୍ଯ୍ୟୟର ଆଶଙ୍କା କରି ସାରିଥିଲେ। ତେବେ କୌତୂହଳର ବିଷୟ ହେଲା, ପ୍ଲେଅଫ୍‌କୁ ଯୋଗ୍ୟତା ଅର୍ଜନ କରି ପାରିନଥିବା ମୁମ୍ବାଇ ଟିମ୍‌ର ୪ ପ୍ରମୁଖ ଖେଳାଳି ଭାରତ ପାଇଁ ଟି-୨୦ ବିଶ୍ୱକପ ଖେଳିବେ। ଅଧିନାୟକ ରୋହିତ ଶର୍ମା, ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟ କୁମାର ଯାଦବ ଓ ଯଶପ୍ରୀତ ବୁମ୍‌ରା।

ସମୟ ଅତିକ୍ରମ କରିବା ସହ ମୁମ୍ବାଇ ଇଣ୍ଡିଆନ୍ସରେ କ୍ୟାପ୍ଟେନ୍ସି ବଦଳକୁ ନେଇ ଚାଲିଥିବା ବିବାଦ



ଥମି ଯିବ ବୋଲି ସମସ୍ତେ ଆଶା କରିଥିଲେ। କିନ୍ତୁ ଏପରି କିଛି ବି ହୋଇ ନାହିଁ। ରିପୋର୍ଟ ଅନୁସାରେ, ହାର୍ଦ୍ଦିକଙ୍କ ଆଇପିଏଲ ପ୍ରଦର୍ଶନ ଓ କ୍ୟାପ୍ଟେନ୍ସି ଷ୍ଟାଇଲକୁ ନେଇ ରୋହିତ ଆଦୌ ସନ୍ତୁଷ୍ଟ ନାହାନ୍ତି। ସେ ଟି-୨୦ ବିଶ୍ୱକପରେ ହାର୍ଦ୍ଦିକଙ୍କୁ ସାମିଲ କରିବା ସପକ୍ଷରେ ନଥିଲେ।

ରୋହିତଙ୍କ ସହ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟିମ୍ ଇଣ୍ଡିଆର ୧୫ ଜଣିଆ ସ୍କ୍ୱାଡ୍‌ରେ ସାମିଲ କରିବାକୁ ଚାହୁଁ ନଥିଲେ। ଶେଷ ମୁହୂର୍ତ୍ତରେ ହାର୍ଦ୍ଦିକଙ୍କର ବିକଳ୍ପ ଅଲରାଉଣ୍ଡର ନ ମିଳିବାରୁ ତାଙ୍କୁ ୧୫ ଜଣିଆ ସ୍କ୍ୱାଡ୍‌ରେ ରଖା ଯାଇଥିଲା ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ଆଇପିଏଲ-୨୦୨୪ରେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ଆଦୌ ଆଶାଜନକ ନାହିଁ। ୧୩ଟି ମ୍ୟାଚ୍‌ରେ ସେ ୧୪୪.୯୩ ଷ୍ଟ୍ରାଇକ୍ ରେଟ୍‌ରେ କେବଳ ୨୦୦ ରନ କରିଛନ୍ତି। ୧୩ ମ୍ୟାଚ୍‌ରେ ତାଙ୍କ ନାଁରେ ୧୧ ୱିକେଟ ରହିଛି। ହେଲେ ତାଙ୍କ ବୋଲିଂ ଇକୋନୋମି ୧୦.୫୯ ଏହି ପ୍ରଦର୍ଶନକୁ ଦେଖି ରୋହିତ ଓ ଅଗରକର ତାଙ୍କୁ ଟିମ୍‌ରେ ରଖିବାକୁ ଚାହୁଁ ନଥିଲେ ବୋଲି ରିପୋର୍ଟରେ କୁହାଯାଇଛି।

ଏହି ରିପୋର୍ଟରେ ଆହୁରି ଦାବି କରାଯାଇଛି ଯେ ଚାପର ବଶବର୍ତ୍ତୀ ହୋଇ ତାଙ୍କୁ ଟି-୨୦ ବିଶ୍ୱକପ ସ୍କ୍ୱାଡ୍‌ରେ ରଖାଯାଇଛି। ସେହିପରି ଟି-୨୦ ବିଶ୍ୱକପ୍‌ରେ ରୋହିତ ଶର୍ମା ଟି-୨୦ କ୍ରିକେଟକୁ ମଧ୍ୟ ଅଲ୍‌ବିଦା କହିପାରନ୍ତି ବୋଲି ରିପୋର୍ଟରେ ଦାବି କରିଛନ୍ତି। ବିଶ୍ୱକପ ସ୍କ୍ୱାଡ୍ ଘୋଷଣା ହେବା ପରେ ରୋହିତ ଓ ଅଗରକର ସାମ୍ବାଦିକ ସମ୍ମିଳନୀ କରିଥିଲେ। ଏହି ସମୟରେ ହାର୍ଦ୍ଦିକଙ୍କୁ ସ୍କ୍ୱାଡ୍‌ରେ ରଖିବା ନେଇ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏହାର ଜବାବରେ ଅଗରକର କହିଥିଲେ ଯେ ହାର୍ଦ୍ଦିକଙ୍କ ବଦଳ ଖେଳାଳି ଚୟନ କରିବାରେ ଚୟନକର୍ତ୍ତାଙ୍କ ପାଖରେ କୌଣସି ବିକଳ୍ପ ନଥିଲା। ତାଙ୍କ ସମକକ୍ଷ ଦକ୍ଷତାର ଖେଳାଳି ନଥିବାରୁ ତାଙ୍କୁ ସ୍କ୍ୱାଡ୍‌ରେ ରଖାଯାଇଛି।

# ଗାଳି ପରେ ଏବେ କେ.ଏଲ୍. ରାହୁଲଙ୍କୁ ଡିନର୍ ପାର୍ଟି ଦେଲେ ମାଲିକ

**ନୂଆଦିଲ୍ଲୀ**



ବିବାଦର ଅନ୍ତ କେ.ଏଲ୍. ରାହୁଲ ଏବଂ ସଞ୍ଜୀବ ଗୋଏଙ୍କାଙ୍କ ମଧ୍ୟରେ ସବୁକିଛି ଠିକ୍ ଅଛି। ସାମ୍ନାକୁ ଆସିଥିବା ଉଭୟଙ୍କ ଫଟୋରୁ ଏହା ସ୍ପଷ୍ଟ ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଉକ୍ତ ଫଟୋରେ ଦୁହେଁ ପରସ୍ପରକୁ ଆଲିଙ୍ଗନ କରିଥିବା ଦେଖାଯାଉଛି। ଲକ୍ଷ୍ନୌ ଏହାର ଆଗାମୀ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଏହାପୂର୍ବରୁ ଅଧିନାୟକ ଏବଂ ମାଲିକଙ୍କ ମଧ୍ୟରେ ଦେଖାଯାଇଥିବା ବିବାଦ ଶେଷ ହୋଇଛି ବୋଲି କୁହାଯାଉଛି। ତେବେ ଏଲ୍‌ଏସ୍‌ଜି ଫ୍ରାଞ୍ଚାଇଜ୍ ମାଲିକ ଗୋଏଙ୍କା ଅଧିନାୟକ ରାହୁଲଙ୍କୁ ନିଜ ଘରକୁ ରାତ୍ରଭୋଜନ ଲାଗି ନିମନ୍ତ୍ରଣ ଦେଇଥିଲେ। ମନମାଳିନ୍ୟକୁ ଦୂରରେ ରଖି ରାହୁଲ ପହଞ୍ଚିବା ପରେ ଗୋଏଙ୍କା ତାଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିଥିଲେ। ଏହାର ଫଟୋ ଭାଇରାଲ ହେଉଛି।

ସୂଚନାଯୋଗ୍ୟ ଯେ, ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ୍‌ରେ ପରାଜିତ ହେବା ପରେ ଲକ୍ଷ୍ନୌ ମାଲିକ ଅଧନାୟକଙ୍କୁ ଗାଳି କରିଥିଲେ। ମଇଦାନରେ ସେ ରାହୁଲଙ୍କୁ ଅନେକ କିଛି କହୁଥିବାର ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା। ପରେ ଏହାକୁ କ୍ରିକେଟ ପ୍ରେମୀଙ୍କ ସହ ରାହୁଲଙ୍କ ପ୍ରଶଂସକମାନେ ପସନ୍ଦ କରି ନ ଥିଲେ। ଖୋଲାଖୋଲି ଭାବେ ଏଭଳି ବ୍ୟବହାର ଠିକ୍ ନୁହେଁ ବୋଲି ଅନେକେ କହିଥିଲେ।

# ଆହତ ସତ୍ତ୍ୱେ ଟସ୍କିନ ଅହମଦଙ୍କୁ ମିଳିଲା ଉପଅଧିନାୟକ ଦାୟିତ୍ୱ




**ଢାକା**

ପାର୍ଶ୍ୱ ଯନ୍ତ୍ରଣା ପାଇଁ ଚିକିତ୍ସାଧୀନ ଥିବା ସତ୍ତ୍ୱେ ପେସ୍ ବୋଲର ଟସ୍କିନ ଅହମଦ ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳରେ ସ୍ଥାନ ପାଇଛନ୍ତି। ତାଙ୍କୁ ଦଳର ଉପଅଧିନାୟକ କରାଯାଇଛି। ଗତ ସପ୍ତାହରେ ଜିମ୍ବାୱେ ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ପୂର୍ବରୁ ସେ ଆଘାତପ୍ରାପ୍ତ ହୋଇଥିଲେ। ପୂର୍ବରୁ ଏହି ୨୯ ବର୍ଷୀୟ ସିରିଜରେ ଭଲ ପ୍ରଦର୍ଶନ କରିଥିଲେ। ସେ ୪ଟି ଗେମ୍ ଖେଳି ୪.୫୬ ଇକୋନୋମି ରେଟ୍‌ରେ ୮ ୱିକେଟ ଦଖଲ କରିଥିଲେ।

ନଜମୁଲ ହୋସେନ ଶାନ୍ତୋଙ୍କୁ ୧୫ଜଣିଆ ବାଂଲାଦେଶ ଦଳର ଅଧିନାୟକ ମନୋନୀତ କରାଯାଇଛି। ଦଳରେ ବହୁ ଅଭିଜ୍ଞ ଖେଳାଳିଙ୍କୁ ନିଆଯାଇଛି। ବର୍ତ୍ତମାନ ଖରାପ ଫର୍ମରେ ରହିଥିଲେ ସୁଦ୍ଧା ଓପନର ଲିଟନ ଦାସଙ୍କୁ ଦଳରେ ନିଆଯାଇଛି। ଷ୍ଟାର ଅଲ୍ ରାଉଣ୍ଡର ଶକିବ ଅଲ୍ ହସନ ହେଉଛନ୍ତି ଦଳର ସବୁଠାରୁ ବରିଷ୍ଠ ଖେଳାଳି। ୨୦୦୭ରୁ ଏହି ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସେ ପ୍ରତ୍ୟେକଟିରେ ଅଂଶଗ୍ରହଣ କରି ଆସିଛନ୍ତି। ଜୁନ ୭ରେ ଟେକ୍ସାସର ଡଲାସଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ସହ ବାଂଲାଦେଶ ଏହାର ଅଭିଯାନ ଆରମ୍ଭ କରିବ। ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡ୍ସ ଓ ନେପାଳ ସହ ବାଂଲାଦେଶ ଗ୍ରୁପ୍ ଡିରେ ସ୍ଥାନ ପାଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ମାନଦଣ୍ଡ ଅନୁସାରେ ଅନ୍ତର୍ଜାତୀୟ ଟି୨୦ ଟିମ୍ ର୍ୟାଙ୍କିଙ୍ଗକୁ ଭିତ୍ତି କରି ବାଂଲାଦେଶ କ୍ରମାଗତ ୯ମ ଥର ବିଶ୍ୱକପ୍ ଖେଳିବାକୁ ଯାଉଛି।

ବାଂଲାଦେଶ ଦଳ : ନଜମୁଲ ହୋସେନ ଶନ୍ତୋ (ଅଧିନାୟକ), ଟସ୍କିନ ଅହମଦ (ଉପଅଧିନାୟକ), ଲିଟନ ଦାସ, ସୌମ୍ୟ ସରକାର, ତାନଜିଦ ହସନ, ଶକିବ ଅଲ୍ ହସନ, ତୋହିଦ ହ୍ରିଦୟ, ମହମୁଦୁଲ୍ଲା ଜାକର ଅଲ୍ଲୀ, ତନଭିର ଇସ୍‌ଲାମ୍, ମେହେଦି ହସନ, ରିଶାଦ ହୋସେନ, ମୁସ୍ତାଫିଜୁର ରହମନ, ଶୋରିଫୁଲ୍ ଇସ୍‌ଲାମ, ତାନଜିମ୍ ହସନ ଟ୍ରଭେଲିଂ। ରିଜର୍ଭସ: ହସନ ମେହମୁଦ, ଅଫିଫ ହୋସେନ।



ଭୁବନେଶ୍ୱର : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପ ପରିସରରେ ରାଉରକେଲା ଉତ୍କଳ ସାଂସ୍କୃତିକ ଶିଳ୍ପୀଙ୍କ ଦ୍ୱାରା ପରିବେଶିତ ନାଟକ ‘ଅନ୍ଧ ଯୁଦ୍ଧ’ର ଏକ ମନୋରମ ଦୃଶ୍ୟ। (ଫଟୋ : ସମ୍ବାଦ କଳିକା)

# ଶର୍ମିଷ୍ଠା, ଜିତୁ, ବିଶ୍ୱ, ସୁଦିପ ଓ ହିମାଂଶୁଙ୍କ ନାମାଙ୍କନ ପତ୍ର ଦାଖଲ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରାର୍ଥୀ ପତ୍ର ଦାଖଲର ୫ମ ଦିବସରେ ଯାଜପୁର ଜିଲ୍ଲା ସଦରମହକୁମାରେ ଅସାଧାରଣ ଭିଡ଼ ପରିଲକ୍ଷିତ ହୋଇଛି। ପ୍ରଥମେ ବିଜେଡି ସାଂସଦ ପ୍ରାର୍ଥୀନୀ ଶର୍ମିଷ୍ଠା ସେଠୀ ଏକ ଖୋଲା ଗାଡ଼ିରେ କୁଆଁଠାରୁ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତ୍ରିଲୋଚନ ଦାଶ, ବରିଷ୍ଠ ବିଜେଡି ନେତା ନରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମହିଳା ବିଜେଡି ସଭାପତି ସବିତା ରାଉତ, ବେଣୁଧର ଦାସ, ଅଶ୍ୱିନୀ ଦାସ, ଅଦ୍ୱୈତ ରାଉତ, ବିଶ୍ୱଜିତ ପତି, ସ୍ୱର୍ଣ୍ଣଲତା ସାମଲ, ସୁନିଲ ସାମନ୍ତରାୟ, ଗୋବିନ୍ଦ ମହାରଣା, ଦିବ୍ୟଜ୍ୟୋତି ପତି ପ୍ରମୁଖଙ୍କ ସହିତ ଆସି ରିଟର୍ଣ୍ଣିଂ ଅଫିସର ଜିଲ୍ଲାପାଳ ନିଳ ପବନ କଲ୍ୟାଣଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେହିପରି ଧର୍ମଶାଳା ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଲୋକପ୍ରିୟ ଯୁବନେତା ହିମାଂଶୁ ଶେଖର ସାହୁ (ଲିକୁ) ମାଆ ମିନତୀ ସାହୁଙ୍କ ଠାରୁ ଆଶୀର୍ବାଦ ନେଇ ତାଙ୍କର ଅନେକ ଶୁଭେଚ୍ଛୁ ସମର୍ଥକଙ୍କ ଗହଣରେ ଆସି ରିଟର୍ଣ୍ଣିଂ ଅଫିସର ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ପ୍ରଥମେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୁନଶ୍ଚ ସେହି ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବିଧାୟକ ପ୍ରଣବ ବଳବନ୍ତରାୟ (ଜିତୁ) ଏକ ବଡ଼ ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଅନ୍ୟ ପକ୍ଷରେ ବିଜେଡି ଟିକେଟରେ ପ୍ରଥମଥର ପାଇଁ ନିର୍ବାଚନ ଲଢୁଥିବା ଜଣାଶୁଣା ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ ବରୀରୁ ଯାଜପୁର ଟାଉନ ଯାଏଁ ଲମ୍ବିଥିବା ଏକ ବିଶାଳ ବାଇକ୍, କାର୍ ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡିର ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କୁ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଦଳ ପକ୍ଷରୁ ବେକରେ ଫୁଲ ହାର ଏବଂ ପୁଷ୍ପଗୁଚ୍ଛ ଦେଇ ଜିଲ୍ଲାପାଳ କାର୍ଯ୍ୟଳୟ ନିକଟରେ ସ୍ୱାଗତ କରିଥିଲେ। ବିଶ୍ୱଙ୍କ ସହିତ ବରୀ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବ୍ଲକ୍ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା, ବ୍ଲକ ବିଜେଡି ସଭାପତି କେଦାର ସାମଲ, ଅଶୋକ ସାମଲ, ସନ୍ତୋଷ ସାମଲ ବରିଷ୍ଠ ବିଜେଡି ନେତା ଗଣେଶ ମହାକୁଡ଼, ସନାତନ ନାୟକ, ଅନୀଲ ସାହାଣୀ, ପ୍ରତାପ ମହାନ୍ତି, ବିଭୂତି ଭୂଷଣ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିବା ଦେଖାଯାଇଥିଲା। ସେହିପରି ଯାଜପୁର ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ପ୍ରାର୍ଥୀ ଯୁବନେତା ସୁଦିପ କୁମାର କର ବହୁ ସଂଖ୍ୟକ ଦଳୀୟ ସମର୍ଥକ ସହିତ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶ୍ରୀ କର ପ୍ରଥମେ ବାପା ବର୍ଷିୟାନ କଂଗ୍ରେସ ନେତା ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଦିଗମ୍ବର କରଙ୍କ ଠାରୁ ଆଶୀର୍ବାଦ ନେଇ ନାମାଙ୍କନ ପତ୍ର ଦାଖଲ କରିବାକୁ ବାହାରିଥିଲେ। ଶ୍ରୀ କରଙ୍କ ସହିତ ପୂର୍ବତନ ସାଂସଦ ତଥା ଏଥରର କଂଗ୍ରେସ ସାଂସଦ ପ୍ରାର୍ଥୀ ଅଞ୍ଚଳ ଦାସ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ଆସିଥିଲେ। ଏହି ଦିନ ଧର୍ମଶାଳା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀ ପାଇଁ ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଡିଏସ୍‌ପି ଶୀତିକଣ୍ଠ କାନୁନଗୋ, ଉପଖଣ୍ଡ ପୋଲିସ ଅଧିକାରୀ ସୂର୍ଯ୍ୟ ଲେଙ୍କା, ସ୍ଥାନୀୟ ଥାନାଧିକାରୀଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।



# ପରଲୋକରେ ପ୍ରବୀଣ ସାମ୍ବାଦିକ ଚିତ୍ତରଞ୍ଜନ ସାହୁ

**ବାଲେଶ୍ୱର, ନ୍ୟୁଜ୍**

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରବୀଣ ବର୍ଷିୟାନ ଚିରତରୁଣ ସାମ୍ବାଦିକ ଚିତ୍ତରଂଜନ ସାହୁ ଆଉ ନାହାନ୍ତି। ସୋମବାର ରାତିରେ ସ୍ଥାନୀୟ ଫକୀରମୋହନ ମେଡିକାଲ କଲେଜ ହାସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସେ ପରଲୋକ ଗମନ କରିଛନ୍ତି। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବାପରେ ରେମୁଣା ଅଞ୍ଚଳର ସାଧାରଣ ମଣିଷଙ୍କ ଠାରୁ ଆରମ୍ଭକରି ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ସମାଜର ସବୁବର୍ଗର ଲୋକମାନେ ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା।

ଦିବଂଗତ ଚିତ୍ତରଞ୍ଜନ ୧୯୩୦ ମସିହାରେ ରେମୁଣା ଏନଏସିର ନରହରିପୁର ଗ୍ରାମରେ ଏକ ସମ୍ଭ୍ରାନ୍ତ ଜମିଦାର ପରିବାରର ଏକମାତ୍ର ପୁତ୍ର ଭାବରେ ଜନ୍ମଗ୍ରହଣ କରିଥିଲେ। ପିତା ପ୍ରାଣକୃଷ୍ଣ ଥିଲେ ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ, ଆଉ ମାଆ ଗୌରୀପ୍ରିୟା ଗୃହିଣୀ। ମାତ୍ର ୬ ବର୍ଷ ବୟସରେ ଚିତ୍ତରଞ୍ଜନ ପିତାଙ୍କୁ



ହରାଇଥିଲେ। ଉକ୍ଟ ପାରିବାରିକ ସମସ୍ୟା ମଧ୍ୟରେ ବି ସେ ବହୁ କଷ୍ଟସ୍ୱୀକାର କରି ଉଚ୍ଚଶିକ୍ଷା ଲାଭ କରିଥିଲେ। ସରକାରୀ ଚାକିରିର ପ୍ରଲୋଭନକୁ ଏଡ଼ାଇ ଦେଇ ଚିତ୍ତରଞ୍ଜନ ତରୁଣ ବୟସରୁ ସାମ୍ବାଦିକତାକୁ ନିଜର ବୃତ୍ତି ଓ ପ୍ରବୃତ୍ତି ଭାବରେ ଗ୍ରହଣ କରିଥିଲେ। ପ୍ରଥମେ ମାତୃଭୂମି ଓ ପ୍ରଜାତନ୍ତ୍ର ସମ୍ବାଦପତ୍ରର ରେମୁଣା ପ୍ରତିନିଧି ଓ ପରେ ହିନ୍ଦୁସ୍ଥାନ ସମାଚାର ସମ୍ବାଦ ସରବରାହ ସଂସ୍ଥାର ବାଲେଶ୍ୱର ଜିଲ୍ଲା ପ୍ରତିନିଧି ଭାବରେ ସେ ବହୁବର୍ଷ କାର୍ଯ୍ୟ କରିଥିଲେ। ସମାଜସେବା ତାଙ୍କର ଶିରା ପ୍ରଶିରାରେ ପ୍ରବାହିତ ହେଉଥିଲା। ନିଜ ଜୀବଦ୍ଦଶାରେ ସେ ଅଗଣିତ ଅନୁଷ୍ଠାନ ଗଢିଛନ୍ତି। ବହୁ ଅନୁଷ୍ଠାନ, ସାମାଜିକ ଆନ୍ଦୋଳନର ସେ ଥିଲେ ମୁଖ୍ୟ ପୁରୋଧା। ଦଳମତ ଓ ସାମାଜିକ ପ୍ରତିଷ୍ଠା ନିର୍ବିଶେଷରେ ପିଲାଠୁଁ ବୃଦ୍ଧଙ୍କ ପର୍ଯ୍ୟନ୍ତ ଜିଲ୍ଲାପାଳ, ମନ୍ତ୍ରୀ,ସାଂସଦ, ବିଧାୟକ, ସାଧାରଣ ପିଅନ ବା ଗାଁଗହଳିର ମଳିମୁଣ୍ଡିଆ ମଣିଷଙ୍କର ସେ ଥିଲେ ଆଦରର ଅତି ଆପଣାର ଚିତ୍ତଭାଇ। ଥଟ୍ଟାମଜାରେ ଭରପୁର ଖୁସିବାସିଆ ମିଜାଜର ଚିତ୍ତଭାଇ ଥିଲେ ଅଜାତଶତ୍ରୁ। ବହୁ ଖ୍ୟାତି, ସମ୍ମାନ ସେ ଅର୍ଜନ କରିଛନ୍ତି। ତାଙ୍କ ରଚିତ କିଛି କଥା, କିଛି କବିତା ବାଲେଶ୍ୱରର ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ବିପୁଳ ପାଠକୀୟ ଆଦୃତି ଲାଭ କରିଛି। ସରଳ, ନିଷ୍କପଟ, ନିରାଡ଼ମ୍ବର, ନିରଳସ ଚିତ୍ତରଞ୍ଜନଙ୍କର ଶରୀରକୁ ବାର୍ଦ୍ଧକ୍ୟ ଛୁଇଁଥିଲା ସତ ମାତ୍ର ମନ ଓ ହୃଦୟରେ ସେ ଥିଲେ ପ୍ରାଣବନ୍ତ ଉଦ୍ଦାମ ଚିର ତରୁଣ। ପାରମ୍ପରିକ ପୋଷାକ ଧୋତି, ପାଇଜାମା, କୁର୍ତ୍ତା ତାଙ୍କର ପ୍ରିୟ ପରିଧାନ। ଗାଆଁ ଲୋକଙ୍କର ମୁରବୀ, ପୁଅ ଝିଅଙ୍କର ସ୍ନେହବନ୍ତ ବାପା, ସବୁ ସାମ୍ବାଦିକଙ୍କ ଆଦରର ଚିତ୍ତଭାଇଙ୍କର ବିୟୋଗରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ସମେତ ବାଲେଶ୍ୱରର ସବୁ ସାମ୍ବାଦିକ, ରେମୁଣା ବ୍ଲକର ବହୁ ସଂଗଠନ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।

# ବିଷମକଟକରେ ୭୭.୯୩% ମତଦାନ

**ବିଷମକଟକ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳୀରେ ଶାନ୍ତିଶୃଙ୍ଖଳାର ସହ ସରିଛି ଭୋଟ ଗ୍ରହଣ। ସୋମବାର ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟିଂ ସମୟ ଥିଲା ବେଳେ କିଛି ବୁଥ୍‌ରେ ସନ୍ଧ୍ୟା ସାତଟା ଯାଏ ଭୋଟିଂ ଚାଲୁ ରହିଥିଲା। ବିଷମ କଟକ ନିର୍ବାଚନ ମଣ୍ଡଳୀରେ ମୋଟ ୨୯୩ଟି ବୁଥ୍ କରାଯାଇଥିଲା। ଗୋଟିଏ ୨ଟି ବୁଥ୍‌ରେ ଇଭିଏମ ଅଚଳ ହୋଇଥିବା ବେଳେ ତୁରନ୍ତ ବଦଳାଇ ଭୋଟ ଗ୍ରହଣ କରାଯାଇଥିଲା। ବିଷମ କଟକ ନିର୍ବାଚନ ମଣ୍ଡଳୀରେ ମୋଟ ୭୭.୯୩ ପ୍ରତିଶତ ଭୋଟ ପଡିଥିଲା। ଏହି ଆସନ ପାଇଁ ଚାରିଟି ବ୍ଲକ ବିଷମ କଟକ, କଲ୍ୟାଣସିଂହପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ୍‌ରେ ମୋଟ ୮ ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି। ବୁଥ୍ ମାନଙ୍କରେ ଇଭିଏମ ସିଲ୍ ହୋଇଛି।

# ଝାରସୁଗୁଡ଼ାରେ ବିଜେଡିର ମାରାଥନ ପ୍ରଚାର

**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ଝାରସୁଗୁଡ଼ା ବିଧାନସଭା ଅନ୍ତର୍ଗତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ମାରାଥନ ପ୍ରଚାର ହୋଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀନୀ ସୁଶ୍ରୀ ଦୀପାଳି ଦାସ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ, ସ୍ୱଚ୍ଛ ଛବି ଓ ମହିଳା ସଶକ୍ତିକରଣ ଐତିହାସିକ ପଦକ୍ଷେପକୁ ରାଜ୍ୟ ତଥା ଦେଶର ପ୍ରତ୍ୟେକ ବର୍ଗ ଜାଣନ୍ତି। ଜିଲ୍ଲାରେ ବିଗତ ପ୍ରାୟ ୧୦ ବର୍ଷ ମଧ୍ୟରେ ହୋଇଥିବା ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିକାଶ କ୍ଷେତ୍ରରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରଚେଷ୍ଟା ଝାରସୁଗୁଡ଼ାବାସୀ ଭଲଭାବରେ ଜାଣନ୍ତି ଏବଂ ସୁଶ୍ରୀ



ଦୀପାଳି ଦାସଙ୍କ ହାତଗଣତି ମାତ୍ର କିଛି ମାସର ବିଧାୟିକା ରହିବା ସମୟରେ ହେଇଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରତିଶୃତି ଦେବା ସହ ବିଜେଡିକୁ ବିପୁଳ ମାତ୍ରାରେ ଭୋଟ୍ ଦେଇ ବିଜୟୀ କରିବାକୁ ପ୍ରାର୍ଥନା କରିଛନ୍ତି। ଲହି କାର୍ଯ୍ୟକ୍ରମ ମଧ୍ୟରେ ସହରାଞ୍ଚଳର ୱାର୍ଡ ନଂ ୨ରେ ଏବଂ ଗ୍ରାମାଞ୍ଚଳର ଦଳକି ଗ୍ରାମପଞ୍ଚାୟତ, କାତିକେଲା ଗ୍ରାମପଞ୍ଚାୟତ ଓ ତାଳପଟିଆ ଏବଂ ଦୁର୍ଲଗା ଗ୍ରାମପଞ୍ଚାୟତ ଠାରେ ମାରାଥନ ପ୍ରଚାର କରିଥିବାବେଳେ ପୌରାଞ୍ଚଳର ୱାର୍ଡ ନଂ ୧୯ ଓ ୱାର୍ଡ ନମ୍ବର ୨୦ରେ ଘରକୁ ଘର ନିର୍ବାଚନୀ ପ୍ରଚାର କରାଯାଇଛି। ଚଳିତ ନିର୍ବାଚନରେ ବାଜିମାତ୍ ଉଦ୍ଦେଶ୍ୟରେ ତାରକା ପ୍ରଚାରକ ହିନ୍ଦୀ ସିନେମା ତାରକା ଭାଗ୍ୟଶ୍ରୀ ରହିଛନ୍ତି। ଷ୍ଟାର ପ୍ରଚାରକ ବଲିଉଡ୍ ଅଭିନେତା ନିଲ ନୀତିନ ମୁକେଶ ମଧ୍ୟ ପହଞ୍ଚି ମଙ୍ଗଳବାର ଦିନ ମନମୋହନ ସ୍କୁଲ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଟିଏମ ପର୍ଯ୍ୟନ୍ତ ସୁଶ୍ରୀ ଦୀପାଳି ଦାସଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ପ୍ରଚାର ପ୍ରସାର କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରାନୀ ହାତୀ ଦଳର ବରିଷ୍ଠ ନେତା ତାପସ ରାୟ ଚୌଧୁରୀ, ଜିଲ୍ଲା ସଭାପତି ରବି ସିଂ, ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ମଣ୍ଟୁ ପଣ୍ଡା, ହୃଦାନନ୍ଦ ରୋହିତଦାସଙ୍କ ସହ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



# ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ ପତ୍ର ଦାଖଲ କଲେ ମୟୂରଭଞ୍ଜ ଜିଲ୍ଲାର ବିଜେପି, ବିଜେଡ଼ି ଓ ସ୍ୱାଧୀନ ପ୍ରାର୍ଥୀ








**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ଲୋକ ସଭା ଓ ବିଭିନ୍ନ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀମାନେ ଆସି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋରଡ଼ା, ବାଙ୍ଗରିପୋଶି, ବାରିପଦା, ବଡସାହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। କିନ୍ତୁ ଚର୍ଚ୍ଚାରେ ଥିଲା ମୟୂରଭଞ୍ଜ ଜିଲ୍ଲାର ଏକମାତ୍ର ସାଧାରଣ ନିର୍ବାଚନ ମଣ୍ଡଳୀ ମୋରଡ଼ା। ଏହି ଅଣସଂରକ୍ଷିତ ଆସନ ମୋରଡ଼ା ନିର୍ବାଚନ ମଣ୍ଡଳୀ, ସମସ୍ତଙ୍କର ନଜର ଥାଏ। ଏହି ଆସନ ଉପରେ ତେବେ ସମସ୍ତ ପ୍ରାର୍ଥୀମାନେ ହଜାର ହଜାର ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ନିଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ସମର୍ଥକମାନେ ପାରମ୍ପରିକ ନାଚଗୀତ ସହିତ ଡିଜେ ଗୀତରେ ମସ୍‌ଗୁଲ ଥିବା ଦେଖିବାକୁ ମିଳିଥିଲା। ପରେ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ବିଜେଡି ପ୍ରାର୍ଥୀନୀ ପ୍ରତିନନ୍ଦା ହେଉଛନ୍ତି ମୋରଡା ନିର୍ବାଚନ ମଣ୍ଡଳୀର ବିଧାୟକ ଥିବା ରାଜକିଶୋର ଦାସଙ୍କ ଧର୍ମପତ୍ନୀ। ତେବେ ବିଜେଡି ଗଡ଼ କୁହାଯାଉଥିବା ମୋରଡାରୁ ସେ ହେଉଛନ୍ତି ପ୍ରାର୍ଥୀ। ଷଷ୍ଠ ଥର ନବୀନ ପଟ୍ଟନାୟକ କିପରି ମୁଖ୍ୟମନ୍ତ୍ରୀ ହେବେ ସେ ଏନେଇ ସଂକଳ୍ପବଦ୍ଧ ହୋଇ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ବୋଲି କହିଛନ୍ତି ପ୍ରତିନନ୍ଦା। ତାଙ୍କ ସହିତ ଥିଲେ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି, ବଡ଼ସାଇ ପ୍ରାର୍ଥୀ ଅନୁସୟା ସେଠୀ, ବାରିପଦା ପ୍ରାର୍ଥୀ ସାନନ୍ଦ ମାରାଣ୍ଡି, ବାଙ୍ଗୀରିପୋଶି ପ୍ରାର୍ଥୀ ରଂଜିତା ମାରଣ୍ଡି। ସେହିପରି ବିଜେପି ପ୍ରାର୍ଥୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ହଜାର ହଜାର ସମର୍ଥକଙ୍କ ସହିତ ଆସିଥିବା ଦେଖିବାକୁ ମିଳିଥିଲା। ତେବେ ସମର୍ଥକମାନେ ପାରମ୍ପରିକ ନାଚଗୀତରେ ମସଗୁଲ ଥିବା ବେଳେ ମହିଳା ସମର୍ଥକମାନେ ନାଚି ନାଚି ପ୍ରାର୍ଥୀଙ୍କ ସହିତ ଆସୁଥିବାର ଦେଖିବାକୁ ମିଳିଥିଲା। ତେବେ ଗତ ନିର୍ବାଚନରେ କୃଷ୍ଣଚନ୍ଦ୍ର ମହାପାତ୍ର ବିଜେଡି ପ୍ରାର୍ଥୀ ଥିବା ରାଜକିଶୋର ଦାସଙ୍କ ଠାରୁ ଅଳ୍ପ ବ୍ୟବଧାନରେ ପରାସ୍ତ ହୋଇଥିଲେ। କିନ୍ତୁ ଏଥର ମୋଦି ସରକାରଙ୍କ କାମକୁ ଲୋକେ ପ୍ରଶଂସା କରୁଥିବା ସହିତ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ମୋରଡା ବାସୀ କହିଛନ୍ତି। ପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତାଙ୍କ ସହିତ ସାଂସଦ ପ୍ରାର୍ଥୀ ନବ ମାଝୀ, ବଡସାଇ ପ୍ରାର୍ଥୀ ସନାତନ ବିଜୁଳି, ବାରିପଦା ପ୍ରାର୍ଥୀ ପ୍ରକାଶ ସରେନ, ବାଙ୍ଗିରିପୋଶି ପ୍ରାର୍ଥିନୀ ସଂଜଳୀ ମାରାଣ୍ଡି। ସେହିପରି ସ୍ୱାଧୀନ ପ୍ରାର୍ଥୀ ତଥା ଅଣ ରାଜନୈତିକ ଦଳ ଭଞ୍ଜସେନା ସମର୍ଥନରେ ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ଛିଡ଼ା ହୋଇଥିବା ସଞ୍ଜୀବ ରାଉତ ମଧ୍ୟ ଦୁଇ ଦଳକୁ ଟକ୍କର ଦେଇ ହଜାର ହଜାର ସମର୍ଥକଙ୍କ ସହିତ ଆସିଥିଲେ। ଗୋଟିଏ ପଟେ ବିଶାଳ ବାଇକ୍ ରାଲି ଆସିଥିବା ବେଳେ ଗୋଟିଏ ପଟେ ହଜାର ହଜାର ସମର୍ଥକ ଚାଲି ଚାଲି ଆସୁଥିବା ସହିତ ପାରମ୍ପରିକ ନାଚଗୀତ ମଧ୍ୟ ଚାଲିଥିବା ଦେଖିବାକୁ ମିଳିଛି। ପୂରା ମାର୍କେଟ ପରିକ୍ରମା କରି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲା ସହିତ ମୋରଡା ବିକାଶର ଧାରାକୁ ଆଧାର କରି ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। କିନ୍ତୁ ଯା'ଭିତରେ ପଛରେ ପଡିଯାଉଛି କଂଗ୍ରେସ, ଦୁଇ ଦୁଇ ଥର ଶୋଚନୀୟ ପରାଜୟ ବରଣ କରିଥିବା କଂଗ୍ରେସ ପ୍ରାର୍ଥୀ ପ୍ରଭାସ କର ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ। ସେ ତାଙ୍କର ହାତ ଗଣତି କିଛି କର୍ମୀଙ୍କୁ ନେଇ ଜିଲ୍ଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କିନ୍ତୁ ବାରିପଦା ନିର୍ବାଚନ ମଣ୍ଡଳୀର ଜାତୀୟ କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରୋମଦ ହେମ୍ବ୍ରମ ଶତାଧିକ କଂଗ୍ରେସ କର୍ମୀଙ୍କୁ ନେଇ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଭରିଥିଲେ। ସମସ୍ତେ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି, କିନ୍ତୁ ସର୍ବପୁରାତନ ଦଳ କଂଗ୍ରେସର ସେମିତି କିଛି ଉତ୍ସାହ ଦେଖିବାକୁ ମିଳିନଥିଲା।

# ଜିନ୍ଦଲ ଯୋଗାଇଛି ବନ୍ଦେ ମେଟ୍ରୋ ଟ୍ରେନ ପାଇଁ ଉଚ୍ଚ ଶକ୍ତିସମ୍ପନ୍ନ ଷ୍ଟେନ୍‌ଲେସ୍ ଷ୍ଟିଲ୍

**ଭୁବନେଶ୍ୱର/ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତରେ ଇଣ୍ଟରସିଟି ଯାତ୍ରୀସେବାକୁ ବୃଦ୍ଧି କରିବା ପାଇଁ ନିକଟରେ ଭାରତୀୟ ରେଳବାଇ ଚେନ୍ନାଇର ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍)ରୁ ପ୍ରଥମ ବନ୍ଦେ ମେଟ୍ରୋ ଟ୍ରେନ ଉନ୍ମୋଚନ କରିଛି। ଭାରତର ସର୍ବବୃହତ୍ ଷ୍ଟେନଲେସ ଷ୍ଟିଲ ଉତ୍ପାଦନକାରୀ, ଜିନ୍ଦଲ ଷ୍ଟେନଲେସ ଏହି ସମ୍ମାନଜନକ ପ୍ରକଳ୍ପ ପାଇଁ ମେଟ୍ରୋ ୨୦୧ଏଲଏନ ଗ୍ରେଡ୍‌ର ଉଚ୍ଚ ଶକ୍ତିସମ୍ପନ୍ନ ଷ୍ଟେନଲେସ ଷ୍ଟିଲ ଯୋଗାଇ ଦେଇଛି। ବନ୍ଦେ ମେଟ୍ରୋ ଟ୍ରେନ ହେଉଛି ବନ୍ଦେ ଭାରତ ଏକ୍ସପ୍ରେସର ଏକ ସ୍ୱଳ୍ପ ଦୂରତା ବିଶିଷ୍ଟ ସଂସ୍କରଣ। ପାରମ୍ପରିକ ଫେରିଟିକ ଷ୍ଟେନଲେସ ଷ୍ଟିଲ ଗ୍ରେଡ୍ ତୁଳନାରେ ଟେମ୍ପର୍ଡ ଷ୍ଟେନଲେସ ଷ୍ଟିଲ ୨୦୧ଏଲଏନ ଗ୍ରେଡ୍‌ରେ ନିର୍ମିତ। ଏହି ଟ୍ରେନ ସେଟ୍‌ଗୁଡ଼ିକର ବାହ୍ୟ ପ୍ୟାନେଲର ମୋଟେଇ ୩ ମିଲିମିଟରରୁ ୨ ମିଲିମିଟରକୁ ହ୍ରାସ ପାଇଛି, ଯାହାଫଳରେ କମ ଖର୍ଚ୍ଚରେ ହାଲୁକା ଓ ଅଧିକ ଶକ୍ତି-ଦକ୍ଷ ଟ୍ରେନ ନିର୍ମିତ ହୋଇପାରୁଛି। ଷ୍ଟେନଲେସ ଷ୍ଟିଲ ୨୦୧ଏଲ୍‌ଏନ ଗ୍ରେଡ କ୍ଷୟ ପ୍ରତିରୋଧୀ ହୋଇଥିବା ବେଳେ ଏହାର ଅଧିକ ଦୃଢ଼ତା, ସ୍ଥାୟୀତ୍ୱ ଏବଂ ଧକ୍କା-ପ୍ରତିରୋଧୀ ଗୁଣ ଯୋଗୁଁ ଯାତ୍ରୀମାନଙ୍କୁ ସର୍ବୋଚ୍ଚ ନିରାପତ୍ତା ମିଳିପାରିବ।



ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତର ରେଳ ଭିତ୍ତିଭୂମି ଓ ରୋଲିଙ୍ଗ ଷ୍ଟକ୍‌ର ଆଧୁନିକୀକରଣରେ ସାମିଲ ହୋଇପାରିଥିବାରୁ ଆମେ ଆନନ୍ଦିତ। ଭାରତୀୟ ରେଳବାଇ ପ୍ରଥମ ଥର ପାଇଁ ଫେରିଟିକ ଗ୍ରେଡ୍ ବଦଳରେ ୨୦୧ଏଲ୍‌ଏନ ଷ୍ଟେନଲେସ ଷ୍ଟିଲ୍‌କୁ ଆପଣେଇବା ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆମ ପାଇଁ ଏକ ଗୌରବର ବିଷୟ। ହାଲୁକା ଓଜନ ଏବଂ ଶକ୍ତି-ଦକ୍ଷ କାର ବଡି ଭାରତୀୟ ରେଳବାଇର କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବ ଏବଂ ଏହାର ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ। ମୋର ବିଶ୍ୱାସ ଯେ ବନ୍ଦେ ମେଟ୍ରୋ ଟ୍ରେନ ଯାତ୍ରୀମାନଙ୍କୁ ଏକ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବ ଏବଂ ଏଥିରେ ଆମେ ଭାରତୀୟ ରେଳ ସହିତ ଭାଗୀଦାର ହୋଇ ଆନନ୍ଦିତ। ବନ୍ଦେ ମେଟ୍ରୋର ଲକ୍ଷ୍ୟ ହେଉଛି ୨୫୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରୁଥିବା ସହରାଞ୍ଚଳ ଯାତ୍ରୀଙ୍କୁ ସେବା ଯୋଗାଇବା। ଦେଶବ୍ୟାପୀ ୧୨୦ରୁ ଅଧିକ ସହରକୁ ସଂଯୋଗ କରିବ ଏବଂ ଚଳିତ ବର୍ଷ ଜୁଲାଇରେ ଏହାର ଶୁଭାରମ୍ଭ ହେବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ମାର୍ଗଗୁଡ଼ିକ ହେଉଛି ଚେନ୍ନାଇ-ତିରୁପତି, ଭୁବନେଶ୍ୱର-ବାଲେଶ୍ୱର, ଆଗ୍ରା-ମଥୁରା, ଦିଲ୍ଲୀ-ରେୱାରୀ ଏବଂ ଲକ୍ଷ୍ନୌ-କାନପୁର।

# ପଦ୍ମଶ୍ରୀ ରଜତ କରଙ୍କ ଦ୍ୱିତୀୟ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ ସମାରୋହ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପଦ୍ମଶ୍ରୀ ରଜତ କୁମାର କର ଏକାଧାରାରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର, କବି ଓ ଅଭିନେତା ଥିବା ବେଳେ ଶ୍ରୀଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ୧୯୫୯ ରୁ ୬୨ ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଏକ ଅନନ୍ୟ ସେବକ ଭାବେ ସ୍ଥାପିତ କରିପାରିଥିଲେ। ସ୍ଥାନୀୟ ୟୁନିଟ୍ ୩ ସ୍ଥିତ ବୁଦ୍ଧ ମନ୍ଦିର ସଭା କକ୍ଷରେ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଓ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ସ୍ୱର୍ଗତ କରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସଭା ଓ ପୁସ୍ତକ ଉନ୍ମୋଚନ ସମାରୋହରେ ଉଦ୍‌ଘାଟକ ପୂର୍ବତନ ସାଂସଦ ଓ ବରିଷ୍ଠ ସ୍ତମ୍ଭକାର ଏବଂ ଅଭିନେତା ଡ ପ୍ରଶାନ୍ତ କୁମାର ନନ୍ଦ ମତ ପ୍ରକାଶ କରିଥିଲେ। ଏହି ସଭାରେ ପଦ୍ମଶ୍ରୀ କରଙ୍କ ଦ୍ୱାରା ରଚିତ ତିନୋଟି ପୁସ୍ତକ ନିଷିଦ୍ଧ ନୀଳାଚଳ ନାଟକ, ଭଞ୍ଜ ରାମାୟଣ-ବୈଦେହୀଶ ବିଳାଶ ସୌରଭ ଆଲୋଚନା ଏବଂ ଗବେଷଣାତ୍ମକ ଇଂରାଜୀ ପୁସ୍ତକ ଲର୍ଡ଼ ଜଗନ୍ନାଥ ଦ ୟୁନିକ ଡେଇଟି ଅଫ ଓଡ଼ିଶା ଉନ୍ମୋଚିତ ହୋଇଥିଲା। ମୁଖ୍ୟଅତିଥି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ରଜତ କୁମାର କରଙ୍କୁ ବାଲୁତ କାଳୁ ସଭାମାନଙ୍କରେ ଦେଖି ଭାଷା ଓ ସାହିତ୍ୟ ପ୍ରତି ତାଙ୍କ ଉତ୍ସାହରେ ଉତ୍‌ଫୁଲ୍ଲିତ ହୋଇ ଓଡ଼ିଆ ଭାଷାକୁ ଭଲ ପାଇବାକୁ ମନସ୍ତ କରିଥିଲେ। ବରେଣ୍ୟ ଅତିଥି ପଦ୍ମବିଭୂଷଣ ସୁଦର୍ଶନ ସାହୁ ରଜତ କର ଓଡ଼ିଆ ଜାତିର ନମସ୍ୟ ଏବଂ ତାଙ୍କ ସାହିତ୍ୟ ଜୀବନ ଉପରେ ଯୁବପିଢ଼ିମାନେ ଅଧ୍ୟୟନ କରିବାକୁ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ସଂସ୍କୃତି ବିଭାଗ ବିଚାର କରିବା ଉଚିତ। ସମ୍ମାନିତ ଅତିଥି ଇଂ ଚନ୍ଦ୍ରଶେଖର ନନ୍ଦ ରଜତ କରଙ୍କ ଭଞ୍ଜ ସାହିତ୍ୟ ଆନ୍ଦୋଳନରେ ଥିବା ବଳିଷ୍ଠ ଭୂମିକାର ସ୍ମୃତିଚାରଣ କରିଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଶୁଚିସ୍ମିତ ମନ୍ତ୍ରୀ ସ୍ୱର୍ଗତ କରଙ୍କ ଭାବଭରା ଭାଷଣ ଓ ଜଗନ୍ନାଥ ସଂସ୍କୃତି ଉପରେ ତାଙ୍କର ଥିବା ଗଭୀର ଜ୍ଞାନ ବିଷୟରେ ଆଲୋଚନ କରିଥିଲେ। ମୁଖ୍ୟ ବକ୍ତା ଡ ସଂଘମିତ୍ରା ମିଶ୍ର ସ୍ୱର୍ଗତ କରଙ୍କ ନାଟ୍ୟ ଜୀବନ ଉପରେ ଆଲୋକପାତ କରି କହିଥିଲେ ଯେ ଐତିହାସିକ ଚରିତ୍ରମାନଙ୍କ ଉପରେ ନାଟକ ଲେଖି ତାକୁ ଜୀବନ୍ତ କରିବାରେ ରଜତ କର ଥିଲେ ଅଦ୍ୱିତୀୟ। ଓଡ଼ିଆ ସାହିତ୍ୟ ଓ ସଂଗୀତର ଇତିହାସର ସୁରକ୍ଷା ଓ ଏହାର ବିକାଶ ଲାଗି ସ୍ୱର୍ଗତ କରଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସଂଗ୍ରାମ ସମସ୍ତଙ୍କ ଲାଗି ଏକ ପ୍ରେରଣା ବୋଲି ସଭାପତି ଶ୍ରୀ ପ୍ରହାରଜ କହିଥିଲେ। ଡାକ୍ତର ଅଂଶୁମାନ କର ସ୍ୱାଗତ ଭାଷଣ ଓ ଇଂ ରଣଜୀତ କର ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଡ. ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର ବେଦ ପାଠ କରିବା ସହ କବିତା ପାଠ କରିଥିଲେ। ଆକାଶବାଣୀର ବିଶିଷ୍ଟ କଳାକାର ପ୍ରକାଶ କୁମାର ପାଢ଼ୀ ଏକତରା ଭଜନ ପରିବେଷଣ କରିଥିଲେ ଏବଂ ସ୍ୱର୍ଗତ କରଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତିଲତା କର ପାରମ୍ପରିକ ଶିଳ୍ପୀ ସମ୍ମାନ ମଧ୍ୟ ତାଙ୍କୁ ପ୍ରଦାନ କରାଯାଇଥିଲା। ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଶେଷ ସହଯୋଗ କରିଥିବାରୁ ବିଶିଷ୍ଟ କବି ବିଭୁତି ପତି ଓ ଚିତ୍ରଶିଳ୍ପୀ ସୁଶ୍ରୀ ଶକ୍ତିସ୍ୱରୂପା ମହାପାତ୍ରଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ଶିକ୍ଷା, ସାହିତ୍ୟ, ସଂଗୀତ ଓ ସୃଜନରେ ପରିପୂର୍ଣ୍ଣ ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ବହୁମୁଖୀ ପ୍ରତିଭା ବିଷୟରେ ସଭାରେ ଉପସ୍ଥିତ ଅନେକ ବିଶିଷ୍ଟ ପାଲାଗାୟକ, ସମ୍ପାଦକ ଓ ସାହିତ୍ୟିକମାନେ ଆଲୋଚନା କରିଥିଲେ। ସମ୍ବିଦା ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ସାଗରିକ ପ୍ରହରାଜ, ଆଦ୍ୟା କର, ଦେବସ୍ମିତା ମହାପାତ୍ର, ଅଭିଷେକ ମହାନ୍ତି, ବ୍ରଜ କିଶୋର ମିଶ୍ର, ଡାକ୍ତର ଶୈଳେସ୍ୱର ନନ୍ଦ, ପ୍ରଭାତ କୁମାର ନନ୍ଦ, ପୀତବାସ ରାଉତରାୟ, ତପସ୍ୱିନୀ କର, ଅଶୋକ କୁମାର ଦାଶ, ରଶ୍ମି ସାହୁ ଆଦି ସ୍ମୃତିଚାରଣ କରିଥିବା ବେଳେ ଅମୂଲ୍ୟ କୁମାର ସ୍ୱାଇଁ, ପ୍ରଦୀପ କର, ଅନୁପ ମାର୍ଥା, ଅଂଶୁମିତା ମହାପାତ୍ର ଆଦି ସ୍ମୃତି ସଂସଦର ସଭ୍ୟମାନେ ସହଯୋଗ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ରଜତ ପ୍ରେମୀ ସାହିତ୍ୟ ଅନୁରାଗୀ ଉପସ୍ଥିତ ଥିଲେ।

# ସମ୍ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଯାଇଛି। ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଫ୍ଲୋରେନ୍ସ ନାଇଟିଙ୍ଗଲ୍‌ଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଏହି ଦିବସକୁ ପାଳନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନର୍ସମାନଙ୍କ ଦ୍ୱାରା ସଂପାଦିତ ହେଉଥିବା ରୋଗୀ ସେବା ଓ ରୋଗୀମାନେ କିଭଳି ସେମାନଙ୍କ ଉପରେ ନିର୍ଭର କରନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସୋମି ଓଡ଼ିଶା ଶାଖାର ସମ୍ପାଦିକା ପ୍ରଫେସର ଅମ୍ରିତା ଲେଙ୍କା ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ଏହି ମହତ୍ ସେବା ବିଷୟରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସିର ଆସୋସିଏଟ୍ ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଡ଼ିସ୍ନାଲ ଡିନ୍ (ଟ୍ରେନି ଆଣ୍ଡ ପ୍ଲେସ୍‌ମେଣ୍ଟ) ପ୍ରଫେସର ତପତି ଶାହା ଚଳିତ ବର୍ଷର ପ୍ରସଙ୍ଗ ଆୱାର ନର୍ସେସ୍, ଆୱାର ଫ୍ୟୁଚର, ଦ ଇକୋନୋମିକ ପାୱାର ଅଫ୍ କେୟାରର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ଆଲୋଚନାର ମଧ୍ୟ ଆୟୋଜନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯିଏ ଆପଣଙ୍କ ସାଙ୍ଗରେ ଦିନରାତି ...

ରହିଛି। ଦେବୀ ବାବୁ ଆପଣଙ୍କ ଅଞ୍ଚଳର ଜଣେ ଜନପ୍ରିୟ ପରିଶ୍ରମୀ ନେତା। ଦୁଇଜଣଙ୍କ ଜରିଆରେ ବଡ଼ମ୍ବା-ନରସିଂହପୁରର ବହୁତ ବିକାଶ ଘଟିବ। ବଡ଼ମ୍ବା ନିର୍ବାଚନ ମଣ୍ଡଳୀରେ ମନ୍ଦିର ବିକାଶ ପାଇଁ ସବୁଠୁଁ ଅଧିକ ଟଙ୍କା ଦିଆଯାଇଛି। ମାଆ ଭଟ୍ଟାରିକା ମନ୍ଦିର ବିକାଶ ପାଇଁ ୮.୫୦ କୋଟି ଟଙ୍କା, ମାଆ ପ୍ରଗଳା ପୀଠର ବିକାଶ ପାଇଁ ୫.୩୦ କୋଟି ଟଙ୍କା, ସିଂହନାଥ ପୀଠର ବିକାଶ ପାଇଁ ୫.୩୦ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୧୪୦ କୋଟି ଟଙ୍କାରେ ଗୋପୀନାଥପୁର-ବୈଦେଶ୍ୱର ଟି-ବ୍ରିଜ୍ ନିର୍ମାଣ । ବଡ଼ମ୍ବାରେ ପିଇବା ପାଣି ସମସ୍ୟା ଦୂର ହେବ। ନବୀନ ବାବୁ ଥିବା ପର୍ଯ୍ୟନ୍ତ କାହା ସହିତ ଅନ୍ୟାୟ ହେବାକୁ ଦେବେ ନାହିଁ। ଏଥିସହ ବଡ଼ମ୍ବା-ନରସିଂହପୁର ବିକାଶର ହିସାବ ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ। ସେହିପରି, ବାଙ୍କୀରେ ପ୍ରଚାର ବେଳେ ପାଣ୍ଡିଆନ ବିଜେଡି ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଥିଲେ । ସେଠାରେ ମଧ୍ୟ କହିଥିଲେ ଯେ, ନିର୍ବାଚନ ଆସିଲେ ବଡ ବଡ ନେତାମାନେ ଆସିବେ। ଟ୍ୟୁରିଷ୍ଟ ଭଳିଆ ସେମାନେ ଆସିବେ, ପଳେଇବେ। ୫ ବର୍ଷ ଖୋଜିବେ ପାଇବେ ନାହିଁ । ହେଲେ ବିଜେଡିର ଦୁଇ ପ୍ରାର୍ଥୀଙ୍କୁ ବନ୍ଧୁ ବୋଲି କହି, ଏ ଦୁଇ ଜଣ ବନ୍ଧୁ ୨୪ ଘଣ୍ଟା ଆପଣଙ୍କ ପାଇଁ କାମ କରିବେ ବୋଲି କହିଥିଲେ ପାଣ୍ଡିଆନ୍। ଏଥିସହିତ ନୂଆ ଓଡ଼ିଶାରେ ବାଙ୍କୀ ନିର୍ବାଚନ ମଣ୍ଡଳୀ ଗୋଟେ ବହୁତ ସ୍ୱତନ୍ତ୍ର ପରିଚୟ ପାଇବ । ନୂଆ ଓଡ଼ିଶାରେ ପାଦ ପଡୁଛି, ବାଙ୍କୀ ମାଟିରେ ମେଟ୍ରୋ ରେଳ ଆସୁଛି ବୋଲି ପାଣ୍ଡିଆନ୍ କହିଛନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଶହେ ବର୍ଷକୁ ଆଗକୁ ନେଇ, ନମ୍ବର ଏକ କରିବାକୁ ଦିନ ରାତି ଖଟୁଛନ୍ତି । ହେଲେ ବିଜେପିର ମାନିଫେଷ୍ଟୋ କିନ୍ତୁ ଓଡ଼ିଶାକୁ ୨୫ ବର୍ଷ ପଛକୁ ନେଇଯିବ। ୨୫ ତାରିଖ ଭୋଟରେ ଆପଣମାନେ ଦେଖେଇବେ। ୨୫ ବର୍ଷ ପଛକୁ ଯିବାର ଅଛି କି, ୨୫ ବର୍ଷ ଆଗକୁ ଯିବାର ଅଛି । ଏଥିସହିତ ଓଡ଼ିଶା ଦୌଡିବ, ଆଗୁଆ ରାଜ୍ୟ ହେବ। ବାଙ୍କୀ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ପାଇବ ବୋଲି କାର୍ତ୍ତିକ ପାଣ୍ଡିଆନ କହିଛନ୍ତି।

## ୩.୦୨ କୋଟି ଟଙ୍କା ସମ୍ପତ୍ତିର...

୫୨,୯୨୦ ଟଙ୍କା ରହିଛି। ତେବେ ତାଙ୍କ ମାଲିକାନାରେ କୌଣସି କାର୍, ଜମି କିମ୍ବା ଘର ନାହିଁ। ମୋଦି ତାଙ୍କ ପତ୍ନୀଙ୍କ ନାଁ ଯଶୋଦାବେନ ବୋଲି ଉଲ୍ଲେଖ କରିଛନ୍ତି। ମୋଦି ଗୁଜରାଟ ବିଶ୍ୱବିଦ୍ୟାଳୟରୁ ଏମଏ ଡିଗ୍ରୀ ହାସଲ କରିଥିବା ସତ୍ୟପାଠରେ କହିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ସେ ଆର୍ଟସ ଡିଗ୍ରୀ ୧୯୭୮ରେ ହାସଲ କରିଛନ୍ତି। ୧୯୬୭ରେ ମୋଦି ଗୁଜରାଟ ବୋର୍ଡରୁ ଏସଏସସି ପରୀକ୍ଷା ପାସ୍ କରିଥିଲେ। ବ୍ୟାଙ୍କରେ ରଖିଥିବା ଜମାରୁ ମିଳୁଥିବା ସୁଧ ଓ ସରକାରଙ୍କ ତରଫରୁ ମିଳୁଥିବା ଦରମା ହିଁ ମୋଦି ତାଙ୍କର ଆୟ ଭାବେ ଦର୍ଶାଇଛନ୍ତି। ସେ ପତ୍ନୀଙ୍କ ଆୟ ସମ୍ପର୍କରେ କିଛି ଜାଣି ନଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ପତ୍ନୀଙ୍କ ପ୍ରଫେସନ ସମ୍ପର୍କରେ ମୋଦି ଜାଣି ନାହାନ୍ତି। ମୋଦିଙ୍କ ନାଁରେ କୌଣସି ଅପରାଧିକ ମାମଲା ନାହିଁ କିମ୍ବା କୌଣସି ଋଣ ତାଙ୍କ ମୁଣ୍ଡରେ ନାହିଁ। ପ୍ରଧାନମନ୍ତ୍ରୀ ସତ୍ୟପାଠରେ ଆହୁରି କହିଛନ୍ତି ଯେ ୨୦୧୮-୧୯ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ରେ ତାଙ୍କ ଟିକସ ଯୁକ୍ତ ଆୟର ପରିମାଣ ଦୁଇ ଗୁଣ ହୋଇଛି। ୨୦୧୮-୧୯ରେ ଏହା ୧୧ ଲକ୍ଷ ଟଙ୍କା ଥିବା ବେଳେ ୨୦୨୨-୨୩ରେ ୨୩.୦୫ ଲକ୍ଷ ଟଙ୍କା ହୋଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କରେ ମୋଦିଙ୍କ ଦୁଇଟି ଆକାଉଣ୍ଟ ରହିଛି। ଗାନ୍ଧିନଗର ବ୍ରାଞ୍ଚରେ ମୋଦିଙ୍କ ନାଁରେ ୭୩,୩୦୪ ଟଙ୍କା ଓ ବାରାଣସୀ ଆକାଉଣ୍ଟରେ ତାଙ୍କ ଜମା ପରିମାଣ ୭,୦୦୦ ଟଙ୍କା। ଏସ୍‌ବିଆଇରେ ସେ ୨,୮୫,୬୦,୩୩୮ ଟଙ୍କା ସ୍ଥାୟୀ ଜମା ଆକାରରେ ରଖିଛନ୍ତି।

## ପୃଥିବୀ ଆଡ଼କୁ ଆସୁଛି ...

ଏଜେନ୍ସି କହିଛି ଯେ ବୁଧବାର ସୌର ଝଡ଼ ପୃଥିବୀକୁ ଧକ୍କା ଦେବାର ସମ୍ଭାବନା କମ୍। ନାସା ସନ୍ ଆଣ୍ଡ ସ୍ପେସ୍ ର 'ଏକ୍ସ' ହ୍ୟାଣ୍ଡେଲ୍ ମଧ୍ୟ ଏହି ଖବରକୁ ସେୟାର କରି କହିଛି ଯେ ମେ' ୧୩ ତାରିଖରେ ଏମ୍ ୬.୬ ଶ୍ରେଣୀର ସୌରଝଡ଼ ଆରମ୍ଭ ହୋଇଥିଲା। ବାସ୍ତବରେ, ସୂର୍ଯ୍ୟ ଶକ୍ତିଶାଳୀ ଫ୍ଲେୟାର ବା ବିକିରଣ ନିର୍ଗତ କରୁଛି, ଯେଉଁଥିରେ ବିପୁଳ ପରିମାଣର ଚାର୍ଜ କଣିକା ରହିଥାଏ ଓ ତାହା ପୃଥିବୀର ତୀବ୍ର ଚୁମ୍ବକୀୟ କ୍ଷେତ୍ର ଯୋଗୁଁ ଟାଣିହୋଇଆସିଥାଏ । ଏନଓଏଏ କହିଛି ଯେ ଏହା ଏକ ଶ୍ରେଣୀର ଜି-୨ ଜିଓମ୍ୟାଗ୍ନେଟିକ୍ ଝଡ଼ ଯାହାର ତୀବ୍ରତା ମଧ୍ୟମ ଧରଣର ରହିଛି। ଏହା ପ୍ରତି ସୌର ଚକ୍ରରେ ପ୍ରାୟ ୬୦୦ ଥର ହୋଇଥାଏ । ସୌରଝଡ଼ ପୃଥିବୀ ଚାରିପଟେ ବୁଲୁଥିବା ସାଟେଲାଇଟଠାରୁ ଆରମ୍ଭ କରି ଭୂପୃଷ୍ଠରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ପ୍ରଭାବିତ କରିପାରେ। ଏହି ଶକ୍ତିଶାଳୀ ବିକିରଣ ମଧ୍ୟ ମହାକାଶରେ ମହାକାଶଚାରୀମାନଙ୍କ ପାଇଁ ବିକିରଣ ବିପଦ ସୃଷ୍ଟି କରିପାରେ ଏବଂ ପାୱାର ଗ୍ରିଡ୍‌କୁ ବ୍ୟାହତ କରିପାରେ ।

## ଆଜି ଓଡ଼ିଶା ଆସିବେ ଅମିତ ଶାହ...

ଲୋକପ୍ରିୟତା ବଢ଼ିଯିବ। ଓଡ଼ିଶାର ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ବିଜେପି ସରକାର ଆସିବାର ଅଛି। ବିଜେପି ମାତ୍ର ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିପାରିବ। ଆମେ ଲୁଗା କାରଖାନା କରି କପାଚାଷୀଙ୍କ ବିକାଶ କରିବୁ। କେନ୍ଦ୍ରର ଅନୁଦାନକୁ ରାଜ୍ୟ ସରକାର ନିଜର ଫଟୋ ଦେଇ ଲୋକପ୍ରିୟତା ହାସଲ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ଶାହ କହିଥିଲେ।

## ମୌସୁମୀ ଏଥର ୩ଦିନ...

ପହଞ୍ଚିବ । ମହାରାଷ୍ଟ୍ରରେ ମୌସୁମୀ ଜୁନ୍ ୧୦ ସୁଦ୍ଧା ପହଞ୍ଚିପାରେ, ତା'ପରେ ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଏବଂ ବିହାରରେ ଜୁନ୍ ୧୫ ସୁଦ୍ଧା ପହଞ୍ଚିପାରେ। ଜୁନ୍ ୨୦ ସୁଦ୍ଧା ଗୁଜୁରାଟର ଆଭ୍ୟନ୍ତରୀଣ ଅଞ୍ଚଳ, ମଧ୍ୟପ୍ରଦେଶର କେନ୍ଦ୍ରୀୟ ଅଞ୍ଚଳ ଏବଂ ଉତ୍ତରପ୍ରଦେଶର ବିଭିନ୍ନ ଅଞ୍ଚଳରେ ମୌସୁମୀ ପହଞ୍ଚିବ ବୋଲି ଆଶା କରାଯାଉଛି। ଯଦିଓ ପାଣିପାଗ ବିଭାଗ ଏସବୁ ରାଜ୍ୟରେ ମୌସୁମୀର ଆଗମନ ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରି ନାହାନ୍ତି। କିନ୍ତୁ ବିଭାଗ ପକ୍ଷରୁ କ୍ରମାଗତ ଭାବରେ ମୌସୁମୀର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଜୁନ୍ ୨୫ ସୁଦ୍ଧା ହିମାଚଳ ପ୍ରଦେଶ, ଉତ୍ତରପ୍ରଦେଶ ଏବଂ କଶ୍ମୀରରେ ଏବଂ ଜୁନ୍ ୩୦ ସୁଦ୍ଧା ରାଜସ୍ଥାନ, ଦିଲ୍ଲୀ, ହରିୟାଣା ଏବଂ ପଞ୍ଜାବରେ ମୌସୁମୀ ପହଞ୍ଚିବ ବୋଲି ଆଶା କରାଯାଉଛି। ଜୁଲାଇ ୮ ସୁଦ୍ଧା ମୌସୁମୀ ସମଗ୍ର ଦେଶରେ ପହଞ୍ଚିବ ବୋଲି ଆଶା କରାଯାଉଛି।

## @୧୯ ଫଳାଫଳର...

ଜୋର୍‌ରେ ବର୍ଷିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳର ଅନ୍ୟନେତାମାନେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ୍ କରି ସମାଲୋଚନା ମଧ୍ୟ କରିଥିଲେ। ଭୋଟରଙ୍କୁ ପ୍ରଭାବିତ କଲା ଭଳି ପ୍ରଚାର ହୋଇଥିଲେ ମଧ୍ୟ ତାହାର ବିଶେଷ ପ୍ରଭାବ ଅନୁଭୂତ ହୋଇନଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କ ଓଡ଼ିଶା ଗସ୍ତ ଓ ପ୍ରଚାର ବେଳେ ଯଦିଓ ବିଜେପି ନେତା ପ୍ରାର୍ଥୀ ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରି ଯାଇଥିଲା ତେବେ ଏହାର ଫଳ ଭୋଟ୍‌ରେ ପ୍ରତିଫଳନ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନଥିଲା। ହେଲେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କ ପାଲଟା ପ୍ରଚାର ଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ପ୍ରଚାରର ପ୍ରଭାବ ବିଶେଷ ଅନୁଭୂତ ହୋଇନଥିବା ଚର୍ଚ୍ଚା ହେଉଛି। ପ୍ରଥମ ପର୍ଯ୍ୟାୟର ମତଦାନର ଫଳାଫଳ ସମ୍ପର୍କରେ ଉଭୟ ପକ୍ଷର ନେତାମାନେ ଆଗୁଆ ଆକଳନ କରିବା ସହ ଦାବି ମଧ୍ୟ ଉଠାଇଲେଣି। ବିଜେପିର ବରିଷ୍ଠ ନେତାମାନେ କହିଲେଣି ପ୍ରଥମ ପର୍ଯ୍ୟାୟରେ ହୋଇଥିବା ୪ଟି ଯାକ ଲୋକସଭା ଆସନ ଏବଂ ୨୮ ବିଧାନସଭା ଆସନ ମଧ୍ୟରୁ ୧୮ଟିରେ ଦଳ ସଫଳତା ପାଇବ। ହେଲେ ବିଜେଡିର ଦାବି ହେଉଛି ୪ଲୋକସଭା ଆସନ ଏବଂ ୨୪ ବିଧାନସଭା ଆସନ। ୫-ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ଶ୍ରୀ ପାଣ୍ଡିଆନ ମଧ୍ୟ ଏପରି ଆକଳନ କରିଛନ୍ତି। କେବଳ ବିଜେଡି କିମ୍ବା ବିଜେପି ପ୍ରାର୍ଥୀ ନୁହଁନ୍ତି, ଅନ୍ୟ ରାଜନୈତିକ ଦଳର ଏପରିକି କଂଗ୍ରେସ ଦଳର ପ୍ରାର୍ଥୀ ମଧ୍ୟ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜିତିବା ନେଇ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଯେକୌଣସି ନିର୍ବାଚନ ମଣ୍ଡଳୀରୁ ଗୋଟିଏ ଦଳରୁ ଜଣେ ହିଁ ପ୍ରାର୍ଥୀ ଜିତିବେ। ହେଲେ ଏଥର ହୋଇଥିବା ନିର୍ବାଚନରେ ଅଧିକାଂଶ ପ୍ରାର୍ଥୀ ଜିତିବା ନେଇ ଦାବି ରଖିଛନ୍ତି। ଉଭୟ ବିଜେଡି ଏବଂ ବିଜେପିର ବରିଷ୍ଠ ନେତାମାନେ ସେମାନଙ୍କ ଦଳ ଏଥର ସ୍ପଷ୍ଟ ବହୁମତ ପାଇ ସରକାର ଗଢ଼ିବାକୁ ଯାଉଥିବା ସମ୍ପର୍କରେ ମଧ୍ୟ କହିବା ଆରମ୍ଭ କଲେଣି। ତେବେ ଜୁନ୍ ୪ତାରିଖ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହାର ସ୍ପଷ୍ଟ ଚିତ୍ର ମିଳିପାରିବ।

## ଏଡିଆର୍ ରିପୋର୍ଟ: ୮୭ ଜଣଙ୍କ...

କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ତୃତୀୟରେ ନବୀନ ପଟ୍ଟନାୟକଙ୍କ ରହିଛି ୭୧ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି। ସବୁଠାରୁ କମ୍ ସମ୍ପତ୍ତି ଥିବା ପ୍ରାର୍ଥୀ ହେଉଛନ୍ତି ବୌଦ୍ଧର ସ୍ୱାଧୀନ ପ୍ରାର୍ଥୀ ପ୍ରଦୀପ ସାହୁ। ତାଙ୍କର ରହିଛି ୭୦୦୦ ଟଙ୍କାର ସମ୍ପତ୍ତି।

# କେନ୍ଦୁଝର ସହରରେ ବିଜେପି ପ୍ରାର୍ଥୀଙ୍କ ଭୋଟ ଭିକ୍ଷା

**କେନ୍ଦୁଝର, ନ୍ୟୁଜ୍**

ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଏବଂ କେନ୍ଦୁଝର ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ ସୋମବାର ଦିନ କେନ୍ଦୁଝର ସହରର ୧୪ ଏବଂ ୧୫ ନଂ ୱାର୍ଡରେ ପଦଯାତ୍ରା କରି ଭୋଟ ଭିକ୍ଷା କରିବା ସହିତ ଓଡ଼ିଶାରେ ବିଜେପି ସରକାର କରିବା ସହିତ ତୃତୀୟ ଥର ପାଇଁ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର କରିବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ। କେନ୍ଦୁଝର ସହରର ଜେଲ୍‌ରୋଡ଼ ସ୍ଥିତ ନୂଆଁସାହି ନିକଟରୁ ଏହି ପଦଯାତ୍ରା ବାହାରି ନିକଟସ୍ଥ କଲୋନୀ ଏବଂ ପରବର୍ତ୍ତୀ ସମୟରେ ମାଧପୁର ଅଞ୍ଚଳର ବିଭିନ୍ନ ଘରେ ଘରେ ଯିବା ସହିତ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ପରେ କାଳୀ ମନ୍ଦିର ତଥା ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେବା ସହିତ ସହରର ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନୀମାନଙ୍କ ସହିତ ହାତ ମିଶାଇ ସମର୍ଥନ ଲୋଡ଼ିଥିଲେ ପ୍ରାର୍ଥୀ ଦୁହେଁ। ଏହି ପଦଯାତ୍ରାରେ କେନ୍ଦୁଝର ନଗରପାଳ ନିକୁ ସାହୁ ଏବଂ ସମସ୍ତ କାଉନସିଲର ତଥା ବିଜେପି ନଗର ମଣ୍ଡଳ ସଭାପତି ବିଶ୍ୱଜିତ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ଯୁବମୋର୍ଚ୍ଚାର ଜିଲ୍ଲା ଉପସଭାପତି ଆନିନ୍ଦ୍ୟ ବେହେରା, ଯୁବନେତା ପ୍ରିୟବ୍ରତ ଜେନା, ଅସିତନନ୍ଦନ ମହାନ୍ତି, ରାଜେନ୍ଦ୍ର ପାତ୍ର, ରାଜେନ୍ଦ୍ର ନାୟକ ସହ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଜେପିର ଏହି ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଥିଲେ।

# ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଙ୍ଗ ଧରିଲେ ସ୍ତ୍ରୀ ଓ ଝିଅ

**ସୋନପୁର, ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନ ୨୦୨୪ର ପ୍ରଚାର ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେଡିର ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କ ପାଇଁ ସ୍ତ୍ରୀ ବୀଣାପାଣି ପୂଜାରୀ ଓ ଝିଅ ସିନ୍ଧୁନନ୍ଦିନୀ ନାୟକ ସୋନପୁର ପୌରପରିଷଦ ଅଞ୍ଚଳରେ ଭୋଟ ଭିକ୍ଷା କରିଛନ୍ତି। ସନ୍ଧ୍ୟାରେ ଉଭୟ ଶତାଧିକ ମହିଳା ଓ ନିର୍ବାଚିତ ଲୋକପ୍ରତିନିଧି, ବିଜେଡିର ଦଳୀୟ ନେତା ଓ କର୍ମୀ, ସମର୍ଥକଙ୍କ ସହ ମିଶି ବିଭିନ୍ନ ୱାର୍ଡକୁ ଯାଇ ଭୋଟ ଭିକ୍ଷା କରିଥିଲେ। ସହରରେ ବୀଣାପାଣି ପୂଜାରୀ ଓ ସିନ୍ଧୁନନ୍ଦିନୀ ନାୟକ ପଟାଭାଡି, ଖଦାଳପଡା, ନୂଆପଡା, ଗଡଭିତର ଓ ଢେରାପଡ଼ାରେ ବୁଲିବା ସହ ଲୋକଙ୍କୁ ପୁସିଂ କାର୍ଡ ବାଣ୍ଟି ନିରଞ୍ଜନ ପୂଜାରୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରେ ବିଧାନସଭା ଆସନ ପ୍ରାର୍ଥୀ ହୋଇଥିବାରୁ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଅଧିକ ସମୟ ସେପଟେ ଦେଉଛନ୍ତି ତେଣୁ ସ୍ୱାମୀଙ୍କୁ ସହାୟତା ଓ ସହଯୋଗ ପାଇଁ ସ୍ତ୍ରୀ ବୀଣାପାଣି ପୂଜାରୀ ଓ ଝିଅ ସିନ୍ଧୁନନ୍ଦିନୀ ନାୟକ ପ୍ରଚାର ମଙ୍ଗ ଧରିଛନ୍ତି। ପ୍ରଚାର ସମୟରେ ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ମିତା ନାୟକ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ମମତା ପୂଜାରୀ, ଅଭିମନ୍ୟୁ କୁଶଳ, ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ନଗର ବିଜେଡି ସଭାପତି ଜନ୍ମେଜୟ ପାତ୍ରଙ୍କ ସମେତ ଦଳୀୟ ମହିଳା କାଉନସିଲର, ସମେତ ବହୁ ମହିଳା କର୍ମୀ ସାମିଲ ହୋଇ ପ୍ରଚାର କରିଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା ସ୍କାଉଟସ୍ ଏବଂ ଗାଇଡସ୍‌ଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍‌ର ୩୬ତମ ରାଜ୍ୟ ପୁରସ୍କାର ଉତ୍ସବ ମଙ୍ଗଳବାର ରାଜଭବନର ନୂଆ ଅଭିଷେକ ହଲ୍ ପରିସରରେ ଏକ ବର୍ଣ୍ଣାଢ଼୍ୟପୂର୍ଣ୍ଣ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୯୫୦ଜଣ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର, କବ୍, ବୁଲ୍‌ବୁଲ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ପଦାଧିକାରୀ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ଉକ୍ତ ଉତ୍ସବରେ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟପାଳ ରଘୁବର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପ ସଭାପତି ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଡଃ. ମିନତୀ ବେହେରା, ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶ-ଦାତା ସନ୍ତୋଷ କୁମାର ଶତପଥୀ, ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର, ରାଜ୍ୟ କମିଶନର (ଗାଇଡ୍) ଡଃ. ସିପ୍ରା ନାୟକ, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟଙ୍କ ସମେତ ମୁଖ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଜିଲ୍ଲା ଓ ରାଜ୍ୟସ୍ତରୀୟ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ରାଜ୍ୟ ଶାଖା ଆନୁକୂଲ୍ୟରେ ବିଗତ ବର୍ଷରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ବିଭିନ୍ନ ସେବା ତଥା ଗୋଷ୍ଠୀ ଉନ୍ନୟନମୂଳକ କାର୍ଯ୍ୟ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତା ବଜାୟ ରଖିଥିବା ବିଷୟରେ ରାଜ୍ୟପାଳ ମହୋଦୟଙ୍କୁ ଅବଗତ କରାଇଥିଲେ। ମୁଖ୍ୟ ଅତିଥି ରାଜ୍ୟପାଳ, ଭାରତ ସ୍କାଉଟସ୍ ଓ ଗାଇଡସ୍ ଭଳି ଏକ ବୃହତ ସ୍ୱେଚ୍ଛାସେବୀ ସଂଗଠନ ଅତୀତରେ ବହୁ ସେବାମୂଳକ କାର୍ଯ୍ୟନିର୍ବାହ କରି ପୃଥିବୀରେ ସର୍ବବୃହତ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୂପେ ନିଜର ସ୍ଥିତି ବଜାୟ ରଖିପାରିଛି, ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତଥା ଦୁର୍ଘଟଣା ସମୟରେ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକୀୟ ସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି। ଆଉ ଭବିଷ୍ୟତରେ ନିଶ୍ଚିତ ଭାବେ ଏହାକୁ ଅତୁଟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ। ସ୍କାଉଟ ସଂଗଠନର କାର୍ଯ୍ୟକୁ ବ୍ୟାପକ କରିବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ହେତୁ ଗ୍ୟାଷ୍ଟ୍ରୋଇଣ୍ଟୋରୋଲୋଜି ଡଃ. ମନୋଜ କୁମାର ସାହୁ ଏବଂ କମାଣ୍ଡାଣ୍ଟ ୪୧ ବାଟାଲିଅନ ନରେନ୍ଦର ସିଂହଙ୍କୁ ରାଜ୍ୟପାଳ ସମ୍ମାନ ପତ୍ର ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲା ସ୍କାଉଟ ଗାଇଡ୍ ସମାବେଶ ପାଇଁ ଏବଂ ସ୍କାଉଟ ଗାଇଡ୍‌ରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଏବଂ ସ୍କାଉଟ ମାଷ୍ଟର, ଗାଇଡ୍‌କ୍ୟାପଟେନ୍‌ମାନଙ୍କୁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଚଳିତ ବର୍ଷର ଉକ୍ତ ଉତ୍ସବଟି ସଫଳତାର ସହ ସମାପନ ହୋଇଥିଲା। ଆଦର୍ଶ ଆଚରଣ ବିଧି ଲାଗିଥିବାରୁ ସଂସ୍ଥାର ସଭାପତି ଅତନୁ ସବ୍ୟସାଚୀ ନାୟକ ଏହି ସମାରୋହରେ ଅନୁପସ୍ଥିତ ଥିଲେ ମଧ୍ୟ ସମସ୍ତ ପୁରସ୍କୃତ ପ୍ରତିଭାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ମାତୃ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ରେ ସ୍ଥାନୀୟ ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଶ୍ୱ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସେଣ୍ଟ ଜାଭିୟର୍ ହାଇସ୍କୁଲ୍‌ର ଅଧ୍ୟକ୍ଷା ରଶ୍ମିତା ରାଉତରାୟଙ୍କ ତତ୍ତ୍ୱାବଧାନରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ତମନ୍ନା କାନୁନ୍‌ଗୋ, ଆଦ୍ୟାଶା ପଟ୍ଟନାୟକ ଓ ୮ମ ଶ୍ରେଣୀର ଛାତ୍ରୀ ଶିବାନୀ ଦାସଙ୍କ ସମେତ ଶିକ୍ଷୟତ୍ରୀ ଅନୀମା କର, ସୁଶ୍ରୀ ରୋଜିନା ମୁଦୁଲି, ମୋମିତା ରାୟ, ସୁଶ୍ରୀ ସୁସ୍ମିତା ସ୍ୱାଇଁ, ରୁଦ୍ର ନାରାୟଣ ସାହୁ, ସସ୍ମିତା ହାତି, ଅନୁଜା ମହାନ୍ତି, ପ୍ରଣତି ବିଶ୍ୱାଳ, ସୁଶ୍ରୀ ଦୀପିକା ଦାସ, ଦିଲ୍ଲୀପ କୁମାର ରାଣା ଓ ସୁଶ୍ରୀ ଈପ୍ସିତା ମହାନ୍ତି ସାମିଲ ହୋଇଥିଲେ। ଏହି ଅବସରରେ ହସ୍ପିଟାଲର ଡାକ୍ତର ସିଦ୍ଧାର୍ଥ ଗୌତମ ଓ ନର୍ସିଂ ସୁପରିଟେଣ୍ଡେଣ୍ଟ ଇନ୍‌ଚାର୍ଜ କମଳିନୀ ମଲ୍ଲିକଙ୍କ ସମେତ ହସ୍ପିଟାଲ୍‌ର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କେକ୍ କାଟି ଏହି ଦିବସକୁ ହସ୍ପିଟାଲ ପରିସରରେ ପାଳନ କରିଥିଲେ ଛାତ୍ରଛାତ୍ରୀ ଓ ହସ୍ପିଟାଲ୍ କର୍ମଚାରୀ।

ଭୁବନେଶ୍ୱର
୧୫ ମଇ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



କଟକ ଲୋକସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରଚାର କରିବା ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ।

## ଶିକ୍ଷା ଅଧିକାର ଆଇନ ଧାରା ୧୨(୧)(ଗ) ଅନୁଯାୟୀ

# ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଲଟେରୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଚୟନ

**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ଶିକ୍ଷା ଅଧିକାର ଆଇନ ୨୦୦୯ ଅନ୍ତର୍ଗତ ଧାରା ୧୨(୧)(ଗ) ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନେ ବେସରକାରୀ ବିଦ୍ୟାଳୟଗୁଡ଼ିକର ପ୍ରବେଶ ସ୍ତରରେ ନିଃଶୁଳ୍କ ଶିକ୍ଷା ପାଇପାରିବେ । ଏଥି ପାଇଁ ଆର.ଟି.ଇ.(RTE) ପାରଦର୍ଶୀ ପୋର୍ଟାଲରେ ଆବେଦନ ଆହ୍ୱାନ କରାଯାଇଥିଲା । ତୃତୀୟ ପର୍ଯ୍ୟାୟ ପାଇଁ ମଇ ୨ ତାରିଖରୁ ଆରମ୍ଭ କରି ୮ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆବେଦନ କରିଥିଲେ । ବେସରକାରୀ ବିଦ୍ୟାଳୟଗୁଡ଼ିକରେ ସମୁଦାୟ ୨୩୦୨ ଅନ୍‌ଲାଇନ୍ ଆବେଦନ କରାଯାଇଥିଲା ଏବଂ ଏହା ମଧ୍ୟରୁ ବ୍ଲକ୍ ଶିକ୍ଷା ଅଧିକାରୀମାନେ ମୂଳ ପ୍ରମାଣପତ୍ର ଯାଞ୍ଚ କରି ୧୭୬୮ ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରିଥିଲେ । ଯୋଗ୍ୟ ଆବେଦନ ପତ୍ରଗୁଡ଼ିକୁ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ କେନ୍ଦ୍ରୀୟ ଲଟେରୀ ମାଧ୍ୟମରେ ତା. ୧୩/୦୫/୨୦୨୪ରିଖ ୬ଟା ୩୦ ସମୟରେ ପ୍ରାଥମିକ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିଲା । ସେଥି ମଧ୍ୟରୁ ୧୫୮୯ ଜଣ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଲଟେରୀ ମାଧ୍ୟମରେ ଚୟନ କରାଯାଇଛି । ବର୍ତ୍ତମାନ ବ୍ଲକ୍ ଶିକ୍ଷା ଅଧିକାରୀମାନେ ସଂପୃକ୍ତ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ନାମ ପ୍ରଦାନ କରିବେ। ବେସରକାରୀ ବିଦ୍ୟାଳୟଗୁଡ଼ିକରେ ତା. ୧୪/୦୫/୨୦୨୪ରିଖରୁ ତା. ୩୧/୦୫/୨୦୨୪ରିଖ ମଧ୍ୟରେ ନାମ ଲେଖାଯିବ । ଏହି ନାମଲେଖା ସଂପୂର୍ଣ୍ଣ ନିଃଶୁଳ୍କ ଅଟେ ଏବଂ ବେସରକାରୀ ବିଦ୍ୟାଳୟଗୁଡ଼ିକ ମଧ୍ୟ କୌଣସି ଅର୍ଥ ଅଭିଭାବକମାନଙ୍କଠାରୁ ନେଇପାରିବେ ନାହିଁ । ଯଦି ଏହାକୁ କୌଣସି ବିଦ୍ୟାଳୟ ଖିଲାପ କରନ୍ତି, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍

# ବିଶ୍ୱ ର୍ୟାଙ୍କ ୧୬୮ ସହ କିଟ୍ ୧୧ତମ ଶ୍ରେଷ୍ଠ ଭାରତୀୟ ବିଶ୍ୱବିଦ୍ୟାଳୟ



**ଭୁବନେଶ୍ୱର,୧୪।୫**
**ନ୍ୟୁଜ ବ୍ୟୁରୋ**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ ମଙ୍ଗଳବାର ପ୍ରକାଶ ପାଇଛି। ସମ୍ମାନଜନକ ଟାଇମ୍ସ ହାୟର ଏଜୁକେସନ୍ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ ୨୦୨୪ରେ ସମଗ୍ର ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୧୬୮ ତମ ସ୍ଥାନରେ ରହିଥିବା ବେଳେ ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡିକ ମଧ୍ୟରେ ୧୧ତମ ସ୍ଥାନରେ ଅଛି। ସମଗ୍ର ଭାରତରୁ ୫୫ଟି ସରକାରୀ ଓ ଡିମ୍ଡ ବିଶ୍ୱବିଦ୍ୟାଳୟ ଏହି ର୍ୟାଙ୍କିଂରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ କିଟ୍ ୧୧ତମ ସ୍ଥାନରେ ରହିବା ସହ ଭାରତରେ ଥିବା ଡିମ୍ଡ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସମ୍ମାନଜନକ ସ୍ଥାନରେ ରହି କିଟ୍ ରାଜ୍ୟକୁ ଗୌରବାନ୍ୱିତ କରିଛି। କିଟ୍ ବିଶ୍ୱବିଦ୍ୟାଳୟ ୨୬ ବର୍ଷର ଶିକ୍ଷାନୁଷ୍ଠାନ ଓ ମାତ୍ର ୨୦ ବର୍ଷର ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହା ଭାରତର ୫୦ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ବିଶ୍ୱବିଦ୍ୟାଳୟଗୁଡିକର ସମକକ୍ଷ ହୋଇପାରିଛି। ଶିକ୍ଷାଦାନ ମାନ, ଗବେଷଣା କ୍ଷେତ୍ରରେ ସଫଳତା, ଜ୍ଞାନ ପ୍ରତିବଦଳ ଓ ଅନ୍ତର୍ଜାତୀୟ ଆଉଟ୍‌ଲୁକ୍ ଆଦି ମାନଦଣ୍ଡ ଆଧାରରେ ଟାଇମ୍ସ ହାୟର ଏଜୁକେସନ୍ ପକ୍ଷରୁ ପ୍ରତିବର୍ଷ ୟଙ୍ଗ୍ ୟୁନିଭରସିଟି ର୍ୟାଙ୍କିଙ୍ଗ୍ କରାଯାଇଥାଏ। ଏହି ସଫଳତା ପାଇଁ କିଟ୍‌ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସମାନ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କିଟ୍‌ର ଉଲ୍ଲେଖନୀୟ ସଫଳତା ପଛରେ ଡ. ସାମନ୍ତଙ୍କ ଦୂରଦୃଷ୍ଟି ଏବଂ ଉତ୍ସର୍ଗୀକୃତ ତ୍ୟାଗର ପ୍ରମୁଖ ଭୂମିକା ରହିଛି ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଭଳି ସଫଳତା ପାଇଁ ଡ. ସାମନ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମିଳିତ ପ୍ରୟାସ ପାଇଁ କିଟ୍ ମଙ୍ଗଳବାର ବିଶ୍ୱରେ ଏହି ସଫଳତା ପାଇପାରିଛି ବୋଲି ଡ. ସାମନ୍ତ କହିଛନ୍ତି।



ଭୁବନେଶ୍ୱର : ବୁଦ୍ଧ ମନ୍ଦିର ପରିସରରେ ପଦ୍ମଶ୍ରୀ ଡ. ରଜତ କୁମାର କରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଡ. ରଜତ କରଙ୍କ ଲିଖିତ 'ନିଷିଦ୍ଧ ନୀଳାଚଳ' (ନାଟକ), 'ଭଞ୍ଜ ରାମାୟଣ' (ପ୍ରବନ୍ଧ) ଏବଂ 'ଲଡ୍ ଜଗନ୍ନାଥ ଦ ୟୁନିକ୍ ଡେଇଟି ଅଫ୍ ଓଡ଼ିଶା' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟ ଅତିଥି ରାଜ୍ୟସଭା ସାଂସଦ ଡ. ପ୍ରଶାନ୍ତ କୁମାର ନନ୍ଦ, ବିଚାରପତି ଓଡ଼ିଶା ହାଇକୋର୍ଟ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ବରିଷ୍ଠ ନାଟ୍ୟକାର ଇଂ ଚନ୍ଦ୍ରଶେଖର ନନ୍ଦ, ପ୍ରାକ୍ତନ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ୨ ରାଉଣ୍ଡ ଗୁଳି ଚାଳନା ସହ ଗାଡ଼ି ଭାଙ୍ଗାରୁଜା

**କଟକ, ୧୪/୦୫ ନ୍ୟୁଜ ବ୍ୟୁରୋ**

କଟକ ଚୌଦ୍ୱାର ଥାନା ଅନ୍ତର୍ଗତ ମୁଣ୍ଡମାଳ ଛକରେ ଆତଙ୍କ। ସୋମବାର ବିଳମ୍ବିତ ରାତିରେ ୧୦ ରୁ ୧୨ ଜଣ ଯୁବକ ଏଭଳି ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ମୁଣ୍ଡମାଳ ଛକରେ ୨ ରାଉଣ୍ଡ ଗୁଳି ଫୁଟାଇବା ସହ ୪ଟି ମାଲ୍ ବୋଝେଇ ପିକଅପ୍ ଭ୍ୟାନ୍ ଗାଡ଼ି କାଚ ଏବଂ ୪ଟି ମୋଟର ସାଇକଲକୁ ଭଙ୍ଗାରୁଜା କରିଦେଇଛନ୍ତି। ସୂଚନାନୁଯାୟୀ, ସୋମବାର ବିଳମ୍ବିତ ରାତିରେ



ଚୌଦ୍ୱାର ମୁସଲିମ ସାହିର ପପୁ ଚାନ୍ଦ ନାମକ ଜଣେ ଯୁବକଙ୍କ ସହିତ ୧୦ରୁ ୧୨ ଜଣ ଯୁବକ ମୁଣ୍ଡମାଳ ଛକକୁ ଆସି ଆତଙ୍କ ଖେଳାଇଛନ୍ତି। ଏହି ଯୁବକମାନେ ମୋଟର ସାଇକେଲରେ ଆସି ମୁଣ୍ଡମାଳ ଛକ ଉପରେ ଠିଆ ହୋଇଥିବା ୪ଟି ମାଲ୍ ବୋଝେଇ ପିକଅପ୍ ଭ୍ୟାନ୍ ଗାଡ଼ି କାଚ ଏବଂ ୪ଟି ମୋଟର ସାଇକଲକୁ ଭଙ୍ଗାରୁଜା କରିଦେଇଥିଲେ। ଏହା ସହିତ ଦୁର୍ବୃତ୍ତମାନେ ଗାଡ଼ିର ମାଲିକଙ୍କ ସମେତ କର୍ମଚାରୀମାନଙ୍କୁ ଆକ୍ରମଣ କରିବା ସହ ଦୁଇ ରାଉଣ୍ଡ ଗୁଳି ଫୁଟାଇ ଫେରାର ହୋଇଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଚୌଦ୍ୱାର ପୋଲିସ ଦୁର୍ବୃତ୍ତମାନଙ୍କୁ ଖୋଜାଖୋଜି କରୁଛି।

# ଧର୍ମେନ୍ଦ୍ରଙ୍କ ପଦୋନ୍ନତି ହୋଇ ସୁପର ମିଛୁଆ ହୋଇଛନ୍ତି : ବିଜେଡି

**ଭୁବନେଶ୍ୱର, ୧୪/୦୫ ନ୍ୟୁଜ ବ୍ୟୁରୋ**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣି ଟାର୍ଗେଟ କଲା ବିଜେଡି । ୨୦୧୯ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମିଛୁଆ ଭାବେ ଜାଣିଥିଲୁ । ଏଥର ତାଙ୍କର ପଦୋନ୍ନତି ହୋଇ ସୁପର ମିଛୁଆ ହୋଇଛନ୍ତି। ତିନି ଦିନ ତଳେ ସେ ଏକ ପ୍ରେସ୍‌ମିଟ୍ କରି କହିଥିଲେ ଯେ ନବକଳେବର କାମ ପାଇଁ କେନ୍ଦ୍ର ସରକାର ୫୦ କୋଟି ଟଙ୍କା ଦେଇଥିଲେ। କିନ୍ତୁ ଏହା ମିଛ ବୋଲି କହିଛି ବିଜେଡି । ଏକ ପ୍ରେସ୍‌ମିଟ୍‌ରେ ବିଜେଡି କହିଛି, ଆଇଟିଡିସି ମାଧ୍ୟମରେ ୧୦ କୋଟି ଟଙ୍କା ଦେଇଥିଲେ । ଏଥିରୁ ମାତ୍ର ୬.୫୦ କୋଟି ଖର୍ଚ୍ଚ କରାଯାଇଥିଲା । ହେଲେ କେନ୍ଦ୍ରମନ୍ତ୍ରୀ ଯେଉଁ ସହଯୋଗ କଥା କହୁଛନ୍ତି, ତାହା ମିଛ ଓ ଭ୍ରମାତ୍ମକ । ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ଜଗନ୍ନାଥଙ୍କୁ କେତେ ମିଛ କହିବେ ? ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଜଗନ୍ନାଥ, ସଂସ୍କୃତି କଥା କହୁଛନ୍ତି । କେନ୍ଦ୍ରମନ୍ତ୍ରୀ କହିଥିଲେ ସେମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବିରୋଧ କରନ୍ତି । ପରେ କହିଲେ ସମର୍ଥନ କରୁଛନ୍ତି । ଏହି ଦୋମୁହାଁ ନୀତି ଉପରେ ରାଜ୍ୟବାସୀ ହସୁଛନ୍ତି । ଏହି ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଫେରିବା ବେଳେ କେନ୍ଦ୍ରମନ୍ତ୍ରୀ ଅଣ୍ଡା ମାଡ଼ କରାଇଲେ । ଧର୍ମେନ୍ଦ୍ର କ'ଣ କରୁଛନ୍ତି କ'ଣ କହୁଛନ୍ତି ଜାଣି ପାରୁ ନାହାନ୍ତି । ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ପ୍ରାର୍ଥନା କରିଛି ବିଜେଡି ।

# ଡକାୟତି ପାଇଁ ପ୍ଲାନ୍ କରୁଥିବା ବେଳେ ୫ ଡକାୟତଙ୍କୁ ଧରିଲା ପୋଲିସ

**ଅନୁଗୁଳ, ୧୪/୦୫ ନ୍ୟୁଜ ବ୍ୟୁରୋ**

ଡକାୟତି ଯୋଜନା କରୁଥିବା ବେଳେ ୫ ଡକାୟତଙ୍କୁ ଗିରଫ କରିଛି ଅନୁଗୁଳ ପୁଲିସ । ସେମାନଙ୍କ ନିକଟରୁ ହାତ ତିଆରି ବୋମା ସହିତ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି । ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ହାଟ ପଡ଼ିଆରେ ଏକ ଡକାୟତ ଗ୍ୟାଙ୍ଗ କିଛି ଯୋଜନା କରୁଥିବା ଖବର ପାଇଥିଲା ପୁଲିସ । ଖବର ପାଇ ସଦଳବଳେ ଘେରାଉ କରି ପୁଲିସ ୫ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୫ଟି ହାତ ତିଆରି ବୋମା , କଟୁରୀ ସମେତ ଲୁହା ରଡ୍ ଓ ଛୁରୀ ଜବତ କରାଯାଇଥିଲା । ରାତିରେ ଯାଉଥିବା ରଡ଼ ବୋଝେଇ ଟ୍ରକ ଲୁଟ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ନୂଆହତା ଗାଁର ରିପୁନ ବେହେରା, ବବୁଲୁ ବେହେରା, ଦେବଗଡ଼ ଜିଲ୍ଲା କଣ୍ଟାଳ ଗାଁର ଅଭୟ କୁମାର ସାହୁ, ଢେଙ୍କାନାଳ ଜିଲ୍ଲା ଝାରବନ୍ଧ ଗାଁର ଚନ୍ଦନ ସାହୁ ଓ ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳର ବଳରାମ ବେହେରା। ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ବିଶ୍ୱପ୍ରସିଦ୍ଧ ରଥଯାତ୍ରା : ଚାଲିଛି ତିନି ରଥର ତୁମ୍ବ ଓ ଅର କଣ୍ଟା କାର୍ଯ୍ୟ



**ପୁରୀ, ୧୪/୦୫ ନ୍ୟୁଜ ବ୍ୟୁରୋ**

ଚଳଚଞ୍ଚଳ ହୋଇ ପଡ଼ିଛି ଶ୍ରୀନଅର ସମ୍ମୁଖ ରଥଖଳା। ତିନି ରଥର ଚାଲିଛି ତୁମ୍ବ ଓ ଅର କଣ୍ଟା କାର୍ଯ୍ୟ । ମହାପ୍ରଭୁଙ୍କ ନିକଟରେ ସମର୍ପିତ ହୋଇ ରଥ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି ବିଶ୍ୱକର୍ମା, କରତି, ମାର ଓ ଭୋଇ ସେବକ। ରଥ ଚକ ପାଇଁ ଆବଶ୍ୟକ ଥିବା ସମୁଦାୟ ୪୨ଟି ତୁମ୍ବରୁ କରତି ସେବାୟତମାନେ ବଡ଼ ବଡ଼ କାଠଗଣ୍ଡିକୁ କରତ ସାହାଯ୍ୟରେ କାଟି ୧୭ଟି ତୁମ୍ବ ବିଶ୍ୱକର୍ମା ମହାରଣାଙ୍କୁ ଯୋଗାଇଛନ୍ତି। ବିଶ୍ୱକର୍ମାମାନେ ରଥ ନିର୍ମାଣ କାର୍ଯ୍ୟର ତୃତୀୟ ଦିନରେ ୭ଟି ତୁମ୍ବ ନିର୍ମାଣ କାର୍ଯ୍ୟ ସାରିଛନ୍ତି। ତେବେ ଆଉ ତିନିଦିନ ପରେ ତୁମ୍ବରେ ଦାଗ ଦିଆଯାଇ ବିନ୍ଧ ଅନୁକୂଳ କରାଯିବ। ଏହାପରେ ବିନ୍ଧରେ ଅର ଖଞ୍ଜାଯିବା ସହ ପହି ଯୋଡା ଯାଇ ଚକ ତିଆରି ହେବ। ଗୋଟିଏ ତୁମ୍ବରେ ଚାରି ଗୋଟି ପହି ଲାଗିବ। 'ନୃସିଂହ ଚତୁର୍ଦ୍ଦଶୀରେ ରୂପକାର ସେବକମାନେ ଗୁଜ ଅନୁକୂଳ କରିବେ। ଏହାସହ ଭୋଇ ସେବକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଜନ୍ତାଗାଡ ଖୋଲି ଅର ଭୁଞ୍ଜିବା ପାଇଁ ସିଂଡ଼ା ବାଡିଆ କାର୍ଯ୍ୟର ମଧ୍ୟ ଅନୁକୂଳ କରିବେ ବୋଲି କହିଛନ୍ତି ଭୋଇ ସର୍ଦ୍ଦାର । ସେପଟେ ରଥଖଳା ଭଳି ଦୋଳବେଦୀ କମାରଶାଳ ମଧ୍ୟ ଚଳଚଞ୍ଚଳ ହୋଇପଡିଛି। ଦୋଳବେଦୀର ଅସ୍ଥାୟୀ କମାରଶାଳରେ ବେଶ୍ ନିଷ୍ଠାର ସହ କମାର ସେବକମାନେ ରଥ ନିର୍ମାଣ ପାଇଁ ଆବଶ୍ୟକୀୟ ସମସ୍ତ ଲୁହା କଣ୍ଟା ନିର୍ମାଣରେ ଲାଗି ପଡ଼ିଛନ୍ତି । ସୂଚନା ଅନୁସାରେ, ୩ଟି କମାରଶାଳରେ ପ୍ରାଥମିକ ଭାବେ ଅର କଣ୍ଟା ତିଆରି କରାଯାଉଛି। ନନ୍ଦିଘୋଷ, ଦର୍ପଦଳନ ଓ ତାଳଧ୍ୱଜ ରଥ ନିର୍ମାଣ କାର୍ଯ୍ୟରେ ପ୍ରାୟ ୭୦ ପ୍ରକାରର କଣ୍ଟା ବ୍ୟବହାର ହୋଇଥାଏ। ଅର, ପନ୍ଦାରୀ, ଦଣ୍ଡା ବିଡିଆ, ବଳା, ଘଡି ମୁହଁ, ଗରଗରା, ଗୟଳ, ଯୋଖା, ପ୍ରଭା ଆଦି ବିଭିନ୍ନ ପ୍ରକାର କଣ୍ଟା କମାରଶାଳରେ କମାର ସେବକମାନେ ପ୍ରସ୍ତୁତ କରିଥାନ୍ତି । ଆସନ୍ତା ଶ୍ରୀକ୍ଷେତ୍ର ଭଉଁରୀ ଅବସରରେ ୬ ଟି ଚକ ସହ ୩ ଟି ଅଖ ଡେରାଯିବାର ବିଧି ରହିଛି। ତେବେ ଏହାକୁ ଆଖି ଆଗରେ ରଖି ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ନିର୍ମାଣକାରୀମାନେ ବେଶ୍ ନିଷ୍ଠାର ସହ ରଥ ନିର୍ମାଣ କାର୍ଯ୍ୟ କରୁଛନ୍ତି।

# ୫ ବର୍ଷରେ ଘରେ ଥିବା ସୁନା ୪୦% ବୃଦ୍ଧି

**ନୂଆଦିଲ୍ଲୀ, ୧୪/୦୫**

କିଛି ବର୍ଷ ମଧ୍ୟରେ ଲୋକମାନଙ୍କ ଭିତରେ ସୁନା କିଣି ଘରେ ରଖିବାର ଆଗ୍ରହ ବେଶ୍ ବଢ଼ିଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ସୂଚନା ଅନୁସାରେ ଲୋକମାନେ ଘରେ ରଖିଥିବା ସୁନା ପରିମାଣ ୫ ବର୍ଷରେ ୪୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪ ମାର୍ଚ୍ଚ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ୮୨୨ ଟନ୍ ସୁନା ରହିଛି। ଲୋକମାନେ ଘରେ ୪୦୮ ଟନ୍ ସୁନା ରଖିଛନ୍ତି। ୨୦୧୯ ମାର୍ଚ୍ଚ ବେଳକୁ ରିଜର୍ଭ ବ୍ୟାଙ୍କ ଭଣ୍ଡାରରେ ୬୧୨ ଟନ୍ ସୁନା ଥିବା ବେଳେ ଲୋକମାନଙ୍କ ଘରେ ୨୯୨ ଟନ୍ ସୁନା ଥିଲା। ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ଭାଗ ୮.୧୫ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ବର୍ଷକ ପୂର୍ବରୁ ୭.୩୭ ପ୍ରତିଶତ ଥିଲା। ଭାରତ ପାଖରେ ଯେତିକି ବୈଦେଶିକ ମୁଦ୍ରା ରହିଛି ତାହା ୧୧ ମାସର ଆମଦାନି ଆବଶ୍ୟକତା ପୂରଣ କରିପାରିବ। ବୈଦେଶିକ ମୁଦ୍ରା ଭଣ୍ଡାରରେ ୬୪,୧୦୦ କୋଟି ଡଲାରର ମୁଦ୍ରା ରହିଛି।







## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଖୁଚୁରା ମୁଦ୍ରାସ୍ଫିତି ଦେଶରେ ୪.୮୩ % ଓ ଓଡ଼ିଶାରେ ୭.୧୧%କୁ ହ୍ରାସ

**ଭୁବନେଶ୍ୱର, ୧୪/୦୫**
**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଏପ୍ରିଲ୍‌ରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୪.୮୩ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଓଡ଼ିଶାର ମୁଦ୍ରାସ୍ଫୀତି ୭.୧୧ ପ୍ରତିଶତକୁ ଖସିଛି। ଦେଶର ସବୁ ରାଜ୍ୟ ତୁଳନାରେ ଓଡ଼ିଶାର ମୁଦ୍ରାସ୍ଫୀତି ସର୍ବାଧିକ ରହିଛି। ବିଶେଷଜ୍ଞମାନଙ୍କ ମତରେ ବହୁ ସାମଗ୍ରୀ ଲାଗି ଓଡ଼ିଶା ଅନ୍ୟ ଉପରେ ନିର୍ଭରଶୀଳ ରହୁଥିବାରୁ କିଣି ଖାଉଥିବା ଲୋକମାନଙ୍କୁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ଟଙ୍କା ଗଣିବାକୁ ପଡୁଛି। ସେଥିପାଇଁ ଏଠାରେ ଦରଦାମ୍ ଅଧିକ ରହୁଛି। କେନ୍ଦ୍ର ପରିସଂଖ୍ୟାନ ଓ



କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଏପ୍ରିଲ୍‌ରେ ଓଡ଼ିଶାର ଗ୍ରାମୀଣ ମୁଦ୍ରାସ୍ଫୀତି ହାର ୭.୩୮ ପ୍ରତିଶତ ରହିଥିବା ବେଳେ ସହରାଞ୍ଚଳରେ ସେହି ହାର ୬.୨୯ ପ୍ରତିଶତ ରହିଛି। ଅର୍ଥାତ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳବାସୀଙ୍କୁ ବିଭିନ୍ନ ସାମଗ୍ରୀ ଲାଗି ଅଧିକ ଟଙ୍କା ଗଣିବାକୁ ପଡୁଛି। ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନଜର ପକାଇଲେ ଜଣାପଡୁଛି ଯେ ଓଡ଼ିଶାକୁ ବାଦ ଦେଲେ ଅନ୍ୟ କୌଣସି ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ହାର ୬ ପ୍ରତିଶତରୁ ଅଧିକ ନାହିଁ। ଜାତୀୟ ହାରଠାରୁ ଆନ୍ଧ୍ରପ୍ରଦେଶ (୫.୫୯%), ଆସାମ (୫.୭୦%), ବିହାର (୫.୨୯%), ଛତିଶଗଡ଼ (୫.୭୦%), ହରିୟାଣା (୫.୬୫%), କର୍ଣ୍ଣାଟକ (୫.୪୮%), କେରଳ (୫.୩୩%), ମଧ୍ୟପ୍ରଦେଶ (୫.୩୧%), ରାଜସ୍ଥାନ (୫.୩୦%) ଓ ତେଲେଙ୍ଗାନା (୫.୬୮%)ର ମୁଦ୍ରାସ୍ଫୀତି ହାର ଅଧିକ ରହିଛି। ଦିଲ୍ଲୀର ଖୁଚୁରା ମୁଦ୍ରାସ୍ଫୀତି ହାର ସର୍ବନିମ୍ନ ୨.୧୭ ପ୍ରତିଶତ ରହିଛି। ରାଜ୍ୟର ଏଭଳି ସ୍ଥିତି ସମ୍ପର୍କରେ ମତ ରଖି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ ବିଭିନ୍ନ ଜିନିଷ ଲାଗି ଅନ୍ୟ ଉପରେ ନିର୍ଭରଶୀଳ ରହୁଥିବାରୁ ଆମ ରାଜ୍ୟରେ ଦରଦାମ୍ ଅଧିକ ରହୁଛି। ଆମଦାନି ସହିତ ପରିବହନ ଖର୍ଚ୍ଚ ମିଶିଯିବା ପରେ ଦର ବଢ଼ିବା ସ୍ୱାଭାବିକ। ରାଜ୍ୟ ସରକାର ଆମ ରାଜ୍ୟକୁ କୌଣସି ଜିନିଷରେ ଆତ୍ମନିର୍ଭରଶୀଳ କରିପାରିନାହାନ୍ତି। ଆଳୁ, ମାଛ, ଦୁଗ୍ଧ ଆଦି କ୍ଷେତ୍ରରେ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର ରହିବାକୁ ପଡୁଛି। ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ଆତ୍ମନିର୍ଭରଶୀଳ ନହୋଇଛି ସେତେଦିନ ପର୍ଯ୍ୟନ୍ତ ଆମ ରାଜ୍ୟର ମୁଦ୍ରାସ୍ଫୀତି ଅଧିକ ରହିବ ବୋଲି ସେ କହିଛନ୍ତି।

# ବାଇକ୍- ସ୍କୁଟି ମୁହାଁମୁହିଁ ଧକ୍କା ୨ ମୃତ, ୩ ଗୁରୁତର

**କେନ୍ଦୁଝର, ୧୪/୦୫ ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଏନଏଚ-୨୦୦ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋପାଳପୁର ଗ୍ରାମର ଯଦୁ ମୁଣ୍ଡା ଓ ତଣ୍ଡ ଡୁମୁରିଆ ଗାଁର ମିତ୍ରଭାନୁ ବେହେରା । ଯଦୁ ମୁଣ୍ଡା ସ୍କୁଟି ଯୋଗେ ପାଟଣା ଆଡୁ ଆସୁଥିବା ବେଳେ ମିତ୍ରଭାନୁ ବେହେରା ବାଇକ୍ ଯୋଗେ ଢେଙ୍କିକୋଟ ଆଡୁ ଆସୁଥିବା ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି । ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ମୃତାହତଙ୍କୁ ପାଟଣା ମେଡିକାଲରେ ଭର୍ତ୍ତି କରିଛନ୍ତି । ଘଟଣାର ଅଧିକ ତଦନ୍ତ କରୁଛି ପୋଲିସ ।